
◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-353 ◆SUNDAY ◆21 JUNE 2026 ◆PAGE-12+4 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୫୩ ◆ରବିବାର ◆୨୧ ଜୁନ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


# ନିର୍ମାଣାଧୀନ ମନ୍ଦିର ଛାତ ଭୁଶୁଡ଼ି ୭ ମୃତ, ୩୦ ଆହତ

## ଫସି ରହିଛନ୍ତି ୪୦ ଶ୍ରଦ୍ଧାଳୁ

■ ପରଭଣୀ, ୨୦।୬ (ଏଜେନ୍ସି): ମହାରାଷ୍ଟ୍ରର ପରଭଣୀ ଜିଲ୍ଲାର ୟଶୱାଡିଠାରେ ଆଜି ଏକ ନିର୍ମାଣାଧୀନ ହନୁମାନ ମନ୍ଦିରର ଛାତ ଭୁଶୁଡ଼ି ପଡ଼ିବା ଫଳରେ ଅତିକମରେ ୭ ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି। ଏଥିରେ ଅନ୍ୟ ୩୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୪୦ ଜଣ ଶ୍ରଦ୍ଧାଳୁ ଭଗ୍ନାବଶେଷ ତଳେ ଚାପିହୋଇ ରହିଥିବା କୁହାଯାଉଛି। ମନ୍ଦିର ପରିସରରେ ଏକ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଏହି ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ୟଶୱାଡି ଗ୍ରାମର ଏହି ନିର୍ମାଣାଧୀନ ହନୁମାନ ମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଧାର୍ମିକ ଉତ୍ସବ ପାଳନ କରୁଥିଲେ। ଏହି ସମୟରେ ହଠାତ୍ ମନ୍ଦିରର କଂକ୍ରିଟ୍ ଛାତଟି ଭୁଶୁଡ଼ି ପଡ଼ିଥିଲା, ଯାହାଫଳରେ ସେଠାରେ ଉପସ୍ଥିତ ଥିବା ଲୋକମାନେ ଧ୍ୱଂସାବଶେଷ ତଳେ ଚାପି ହୋଇଯାଇଥିଲେ। ଖବର ପାଇ ସ୍ଥାନୀୟ ପ୍ରଶାସନ ଏବଂ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ୩୦ ଜଣ ବ୍ୟକ୍ତିଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ବିଭିନ୍ନ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରୁ ପ୍ରାୟ ୬ ଜଣ ଶ୍ରଦ୍ଧାଳୁଙ୍କ ସ୍ଥିତି ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ନିର୍ମାଣ କାର୍ଯ୍ୟରେ କୌଣସି ଅବହେଳା କିମ୍ବା ନିମ୍ନମାନର ସାମଗ୍ରୀର ବ୍ୟବହାର ଯୋଗୁଁ ଏହି ଛାତଟି ଭୁଶୁଡ଼ିଛି କି ନାହିଁ, ସେ ନେଇ ଅନୁସନ୍ଧାନ କରାଯାଉଛି।



### ରାଷ୍ଟ୍ରପତିଙ୍କ ଜନ୍ମଦିନରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀଙ୍କ ୪୭,୬୦୦ କୋଟିର ପ୍ରକଳ୍ପ ଭେଟି

# ଓଡ଼ିଶା ପୂର୍ବୋଦୟର ପ୍ରବେଶ ଦ୍ୱାର

■ ବାରିପଦା, ୨୦।୬ (ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ବିଜେପି ନେତୃତ୍ୱାଧୀନ କେନ୍ଦ୍ରରେ ୧୨ ବର୍ଷ ଶାସନ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତିକୁ ନେଇ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମରେ ଦୁଇ ରାଷ୍ଟ୍ରମୁଖ୍ୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ରାଇରଙ୍ଗପୁରର ଦାଣ୍ଡବୋଷ ବିମାନ ବନ୍ଦର ନିକଟରେ ଆୟୋଜିତ କାର୍ଯ୍ୟକ୍ରମର ମଞ୍ଚରେ ଉପସ୍ଥିତ ରହି ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ୪୭,୬୦୦ କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଉଭୟ ରାଷ୍ଟ୍ରମୁଖ୍ୟ ଶକ୍ତି, ଗମନାଗମନ, ଶିଳ୍ପ, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ଓ ନଗର ଉନ୍ନୟନ କ୍ଷେତ୍ରର ମୋଟ ୭୨ଟି ପ୍ରକଳ୍ପର ମିଳିତ ଭାବେ ଉନ୍ମୋଚନ କରିଥିଲେ। ଏଥିରେ ମୁଖ୍ୟତଃ ୬୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ, ଇବ୍ ଥର୍ମାଲ୍ ପାୱାର୍ ଷ୍ଟେସନର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (ଦୁଇଟି ୬୬୦ ମେଗାୱାଟ୍ ୟୁନିଟ୍) ଓ ଝାରସୁଗୁଡ଼ାରେ ଭାରତ କୋଇଲା ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ ପ୍ରକଳ୍ପ ସାମିଲ ରହିଛି। ଭୁବନେଶ୍ୱରରେ ଏକ କମ୍ପ୍ରେସଡ୍ ବାୟୋଗ୍ୟାସ୍ ପ୍ଲାଣ୍ଟ ଓ କଟକ-ଭୁବନେଶ୍ୱରକୁ ଯୋଡ଼ୁଥିବା କାଠଯୋଡ଼ି ନଦୀ ଉପରେ ନୂତନ ସେତୁ ନିର୍ମାଣ କାର୍ଯ୍ୟ ମଧ୍ୟ ଏହି ପ୍ରକଳ୍ପର ଅଂଶବିଶେଷ। ନୂଆପଡ଼ାରୁ ଘାଟିପଡ଼ା ପର୍ଯ୍ୟନ୍ତ ୩୫୩ ନମ୍ବର ଜାତୀୟ ରାଜପଥର ୪-ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ, କୁସୁମଡିହି ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ, ରାଇରଙ୍ଗପୁରରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ ଇଣ୍ଡୋର ବ୍ୟାଡମିଣ୍ଟନ୍ କମ୍ପ୍ଲେକ୍ସର ମଧ୍ୟ ଶୁଭାରମ୍ଭ ହୋଇଛି। ଏଥିସହ ବୌଦ୍ଧରେ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୨୪ଟି ଅଟଳ ବସ୍‌ଷ୍ଟାଣ୍ଡ, ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୯ଟି ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର, ନୟାଗଡ଼ ଟାଉନ୍ ବାଇପାସ୍, ରାଇରଙ୍ଗପୁରରେ ଆଦିବାସୀ ଗବେଷଣା କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି। ଏଥିସହ ରାଜ୍ୟର ୭୩୨ କୋଟି ଟଙ୍କାର ▶ପୃଷ୍ଠା-୭



## 'ସୌର ଗ୍ରାମ' ହେବ ପାହାଡ଼ପୁର

ବାରିପଦା, ୨୦।୬ (ସମିସ): ଆଦିବାସୀ ବହୁଳ ଅଞ୍ଚଳର ବିକାଶ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି। ସୁପରିଚିତ ପାହାଡ଼ପୁର ଗାଁକୁ ଏବେ 'ସୋଲାର ଭିଲେଜ' ବା ସୌର ଗ୍ରାମରେ ପରିଣତ କରାଯିବ। ପାହାଡ଼ପୁରର ସମସ୍ତ ଗ୍ରାମବାସୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ବିଜୁଳି ଯୋଗାଇ ଦିଆଯିବ, ଯାହା ସେମାନଙ୍କ ଜୀବନଶୈଳୀରେ ବଡ଼ ପରିବର୍ତ୍ତନ ଆଣିବ। ଏଥିସହ ଆଦିବାସୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଓ ଉନ୍ନତି ପାଇଁ ସରକାର ସଦାସର୍ବଦା ଯତ୍ନବାନ ଅଛନ୍ତି ବୋଲି ସେ ଦୋହରାଇଛନ୍ତି। ସୂର୍ଯ୍ୟ ମନ୍ଦିର କୋଣାର୍କ ଭଳି ସୋଲାର ଗ୍ରାମ ପାହାଡପୁର ପ୍ରସିଦ୍ଧି ଲାଭ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି।

**ରାୟଗଡ଼ା ଲଜ୍ଜା**

# ସରକାରଙ୍କ ବର୍ଷପୂର୍ତ୍ତିରେ ବାଜୁଛି ନିନ୍ଦା ବାଜଣା


■ ଭୁବନେଶ୍ୱର/ରାୟଗଡ଼, ୨୦।୬ (ସମିସ): କେନ୍ଦ୍ରରେ ୧୨ବର୍ଷ ଓ ରାଜ୍ୟରେ ୨ ବର୍ଷ ଶାସନର ପୂର୍ତ୍ତି ଅବସରରେ ବିଜେପି ରାଜ୍ୟବାସୀଙ୍କୁ ଡବଲ୍ ଇଞ୍ଜିନ ସରକାରର ସଫଳତା ବଖାଣୁଛି। ସେପଟେ ନାରୀ ନିର୍ଯାତନା ଓ ଦୁଷ୍କର୍ମ ଘଟଣାକୁ ନେଇ ସାରା ଦେଶରେ ଓଡ଼ିଶାର ନିନ୍ଦା ବାଜଣା ବାଜୁଛି। ଓଡ଼ିଶାର ଆଇନଶୃଙ୍ଖଳା ସ୍ଥିତି ଏବଂ ନାରୀମାନଙ୍କ ସୁରକ୍ଷାକୁ ନେଇ ଜାତୀୟ ଗଣମାଧ୍ୟମଗୁଡ଼ିକ ରାଜ୍ୟ ସରକାରଙ୍କ ହୁଗୁଳା ଶାସନ ବ୍ୟବସ୍ଥାକୁ ତୀବ୍ର ସମାଲୋଚନା କରୁଛନ୍ତି। ଅତୀତର ଏକାଧିକ ନାରୀ ନିର୍ଯାତନା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ରାଜ୍ୟବାସୀଙ୍କ ମନରୁ ଲିଭି ନ ଥିବାବେଳେ ଗତ ୧୬ ତାରିଖରେ ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଅଞ୍ଚଳରେ ଦିଲ୍ଲୀର ଜଣେ ଗବେଷିକା ଯୁବତୀଙ୍କୁ ସ୍ଥାନୀୟ ଯୁବକଙ୍କ ଅଶାଳୀନ ଆଚରଣ ଓ ବିବସ୍ତ୍ର ଉଦ୍ୟମକୁ ଲୋକେ ଛି' ଛାକର କରୁଛନ୍ତି। ରାଜ୍ୟରେ ବିଜେପି ସରକାର ଆସିବା ପରଠୁ ଓଡ଼ିଶା ଏକ ହିଂସ୍ର, ଉତ୍ୟକ୍ତ ଓ ଅରାଜକ ଭୂଖଣ୍ଡରେ ପରିଣତ ହୋଇଛି ବୋଲି ସାଧାରଣରେ ଆଲୋଚନା ଜୋର୍ ଧରିଛି। ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଭୁଶୁଡ଼ି ପଡ଼ିଥିବାବେଳେ ପୁଲିସକୁ ଉଦ୍‌ଭ୍ରାନ୍ତ ଯୁବଗୋଷ୍ଠୀ ଖାତିର୍ ନ କରି ଆଇନକୁ ନିଜ ହାତକୁ ନେଉଛନ୍ତି। ଦିନକୁ ଦିନ ରାଜ୍ୟରେ ଭିଡ଼ ହିଂସା ବଢ଼ି ଚାଲିଛି। ହେଲେ ପୁଲିସ ଏହାକୁ ଭିଡ଼ ହିଂସା ବୋଲି ▶ପୃଷ୍ଠା-୭

### ଗଭୀର କ୍ଷୋଭ ପ୍ରକାଶ କଲେ ନବୀନ

## ଓଡ଼ିଶା ବିଚଳିତ, ଲଜ୍ଜିତ, ଚିନ୍ତିତ

■ ଭୁବନେଶ୍ୱର, ୨୦।୬ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ଜଣେ ଯୁବତୀଙ୍କ ସହ ଘଟିଥିବା ବର୍ବୋରଚିତ କାଣ୍ଡକୁ ନେଇ ସାରାଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ଦୁଇବର୍ଷ ଧରି ମହିଳା ହିଂସା, ଆକ୍ରମଣକୁ ନେଇ ଓଡ଼ିଶା ବିଶ୍ୱ ଦରବାରରେ ନିନ୍ଦିତ ହୋଇ ଆସୁଥିବା ବେଳେ ପୁଣିଥରେ ସମାନ ଧରଣର ଘଟଣା ରାଜ୍ୟକୁ ଦୋହଲାଇ ଦେଇଛି। ଏପରି ସ୍ୱର୍ଣ୍ଣକାତର ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ନବୀନ କହିଛନ୍ତି ଯେ ରାୟଗଡ଼ା, କଲ୍ୟାଣସିଂହପୁରରେ ଦିଲ୍ଲୀର ଛାତ୍ରୀଙ୍କ ସହ ଘଟିଥିବା ଜଘନ୍ୟ, ବର୍ବରୋଚିତ କାଣ୍ଡ ସମଗ୍ର ଓଡ଼ିଶାକୁ ବିଚଳିତ, ଲଜ୍ଜିତ ଓ ଚିନ୍ତିତ କରିଛି। ଏପରି ଦୁଃସ୍ଥିତିର ସାମ୍ନା କରିଥିବା ଛାତ୍ରୀଙ୍କୁ ମୋର ଗଭୀର ସମବେଦନା ଜଣାଉଛି। ସର୍ବସମ୍ମୁଖରେ ଛାତ୍ରୀଙ୍କ ସହ ସଂଘବଦ୍ଧ ଭାବେ ▶ପୃଷ୍ଠା-୭



> ଏ ସରକାର, ଏ ପୁଲିସ ପ୍ରଶାସନ ଏତେ ଅସହାୟ କ'ଣ ପାଇଁ
>
> କେଉଁ ମୁହଁରେ 'ବିକାଶର ଧାରା ଓଡ଼ିଶା ସାରା' କହି ଉତ୍ସବରେ ମାତିଛନ୍ତି

**ମିଳିଲାନି ରକ୍ତ**

# ଚାଲିଗଲା ଶିଶୁପୁତ୍ରର ଜୀବନ




**ପରିବାର ଓ ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ**

■ ଧର୍ମଗଡ଼, ୨୦।୬ (ସମିସ): ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଯୋଗୁଁ ଏକ ୩ ବର୍ଷର ଶିଶୁପୁତ୍ରର ଜୀବନ ଚାଲିଯାଇଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ରୁ ଆସିଛି ଏହି ଦୁଃଖଦ ଖବର। ମୃତ ଶିଶୁ ହେଉଛନ୍ତି କୋକସରା ଥାନା ଛତାଗୋହିଲା ଗ୍ରାମର ପ୍ରିୟାଂଶୁ ଦୁର୍ଗା (୩)। ସୂଚନା ଅନୁସାରେ, ଧର୍ମଗଡ଼ ମେଡିକାଲରେ ଚିକିତ୍ସା ସମୟରେ ରକ୍ତର ଆବଶ୍ୟକତା ପଡ଼ିଥିଲା। ଗତ କିଛିଦିନ ହେବ ରକ୍ତଭଣ୍ଡାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଧର୍ମଗଡ଼ ରକ୍ତଭଣ୍ଡାରରେ ରକ୍ତ ନ ଥିବାରୁ ଡାକ୍ତର ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ▶ପୃଷ୍ଠା-୭

# ପୁଣି ହର୍ମୁଜ ବନ୍ଦ କଲା ଇରାନ

■ ତେହେରାନ, ୨୦।୬ (ଏଜେନ୍ସି): ଇରାନ ଏବଂ ଆମେରିକା ମଧ୍ୟରେ ଶାନ୍ତି ବୁଝାମଣା ପରେ ସାରା ବିଶ୍ୱ ଆଶ୍ୱସ୍ତ ହୋଇଥିବା ବେଳେ ଏଥିରେ ପ୍ରତିବନ୍ଧକ ସାଜିଛି ଇସ୍ରାଏଲ। ବୁଝାମଣାରେ ରହିଥିବାର ସର୍ତ୍ତର ଉଲ୍ଲଂଘନ କରି ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ ଜାରି ରଖିଥିବାରୁ ଏଥିରେ କ୍ଷୁବ୍ଧ ହୋଇ ପୁଣି ହର୍ମୁଜ ସମୁଦ୍ର ପଥକୁ ବନ୍ଦ କରିବାକୁ ଘୋଷଣା କରିଛି ଇରାନ। ଇରାନର ମିଳିତ ସାମରିକ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ କରିବ ନାହିଁ ବୋଲି ଶାନ୍ତି ବୁଝାମଣାରେ ଆମେରିକା ଗ୍ୟାରେଣ୍ଟି ଦେଇଥିଲା। ମାତ୍ର ଏହାକୁ ପାଳନ କରିବାରେ ଆମେରିକା ସଂପୂର୍ଣ୍ଣ ରୂପେ ବିଫଳ ରହିଛି। ତେଣୁ ଏହାର ପ୍ରତିବାଦ ଜଣାଇ ହର୍ମୁଜ ସମୁଦ୍ର ପଥକୁ ସମସ୍ତ ଜାହାଜ ଚଳାଚଳ ପାଇଁ ବନ୍ଦ କରିଦିଆଯାଇଛି।




ସାମରିକ କମାଣ୍ଡ ପକ୍ଷରୁ କୁହାଯାଇଛି ଶାନ୍ତି ଚୁକ୍ତି ସତ୍ତ୍ୱେ ଲେବାନନରୁ ହଟୁନି ଇସ୍ରାଏଲ। ଏହାସହିତ ଆକ୍ରମଣ ମଧ୍ୟ ଜାରି ରଖିଛି, ଯାହାଦ୍ୱାରା ହଜାର ହଜାର ନିରୀହ ଲୋକ ପ୍ରାଣ ହରାଉଛନ୍ତି। ଗତକାଲି ଇସ୍ରାଏଲ ଆକ୍ରମଣରେ ଲେବାନନରେ ୧୬ ଜଣ ପ୍ରାଣ ହରାଇଛନ୍ତି।

ସୂଚନାଯୋଗ୍ୟ ଯେ ମଧ୍ୟପ୍ରାଚ୍ୟରେ ୧୧୧ ଧରି ଦିନ ଧରି ଚାଲିଥିବା ଯୁଦ୍ଧ ଓ ଉତ୍ତେଜନା ବନ୍ଦ ଲାଗି ତିନି ଦିନ ତଳେ ଇରାନ ଏବଂ ଆମେରିକା ଶାନ୍ତି ରାଜିନାମାରେ ସ୍ୱାକ୍ଷରିତ କରିଥିଲେ। ଏହାସହିତ ବନ୍ଦ ପଡ଼ିଥିବା ହର୍ମୁଜ ସମୁଦ୍ର ପଥ ଖୋଲିଯାଇଥିଲା। ହର୍ମୁଜ ଦେଇ ବିଶ୍ୱର ୨୦ ପ୍ରତିଶତ ତୈଳ ଓ ଗ୍ୟାସ ପରିବହନ ହୋଇଥାଏ। ଇରାନର ଏଭଳି ପଦକ୍ଷେପ ଫଳରେ ତୈଳ ଦରରେ ପୁଣି ବୃଦ୍ଧି ଘଟିବା ନେଇ ଆଶଙ୍କା ପ୍ରକାଶ ପାଇଲାଣି।






# ପାଗ ଭିଡୁଛି ମୌସୁମୀ

### ୨୪ ବେଳକୁ ବଢ଼ିବ ବର୍ଷା ପରିମାଣ

■ ଭୁବନେଶ୍ୱର, ୨୦।୬ (ସମିସ): ଚଳିତ ମୌସୁମୀ ଋତୁରେ ଏପର୍ଯ୍ୟନ୍ତ ପ୍ରଥମ ଲଘୁଚାପ ସୃଷ୍ଟି ହୋଇନାହିଁ। ସାଧାରଣତଃ ମୌସୁମୀ ଛୁଇଁବା ପରେ ଉତ୍ତର ପଶ୍ଚିମ ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇ ମୌସୁମୀକୁ ଅଧିକ ଶକ୍ତିଶାଳୀ କରିଥାଏ ଓ ବର୍ଷା ପରିମାଣ ମଧ୍ୟ ବଢ଼ିଥାଏ। ମାତ୍ର ଚଳିତ ବର୍ଷ ଏପର୍ଯ୍ୟନ୍ତ ଏଭଳି ସ୍ଥିତି ସୃଷ୍ଟି ହୋଇ ନ ଥିବାରୁ ମୌସୁମୀ ଅଧିକ ସକ୍ରିୟ ହୋଇପାରିନାହିଁ। ଯାହାଫଳରେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ମୌସୁମୀ ବର୍ଷାର ସ୍ୱାଭାବିକ ରୂପ ଦେଖିବାକୁ ମିଳିନାହିଁ। ମାତ୍ର ୨୩ ତାରିଖ ପରେ ଏହି ସ୍ଥିତିରେ ପରିବର୍ତ୍ତନ ଆସିବା ସହ ୨୪ରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବାର ସମ୍ଭାବନା ରହିଛି। ଏମିତି କି ଏହି ସମୟରେ ମୌସୁମୀ ସକ୍ରିୟ ହେବା ସହ ବାକି ଥିବା ଜିଲ୍ଲାଗୁଡ଼ିକୁ ମଧ୍ୟ ମୌସୁମୀ ଅଗ୍ରସର ▶ପୃଷ୍ଠା-୭

### ଜାତୀୟ ରାଜପଥରେ ଯାଉଛି ସର୍ବାଧିକ ୩୧% ଜୀବନ



# ବର୍ଷକୁ ପ୍ରାଣ ହରାଉଛନ୍ତି ୩୦,୫୦୦ ପଥଚାରୀ

■ ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ଭାରତରେ ସଡ଼କ ଦୁର୍ଘଟଣାରେ ପାଦଚଲା ଯାତ୍ରୀ ସବୁଠାରୁ ଅଧିକ ବିପଦପୂର୍ଣ୍ଣ ସ୍ଥିତିରେ ରହିଛନ୍ତି। ସଡ଼କ ପରିବହନ ମନ୍ତ୍ରଣାଳୟର ସ୍ୱତନ୍ତ୍ର ତଥ୍ୟ ଅନୁସାରେ, ୨୦୧୯ ରୁ ୨୦୨୪ ମଧ୍ୟରେ ଦେଶରେ ୧.୮ ଲକ୍ଷରୁ ଅଧିକ ପାଦଚଲା ଯାତ୍ରୀଙ୍କ ମୃତ୍ୟୁ ଘଟିଛି, ଯାହା ବାର୍ଷିକ ହାରାହାରି ୩୦, ୫୦୦ ରୁ ଅଧିକ। ଏଥିମଧ୍ୟରୁ ପ୍ରାୟ ୩୧% ମୃତ୍ୟୁ କେବଳ ଜାତୀୟ ରାଜପଥ ଗୁଡ଼ିକରେ ହୋଇଛି। ୨୦୨୪ର ସଦ୍ୟତମ ତଥ୍ୟ ଅନୁଯାୟୀ, ୫୪% ପାଦଚଲା ଯାତ୍ରୀଙ୍କ ମୃତ୍ୟୁ ବାଇକ୍ ଏବଂ କାର୍ ଧକ୍କା ଯୋଗୁଁ ହୋଇଛି। ସୁରକ୍ଷିତ ଫୁଟ୍‌ପାଥ୍ ଏବଂ ଜେବ୍ରା କ୍ରସିଂର ଅଭାବ ଯୋଗୁଁ ଲୋକେ ମୁଖ୍ୟ ରାସ୍ତାରେ ଚାଲିବାକୁ ବାଧ ହେଉଛନ୍ତି। ୨୦୨୪ ମସିହାରେ ତାମିଲନାଡୁରେ ସର୍ବାଧିକ ୪, ୭୧୨ ଜଣ ପାଦଚଲା ଯାତ୍ରୀ ପ୍ରାଣ ହରାଇଥିବା ବେଳେ ଏହା ପଛକୁ ବିହାର (୪, ୧୪୯), ମହାରାଷ୍ଟ୍ର (୩, ୩୪୪) ଏବଂ ପଶ୍ଚିମବଙ୍ଗ (୩, ୨୪୧) ରହିଛନ୍ତି।

ସୁପ୍ରିମ୍‌କୋର୍ଟ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇ କହିଛନ୍ତି, ସମ୍ବିଧାନର 'ଧାରା ୨୧' ଅନୁଯାୟୀ ରାସ୍ତାରେ ସୁରକ୍ଷିତ ଭାବେ ଚାଲିବା ନାଗରିକଙ୍କ ମୌଳିକ ଅଧିକାର। ସରକାର ସମସ୍ତ ରାସ୍ତାରେ ଉପଯୁକ୍ତ ଫୁଟ୍‌ପାଥ୍ ନିର୍ମାଣ ପାଇଁ ଏକ ସ୍ୱତନ୍ତ୍ର ଆଇନ ଆଣନ୍ତୁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଇଣ୍ଡିଆନ୍ ରୋଡ୍ସ କଂଗ୍ରେସର ନିୟମ ଅନୁପାଳନ ହେଉ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ବିଶେଷଜ୍ଞମାନେ କହିଛନ୍ତି।

## ୧୬ଟି ମିଶ୍ରିତ ଔଷଧ ଉପରେ ନିଷେଧାଦେଶ

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦେଶରେ ୧୬ଟି ଫିକ୍ସଡ୍-ଡୋଜ୍ କମ୍ବିନେସନ୍ (ଏଫ୍‌ଡିସି) ବା ମିଶ୍ରିତ ଔଷଧର ଉତ୍ପାଦନ, ବିକ୍ରି ଏବଂ ବଣ୍ଟନ ଉପରେ ତତ୍କାଳ ପ୍ରତିବନ୍ଧକ ଲଗାଇଛନ୍ତି। ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଅଧିନିୟମ'ର ଧାରା ୨୬ଏ ଅଧୀନରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗଠିତ 'ଡ୍ରଗ୍ସ ଟେକ୍ନିକାଲ ଆଡଭାଇଜରି ବୋର୍ଡ' (ଡିଟିଏବି) ର ଏକ ବିଶେଷଜ୍ଞ କମିଟି ଏହି ଔଷଧଗୁଡ଼ିକର କ୍ଲିନିକାଲ ଡାଟା ସମୀକ୍ଷା କରିଥିଲେ। ସମୀକ୍ଷାରୁ ଜଣାପଡ଼ିଛି ଯେ ଏହି ୧୬ଟି ନିର୍ଦ୍ଦିଷ୍ଟ କମ୍ବିନେସନ୍ ଔଷଧର କୌଣସି ଚିକିତ୍ସାଗତ ଲାଭ ନାହିଁ, ବରଂ ଏହା ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। ଏହି ବୈଜ୍ଞାନିକ ସମୀକ୍ଷା ରିପୋର୍ଟ ଆଧାରରେ ବଜାରରୁ ଏହି ସବୁ ସମ୍ଭାବ୍ୟ କ୍ଷତିକାରକ ଔଷଧକୁ ସମ୍ପୂର୍ଣ୍ଣ ରୂପେ ହଟାଇବା ପାଇଁ ସରକାର ତୁରନ୍ତ ବ୍ୟାନ୍ କରିଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କ ପୁଅକୁ ଜାମିନ

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): କେନ୍ଦ୍ର ମନ୍ତ୍ରୀ ବଣ୍ଡି ସଞ୍ଜୟ କୁମାରଙ୍କ ପୁଅ ଭଗୀରଥଙ୍କୁ ଏକ ପୋକ୍ସୋ ମାମଲାରେ ହାଇଦ୍ରାବାଦର ଏକ ଅଦାଲତ ଜୁନ୍ ୨୫ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିଛନ୍ତି। ନିଜର ବିବିଏ ପରୀକ୍ଷାରେ ହାଜର ହେବା ପାଇଁ ଶୁକ୍ରବାର ଦିନ ତାଙ୍କୁ କୋର୍ଟରୁ ଏହି ସାମୟିକ ଆଶ୍ୱସ୍ତି ମିଳିଛି। ଜଣେ ୧୭ ବର୍ଷୀୟା ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ଗତ ମେ ୮ ତାରିଖରେ ପେଟ୍ରେସିରାବାଦ୍ ପୁଲିସ ଷ୍ଟେସନରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ପୋକ୍ସୋ ଆକ୍ଟ ଅଧୀନରେ ମାମଲା ରୁଜୁ ହେବା ପରେ ମେ ୧୬ ରେ ଭଗୀରଥଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଥିଲା। ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ ତାଙ୍କ ସ୍ୱୀକାରୋକ୍ତି ଆଧାରରେ ପୁଲିସ ମାମଲାରେ ଅଧିକ ସଙ୍ଗୀନ ଦଫା ଯୋଡ଼ିଛି। ଅନ୍ୟପକ୍ଷରେ ଭଗୀରଥ ଏହି ସମସ୍ତ ଆରୋପକୁ ମିଥ୍ୟା ବୋଲି କହିବା ସହ ଏକ ଓଲଟା ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁସାରେ, ଝିଅ ଏବଂ ତାଙ୍କ ପରିବାର ଲୋକେ ବିବାହ ପାଇଁ ଚାପ ପକାଇବା ସହ ମିଥ୍ୟା କେସ୍‌ରେ ଫସାଇଦେବାକୁ ଧମକ ଦେଇ ଟଙ୍କା ଦାବି କରୁଥିଲେ। ଏହି ଆଧାରରେ ପୁଲିସ ଏକ ଏଫ୍‌ଆଇଆର୍ ମଧ୍ୟ ରୁଜୁ କରିଛି ଏବଂ ଘଟଣାର ତଦନ୍ତ ଜାରି ରହିଛି।

## ଖାନ୍ ସାର୍‌ଙ୍କ ଗିରଫଦାରୀ ଉପରେ ରୋକ୍ ଲଗାଇଲେ କୋର୍ଟ

ପାଟନା, ୨୦।୬(ଏଜେନ୍ସି): କୋଚିଂ ସେଣ୍ଟର ଗୁଳିକାଣ୍ଡ ମାମଲାରେ ପ୍ରସିଦ୍ଧ ଶିକ୍ଷାବିତ୍ ଫୈସଲ ଖାନ୍ ଓରଫ 'ଖାନ୍ ସାର୍'ଙ୍କୁ ବିହାରର ଏକ ଅଦାଲତ ଶନିବାର ସାମୟିକ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ତାଙ୍କର ଅଗ୍ରୀମ ଜାମିନ ଆବେଦନର ଶୁଣାଣି କରି ଅଦାଲତ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୁଲିସକୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଆଗାମୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କର ଗିରଫଦାରୀ ଉପରେ ରୋକ୍ ଲାଗିଛି। ଚଳିତ ମାସ ଜୁନ୍ ଦୁଇ ତାରିଖ ରାତିରେ ପାଟନାସ୍ଥିତ ଖାନ୍ ଗ୍ଲୋବାଲ୍ ଷ୍ଟଡିଜ୍ କୋଚିଂ ସେଣ୍ଟର ବାହାରେ କିଛି ଦୁର୍ବୃତ୍ତ ପଥରମାଡ଼ ଏବଂ ଭଙ୍ଗାରୁଜା କରିଥିଲେ। ଏହି ଘଟଣା ପରେ ସେଣ୍ଟରର ଦୁଇଜଣ ସୁରକ୍ଷାକର୍ମୀ ଫାଙ୍କା ଗୁଳିଚାଳନା କରିଥିବା ଭିଡିଓ ସାମ୍ନାକୁ ଆସିଥିଲା। ଏହି ଆଧାରରେ ପାଟନା ପୁଲିସ ଦୁଇ ସୁରକ୍ଷାକର୍ମୀଙ୍କୁ ଗିରଫ କରିବା ସହ ଘଟଣାକୁ ଉସୁକାଇବା ଅଭିଯୋଗରେ ଖାନ୍ ସାର୍ ଏବଂ ଅନ୍ୟ ଦୁଇଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ପୁଲିସ ଏହି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଛାତ୍ରମାନଙ୍କୁ ବିଭିନ୍ନ କୋଚିଂ ସେଣ୍ଟର ମଧ୍ୟରେ ଥିବା ବ୍ୟବସାୟିକ ଶତ୍ରୁତାର ସୁଯୋଗ ନନେବାକୁ ଏବଂ କାହା ଦ୍ୱାରା ପ୍ରଭାବିତ ନହେବାକୁ ଅନୁରୋଧ କରିଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ପରେ ହିଁ ପରବର୍ତ୍ତୀ ପଦକ୍ଷେପ ସ୍ପଷ୍ଟ ହେବ।

## ୩ ମହଲାରୁ ଡେଇଁ ସଫ୍ଟୱେର୍ ଇଞ୍ଜିନିୟରଙ୍କ ଆତ୍ମହତ୍ୟା

ପୁଣେ, ୨୦।୬(ଏଜେନ୍ସି):ପୁଣେର ମାଣିକବାଗ୍ ଅଞ୍ଚଳରେ ଗୁରୁବାର ଅପରାହ୍ନରେ ଜଣେ ୨୭ ବର୍ଷୀୟା ମହିଳା ସଫ୍ଟୱେର୍ ଇଞ୍ଜିନିୟର ଏକ ଆବାସିକ ବିଲ୍ଡିଂର ତୃତୀୟ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳାଙ୍କ ସ୍ୱାମୀ (ସେ ମଧ୍ୟ ଜଣେ ଆଇଟି ପ୍ରଫେସନାଲ୍) ଏବଂ ଶାଶୁଙ୍କ ମାନସିକ ଓ ଶାରୀରିକ ନିର୍ଯାତନା ଯୋଗୁଁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ସିଂହଗଡ଼ ରୋଡ୍ ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ର ଧାରା ୧୦୮ (ଆତ୍ମହତ୍ୟା ପାଇଁ ଉସୁକାଇବା) ଅଧୀନରେ ସ୍ୱାମୀ, ଶାଶୁ ଏବଂ ଅନ୍ୟ କେତେକ ସମ୍ପର୍କୀୟଙ୍କ ବିରୋଧରେ ମାମଲା ରୁଜୁ କରିଛି। ପୁଲିସ ସୂଚନା ଅନୁସାରେ, ଏକ ସଫ୍ଟୱେର୍ କମ୍ପାନୀରେ କାମ କରିବା ସମୟରେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା ଏବଂ ନଭେମ୍ବର ୨୦୨୪ରେ ସେମାନେ ବିବାହ କରିଥିଲେ। ଅଭିଯୋଗ ଅନୁଯାୟୀ, ବିବାହ ପରଠାରୁ ହିଁ ସ୍ୱାମୀ ଏବଂ ଶାଶୁ ଘର ଲୋକ ଛୋଟ ଛୋଟ କଥାକୁ ନେଇ ତାଙ୍କୁ କ୍ରମାଗତ ଭାବେ ହଇରାଣ କରିବା ସହ ଅନେକ ସମୟରେ ମାଡ଼ ମାରୁଥିଲେ।

## ୨୦ ବର୍ଷର ଅପେକ୍ଷା; ତଥାପି ସମସ୍ତ ଅଭିଯୁକ୍ତ ଖଲାସ

ମୁମ୍ବଇ, ୨୦।୬(ଏଜେନ୍ସି): ମହାରାଷ୍ଟ୍ରର ପ୍ରମୁଖ ରାଜନେତା ପବନରାଜେ ନିମ୍ବାଲକରଙ୍କ ବହୁଚର୍ଚ୍ଚିତ ହତ୍ୟା ମାମଲାରେ ଶନିବାର ଏକ ସ୍ୱତନ୍ତ୍ର ଅଦାଲତ ରାୟ ଶୁଣାଇଛନ୍ତି। ଦୀର୍ଘ ୨୦ ବର୍ଷ ଧରି ଚାଲିଥିବା ଏହି ଆଇନଗତ ଲଢେଇ ପରେ ଅଦାଲତ ପୂର୍ବତନ ସାଂସଦ ପଦ୍ମସିଂହ ପାଟିଲଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରି ସମ୍ପୂର୍ଣ୍ଣ ଖଲାସ କରିଛନ୍ତି। ଘଟଣା ଅନୁସାରେ, ୨୦୦୬ ମସିହା ଜୁନ୍ ୩ ତାରିଖରେ ନବି ମୁମ୍ବାଇଠାରେ କଂଗ୍ରେସ ନେତା ଜେ ନିମ୍ବାଲକର ଏବଂ ତାଙ୍କ ଡ୍ରାଇଭରଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ରାଜନୈତିକ ପ୍ରତିଦ୍ୱନ୍ଦିତା ଏବଂ ଏକ ଚିନି କଳର ପରିଚାଳନା ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାରେ ପବନରାଜେଙ୍କ ସମ୍ପର୍କୀୟ ଭାଇ ତଥା ପୂର୍ବତନ ଗୃହ ମନ୍ତ୍ରୀ ତଥା ଏନସିପି ନେତା ପଦ୍ମସିଂହ ପାଟିଲଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ଦର୍ଶାଯାଇଥିଲା।

### ସାକ୍ଷ୍ୟ ପ୍ରଦାନ କଲେ ୧୨୮ ; ମିଳିଲାନାହିଁ ପ୍ରମାଣ

ଦୀର୍ଘ ଦିନର ବିଚାର ପ୍ରକ୍ରିୟା ମଧ୍ୟରେ ସାମାଜିକ କର୍ମୀ ଅଣ୍ଣା ହଜାରେଙ୍କ ସମେତ ପ୍ରାୟ ୧୨୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପର୍ଯ୍ୟାପ୍ତ ପ୍ରମାଣ ଅଭାବରୁ ସ୍ୱତନ୍ତ୍ର ଅଦାଲତ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅପରପକ୍ଷରେ, ସିବିଆଇ ଏହି ରାୟକୁ ଚ୍ୟାଲେଞ୍ଜ କରି ଏହା ବିରୋଧରେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିବ ବୋଲି ସ୍ପଷ୍ଟ କରିଛି।

# ଶାନ୍ତି ଚୁକ୍ତି ପ୍ରତି ଇସ୍ରାଏଲ ବିପଦ



■ ଆମେରିକା ଗୋଇନ୍ଦା ସଂସ୍ଥାର ଚେତାବନୀ
■ ଅସ୍ତ୍ରବିରତି ସତ୍ତ୍ୱେ ଇସ୍ରାଏଲ ଆକ୍ରମଣ, ଲେବାନନ୍‌ରେ ୭ ଗାଜାରେ ୨ ମୃତ

ୱାସିଂଟନ, ୨୦।୬(ଏଜେନ୍ସି): ଆମେରିକାର ଗୋଇନ୍ଦା ସଂସ୍ଥାଗୁଡ଼ିକ ଚେତାବନୀ ଦେଇଛନ୍ତି ଯେ ନେତନ୍ୟାହୁ ଇରାନ ସହ ହୋଇଥିବା ଶାନ୍ତି ଚୁକ୍ତିକୁ ବିପଦରେ ପକାଇପାରନ୍ତି। ଏକ କାର୍ଯ୍ୟକ୍ରମରେ ଟ୍ରମ୍ପ କହିଛନ୍ତି ଯେ ଇସ୍ରାଏଲ ସହ ଆମେରିକାର ସମ୍ପର୍କ ସର୍ବଦା ସୁଦୃଢ଼ ରହିଛି ଏବଂ ନେତନ୍ୟାହୁ ଜଣେ ସାହସୀ ନେତା। ଅନ୍ୟ ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଇସ୍ରାଏଲ ଉପରେ ତାଙ୍କର ସମ୍ପୂର୍ଣ୍ଣ ପ୍ରଭାବ ରହିଛି ଏବଂ ସେ ନେତନ୍ୟାହୁଙ୍କ ନିଷ୍ପତ୍ତିକୁ ନିୟନ୍ତ୍ରଣ କରିପାରିବେ। ତେବେ ଗୋଇନ୍ଦା ରିପୋର୍ଟ ଅନୁସାରେ, ଇସ୍ରାଏଲରେ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ନିର୍ବାଚନ ଯୋଗୁଁ ନେତନ୍ୟାହୁ ନିଜର ରାଜନୈତିକ ସ୍ଥିତି ବଞ୍ଚାଇବା ପାଇଁ ଲେବାନନରୁ ସେନା ହଟାଇବାକୁ ଚାହୁଁନାହାନ୍ତି ଏବଂ ହିଜବୁଲ୍ଲା ବିରୋଧରେ ଆକ୍ରମଣ ଜାରି ରଖିବାକୁ ଚେଷ୍ଟା କରୁଛନ୍ତି। ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଇରାନ ସହ ହୋଇଥିବା ଶାନ୍ତି ବୁଝାମଣାକୁ ଏହା ଦୁର୍ବଳ କରିପାରେ ବୋଲି ଆମେରିକା ପ୍ରଶାସନ ଆଶଙ୍କା ପ୍ରକାଶ କରିଛି। ବର୍ତ୍ତମାନ ଆମେରିକା ଏବଂ କତାରର ମଧ୍ୟସ୍ଥତାରେ ଇସ୍ରାଏଲ ଓ ହିଜବୁଲ୍ଲା ମଧ୍ୟରେ ଏକ ଅସ୍ଥାୟୀ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ ପାଇଛି। କିନ୍ତୁ ହିଜବୁଲ୍ଲା ଏହି ନିୟମ ପାଳନ ନକଲେ ଇସ୍ରାଏଲ ପୁଣି ଆକ୍ରମଣ କରିବ ବୋଲି ସ୍ପଷ୍ଟ କରିଛି, ଯାହା ଆଗାମୀ ଦିନରେ ଏହି ଅଞ୍ଚଳର ଶାନ୍ତି ପ୍ରକ୍ରିୟାକୁ ଅଧିକ ଜଟିଳ କରିପାରେ।

ଅପରପକ୍ଷରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ 'ଯୋଦ୍ଧା ପ୍ରଧାନମନ୍ତ୍ରୀ' ଭାବେ ଅଭିହିତ କରି ସର୍ବସାଧାରଣରେ ପ୍ରଶଂସା କରିଛନ୍ତି। ଲେବାନନରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ମତାନ୍ତର ଚାଲିଥିବା ଚର୍ଚ୍ଚା ହେଉଥିବା ବେଳେ ଟ୍ରମ୍ପଙ୍କ ଏହି ବୟାନ ସାମ୍ନାକୁ ଆସିଛି।

ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ଶେଷ କରିବା ପାଇଁ ଚାଲିଥିବା କୂଟନୈତିକ ଆଲୋଚନା ମଧ୍ୟରେ ଶନିବାର ଦକ୍ଷିଣ ଲେବାନନ୍ ଉପରେ ଇସ୍ରାଏଲ୍ ପୁନର୍ବାର ଜୋରଦାର ବିମାନ ଆକ୍ରମଣ କରିଛି। ଯୁଦ୍ଧ ବିରତି ଚୁକ୍ତି ନେଇ ଚର୍ଚ୍ଚା ଜାରି ରହିଥିବା ବେଳେ ଏହି ଆକ୍ରମଣରେ ଦୁଇଜଣ ଶିଶୁଙ୍କ ସମେତ ଅତିକମରେ ସାତଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ସେହିପରି ଶନିବାର ଗାଜାର ଏକ ଅପାର୍ଟମେଣ୍ଟ ଉପରେ ଇସ୍ରାଏଲ ଆକ୍ରମଣରେ ୨ ଜଣ ନାବାଳିକା ଭଉଣୀ ମୃତ୍ୟୁ ବରଣ କରିଛନ୍ତି। ଏହି ଘଟଣା ଯୋଗୁଁ ଆମେରିକା-ଇରାନ ମଧ୍ୟସ୍ଥତାରେ ଚାଲିଥିବା ଶାନ୍ତି ପ୍ରକ୍ରିୟା ଏବେ ସଙ୍କଟ ମଧ୍ୟକୁ ଚାଲିଯାଇଛି। ଲେବାନନ୍‌ର ଜାତୀୟ ସମ୍ବାଦ ସଂସ୍ଥା ଅନୁଯାୟୀ, ଇସ୍ରାଏଲ୍‌ର ଏହି ଆକ୍ରମଣ ଦକ୍ଷିଣ ଲେବାନନ୍‌ର ନବାତିୟା ଏବଂ ଆଖପାଖ ଗ୍ରାମଗୁଡ଼ିକ ଉପରେ ହୋଇଛି, ଯେଉଁଥିରେ ଅନେକ ଲୋକ ଏବେ ମଧ୍ୟ ଭଙ୍ଗାରୁଜା ସ୍ଥାନରେ ମାଟିତଳେ ଦବି ରହିଛନ୍ତି। ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି ଯେ, ହିଜବୁଲ୍ଲା ପକ୍ଷରୁ ସେମାନଙ୍କ ସେନା ଉପରକୁ ଗୁଳିବର୍ଷା କରାଯିବା ପରେ ଏହି ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅପରପକ୍ଷରେ, ହିଜବୁଲ୍ଲା କହିଛି ଯେ ଯଦି ଇସ୍ରାଏଲ୍ ସେନା ଲେବାନନ୍ ଛାଡ଼ିବାକୁ ପ୍ରତିଶ୍ରୁତି ଦିଏ, ତେବେ ସେମାନେ ମଧ୍ୟ ଆକ୍ରମଣ ବନ୍ଦ କରିବେ। ଏହି ସାମ୍ପ୍ରତିକ ହିଂସାକାଣ୍ଡ ଯୋଗୁଁ ସୁଇଜରଲ୍ୟାଣ୍ଡଠାରେ ହେବାକୁ ଥିବା ଆମେରିକା ଏବଂ ଇରାନର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସ୍ଥଗିତ ହୋଇଯାଇଛି। ଇରାନ କହିଛି ଯେ ଲେବାନନ୍‌ରେ ଆକ୍ରମଣ ସମ୍ପୂର୍ଣ୍ଣ ବନ୍ଦ ନହେବା ପର୍ଯ୍ୟନ୍ତ କୌଣସି ଆଲୋଚନା ଆଗକୁ ବଢ଼ିପାରିବ ନାହିଁ। ବର୍ତ୍ତମାନ କାତାର ଓ ଆମେରିକା ଭଳି ମଧ୍ୟସ୍ଥ ଦେଶଗୁଡ଼ିକ ଉଭୟ ପକ୍ଷ ମଧ୍ୟରେ ସ୍ଥାୟୀ ସନ୍ତ୍ରାସ ବିରତି ଆଣିବା ପାଇଁ ପ୍ରୟାସ ଜାରି ରଖିଛନ୍ତି।

## ବ୍ରିକ୍ସ ସୁରକ୍ଷା ଉପଦେଷ୍ଟା ସମ୍ମିଳନୀ ଆୟୋଜନ କରିବ ଭାରତ



ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଆସନ୍ତା ଜୁନ୍ ୨୨ ଓ ୨୩ ତାରିଖରେ ଭାରତ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ଜାତୀୟ ସୁରକ୍ଷା ପରାମର୍ଶଦାତା ସ୍ତରୀୟ ବୈଠକ ଆୟୋଜନ କରିବାକୁ ଯାଉଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶନିବାର ଏହି ସୂଚନା ଦେଇଛି। ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇ ଦିନିଆ ସମ୍ମିଳନୀରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଅଧ୍ୟକ୍ଷତା କରିବେ। ଚଳିତ ବର୍ଷ ଏହି ବୈଠକର ମୁଖ୍ୟ ବିଷୟବସ୍ତୁ 'ଆଜିର ବିଶ୍ୱ ସମ୍ମୁଖୀନ ହେଉଥିବା ଅଣ-ପାରମ୍ପରିକ ସୁରକ୍ଷା ଆହ୍ୱାନ' ରଖାଯାଇଛି। ସାମରିକ ବିପଦ ବ୍ୟତୀତ ବିଶ୍ୱବ୍ୟାପୀ ଦେଖାଦେଉଥିବା ଜଟିଳ ସୁରକ୍ଷା ସମସ୍ୟା ଉପରେ ଏଥିରେ ରଣନୈତିକ ଆଲୋଚନା ହେବ। ବିଶେଷ କରି ବୈଷୟିକ ପ୍ରଗତି ଯୋଗୁଁ ସୃଷ୍ଟି ହେଉଥିବା ସାଇବର ଆକ୍ରମଣ, ସୂଚନା ସୁରକ୍ଷା, ଡିଜିଟାଲ ଭିତ୍ତିଭୂମିର ସୁରକ୍ଷା ଏବଂ କୃତ୍ରିମ ବୁଦ୍ଧିମତ୍ତାର ଅପବ୍ୟବହାର ଭଳି ଗମ୍ଭୀର ବିଷୟ ଉପରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ପ୍ରତିନିଧିମାନେ ମତାମତ ବିନିମୟ କରିବେ। ଏହା ସହିତ ସନ୍ତ୍ରାସବାଦ ବିରୋଧୀ ଲଢେଇ ଏବଂ ସୂଚନା ପ୍ରଯୁକ୍ତିର ସୁରକ୍ଷିତ ବ୍ୟବହାର ପାଇଁ ଗଠିତ ମିଳିତ କାର୍ଯ୍ୟଗୋଷ୍ଠୀର ସମୀକ୍ଷା ମଧ୍ୟ ଏହି ବୈଠକରେ କରାଯିବ। ଡିଜିଟାଲ କ୍ଷେତ୍ରରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଗୋଇନ୍ଦା ସୂଚନା ଆଦାନପ୍ରଦାନ ଏବଂ ପାରସ୍ପରିକ ସହଯୋଗକୁ ଅଧିକ ମଜଭୁତ କରିବା ଦିଗରେ ଏହି ସମ୍ମିଳନୀ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

## ମେଲୋନୀଙ୍କୁ ପୁଣି ଟାର୍ଗେଟ କଲେ ଟ୍ରମ୍ପ



ରୋମ, ୨୦।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ମଧ୍ୟରେ କୂଟନୈତିକ ବିବାଦ ବଢ଼ିବାରେ ଲାଗିଛି। ଜି୭ ଶିଖର ସମ୍ମିଳନୀ ଅବସରରେ ମେଲୋନୀ ତାଙ୍କ ସହ ଫଟୋ ଉଠାଇବା ପାଇଁ ବାରମ୍ବାର ଅନୁରୋଧ ବା 'ଭିକ' ମାଗିଥିଲେ ବୋଲି ଟ୍ରମ୍ପ କରିଥିବା ଦାବି କରିବା ପରେ ଏହି ବିବାଦ ଆରମ୍ଭ ହୋଇଛି। ସେପଟେ ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନୀ ଏବହାକୁ ମିଛ ମନଗଢ଼ା ବୋଲି କହିଛନ୍ତି। ଏହି ବିବାଦ ବିଶ୍ୱରେ ଚର୍ଚ୍ଚା ଧରିଥିବା ବେଳେ ଆଜି ଟ୍ରମ୍ପ ପୁଣି ତାଙ୍କ ଟ୍ରୁଥ୍ ସୋସିଆଲ୍ ମାଧ୍ୟମରେ ଅଭିଯୋଗ କରିଛନ୍ତି ଯେ, ଫ୍ରାନ୍ସରେ ଅନୁଷ୍ଠିତ ଜି୭ ସମ୍ମିଳନୀରେ ମେଲୋନୀ ନିଜର କମୁଥିବା ଲୋକପ୍ରିୟତାକୁ ବଢ଼ାଇବା ପାଇଁ ବିବ୍ରତ ଥିଲେ। ତେଣୁ ତାଙ୍କ ସହ ଫଟୋ ଉଠାଇବାକୁ ଅତି ବିକଳ ଭାବେ ବାରମ୍ବାର ଚେଷ୍ଟା କରିଥିଲେ। ଏଥିପାଇଁ ମେଲୋନୀ ତାଙ୍କୁ ଅନୁରୋଧ ମଧ୍ୟ କରିଥିଲେ। ଏହି ଉପଲକ୍ଷେ ମେଲୋନୀ ତାଙ୍କର ବେଶ୍ ପୁରୁଣା ପ୍ରଶଂସକ ବୋଲି ଟ୍ରମ୍ପ କହିଥିଲେ। ହେଲେ ଟ୍ରମ୍ପ ଜି୭ ରେ ପ୍ରଶଂସକଙ୍କୁ ସମୟ ଦେବା ପାଇଁ ଉପସ୍ଥିତ ନଥିବାରୁ ଫଟୋ ପାଇଁ ମେଲୋନୀଙ୍କୁ ସିଧା ମନା କରିଥିଲେ। ଏହାସହ ଟ୍ରମ୍ପ ଇଟାଲୀର ସାମରିକ ଆଭିମୁଖ୍ୟକୁ ମଧ୍ୟ କଡ଼ା ସମାଲୋଚନା କରିଛନ୍ତି। ଆମେରିକା ଇଟାଲୀ ସମେତ ସମଗ୍ର ୟୁରୋପକୁ ସୁରକ୍ଷା ଦେଇ ଆସୁଛି। ଆମେରିକା ୟୁରୋପକୁ ଇରାନ ବିରୋଧୀ ଅଭିଯାନରେ ଇଟାଲୀ ଆମେରିକାକୁ ସହଯୋଗ କରିନାହିଁ ଏବଂ ଆମେରିକା ବିମାନଗୁଡ଼ିକୁ ନିଜର ରନ୍‌ୱେ ବା ଅବତରଣ ସ୍ଥଳ ବ୍ୟବହାର କରିବାକୁ ଅନୁମତି ଦେଇନାହିଁ। ନାଟୋ ସହଯୋଗୀମାନଙ୍କ ପାଇଁ ଆମେରିକା କୋଟି କୋଟି ଡଲାର ଖର୍ଚ୍ଚ କରୁଥିବା ବେଳେ ଇଟାଲୀର ଏପରି ଆଚରଣକୁ ସେ ନାପସନ୍ଦ କରିଛନ୍ତି। ସେପଟେ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଟ୍ରମ୍ପଙ୍କ ଏହି ଦାବିକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି।



## ଧାରଣା ଜାରି ପାଇଁ କକ୍ରୋଚ୍ ପାର୍ଟିକୁ ମିଳିଲାନି ଅନୁମତି

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ପରୀକ୍ଷା ପରିଚାଳନାରେ ଅନିୟମିତତା ଏବଂ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ବିରୋଧରେ ଦିଲ୍ଲୀର ଯନ୍ତରମନ୍ତରଠାରେ କକ୍ରୋଚ୍ ପାର୍ଟି (ସିଜେପି) ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ତେବେ ବିକ୍ଷୋଭ ପାଇଁ ଧାରଣାସ୍ଥଳର ଅନୁମତି ସମୟ ନେଇ ବିବାଦ ଦେଖା ଦେଇଛି। ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେ ପୁଲିସର ନିର୍ଦ୍ଦେଶ ସତ୍ତ୍ୱେ ପ୍ରତିବାଦ ସ୍ଥଳ ଛାଡିବାକୁ ସଫା ମନା କରିଦେଇଛନ୍ତି। ଦିଲ୍ଲୀ ପୁଲିସ ପକ୍ଷରୁ ଶନିବାର ଅପରାହ୍ଣ ୫ଟା ପର୍ଯ୍ୟନ୍ତ ପ୍ରତିବାଦ ପାଇଁ ଅନୁମତି ଦିଆଯାଇଥିଲା। ଧାରଣାର ସମୟ ସୀମା ବୃଦ୍ଧି ପାଇଁ ଦୀପକେ ଆବେଦନ କରିଥିଲେ। ମାତ୍ର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନୁମତି ମିଳି ନଥିଲା ଏବଂ ସେମାନେ ଧାରଣାସ୍ଥଳ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଦୀପକେ ଅଟଳ ରହିଛନ୍ତି। ଶିକ୍ଷାମନ୍ତ୍ରୀ ଇସ୍ତଫା ନଦେଲେ ସେ ଧାରଣାସ୍ଥଳ ଛାଡ଼ିବେ ନାହିଁ ବୋଲି ଜିଦ୍ ଧରିଛନ୍ତି। ସେପଟେ ଧାରଣା ସ୍ଥଳରେ ଦେଶର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଛାତ୍ରଛାତ୍ରୀ ଏବଂ ସମର୍ଥକ ପହଞ୍ଚିଛନ୍ତି। ସେମାନେ ଥାଳି ଓ ଚାମଚ ବଜାଇ ସରକାରଙ୍କ ବିରୋଧରେ ପ୍ରତିବାଦ କରିଛନ୍ତି।

## ନିଟ୍ ପରୀକ୍ଷା ବିଭ୍ରାଟ: ନାଗପୁର ଛାତ୍ରଙ୍କ ପାଇଁ ଆବୁଧାବୀ କେନ୍ଦ୍ର

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ହେବାକୁ ଥିବା ପ୍ରବେଶିକା ପରୀକ୍ଷା ପୂର୍ବରୁ ଜଣେ ପ୍ରାର୍ଥୀଙ୍କ ପରୀକ୍ଷା କେନ୍ଦ୍ରକୁ ନେଇ ସୃଷ୍ଟି ହୋଇଥିବା ବଡ଼ ବିଭ୍ରାଟର ସମାଧାନ ହୋଇଛି। ନାଗପୁରର ଜଣେ ଛାତ୍ରଙ୍କ ପରୀକ୍ଷା କେନ୍ଦ୍ର ଭୁଲବଶତଃ ସୁଦୂର ଆବୁଧାବିରେ ହୋଇଯାଇଥିବା ବେଳେ ଜାତୀୟ ପରୀକ୍ଷା ସଂସ୍ଥାର ମହାନିର୍ଦ୍ଦେଶକ ଅଭିଷେକ ସିଂହ ଶନିବାର ଏହା ସଂଶୋଧନ ହୋଇଥିବା ସ୍ପଷ୍ଟ କରିଛନ୍ତି। ନାଗପୁରର ପରୀକ୍ଷାର୍ଥୀ ଅବଦୁଲ୍ଲା ମହମ୍ମଦ ତାଲିବ ନିଜର ପ୍ରବେଶ ପତ୍ର ଡାଉନଲୋଡ୍ କରିବା ପରେ ତାଙ୍କର ପରୀକ୍ଷା କେନ୍ଦ୍ର ସଂଯୁକ୍ତ ଆରବ ଏମିରେଟ୍ସର ଆବୁଧାବିରେ ଥିବା ଏକ ବିଦ୍ୟାଳୟରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାକୁ ନେଇ ଛାତ୍ର ଓ ତାଙ୍କ ପରିବାର ଚିନ୍ତାରେ ପଡ଼ିଯାଇଥିଲେ। ସେମାନେ ସଂସ୍ଥାର ସହାୟତା କେନ୍ଦ୍ର ସହ ଯୋଗାଯୋଗ କରିବା ପରେ ଶନିବାର ସୁଦ୍ଧା ତାଙ୍କୁ ନାଗପୁରରେ ହିଁ ଏକ ନୂତନ ପରୀକ୍ଷା କେନ୍ଦ୍ର ଆବଣ୍ଟନ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ମେ ୩ ତାରିଖରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରକାଶ ପାଇବା ଅଭିଯୋଗ ପରେ ଏହାକୁ ବାତିଲ କରାଯାଇଥିଲା। ଏବେ ଜୁନ୍ ୨୧ ତାରିଖରେ ସାରା ଦେଶରେ ପୁନଃ ପରୀକ୍ଷା କରାଯାଉଛି। ଏଥିପାଇଁ ବିମାନବନ୍ଦର ଭଳି ସୁରକ୍ଷା, ପ୍ରଶ୍ନପତ୍ର ଗାଡ଼ିରେ ଜିପିଏସ୍ ଟ୍ରାକିଂ ଏବଂ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି ନଜର ରଖାଯିବା ସହ ଶନିବାର ଏକ ପୂର୍ବ ପ୍ରସ୍ତୁତି ଅଭ୍ୟାସ ମଧ୍ୟ କରାଯାଇଛି। ଏହି ପୁନଃ ପରୀକ୍ଷାରେ ପ୍ରାୟ ୨୨ ଲକ୍ଷରୁ ଅଧିକ ସମଗ୍ର ଦେଶର ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି। ପରୀକ୍ଷାର୍ଥୀମାନଙ୍କ ଯାତାୟାତ ପାଇଁ ବିଭିନ୍ନ ରାଜ୍ୟରେ ମାଗଣା ବସ୍ ସେବା ଏବଂ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଥିବା ବେଳେ ଜାତୀୟ ପରୀକ୍ଷା ସଂସ୍ଥା ପରୀକ୍ଷାର୍ଥୀମାନଙ୍କୁ କୌଣସି ଗୁଜବ ପ୍ରତି ଧ୍ୟାନ ନଦେବାକୁ ଅନୁରୋଧ କରିଛି।

## ଢାକାରେ ହିନ୍ଦୁଙ୍କ ବିଶାଳ ପ୍ରତିବାଦ



ଢାକା, ୨୦।୬(ଏଜେନ୍ସି): ବାଂଲାଦେଶରେ ପ୍ରଭୁ ଶ୍ରୀରାମଙ୍କ ଛବି ଅବମାନନା ଏବଂ ଗାଇବାନ୍ଧା ଜିଲ୍ଲାରେ ଏକ ୮୧ ଫୁଟ୍‌ର ଶ୍ରୀରାମ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବା ପ୍ରତିବାଦରେ ଶୁକ୍ରବାର ଢାକାରେ ହଜାର ହଜାର ହିନ୍ଦୁ ସମ୍ପ୍ରଦାୟର ଲୋକ ବିଶାଳ ମଶାଲ ଶୋଭାଯାତ୍ରା କରିଛନ୍ତି। 'ହିନ୍ଦୁ ମହାଜୋଟ'ର ଆହ୍ୱାନରେ ସାହବାଗରୁ ପ୍ରେସ୍ କ୍ଲବ୍ ପର୍ଯ୍ୟନ୍ତ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କିଛି କଠୋରପନ୍ଥୀ ସଙ୍ଗଠନର ଧମକ ଯୋଗୁଁ ରାଧା ଗୋବିନ୍ଦ ମନ୍ଦିର କମିଟି ପକ୍ଷରୁ ଚାଲିଥିବା ରାମ ମୂର୍ତ୍ତି ନିର୍ମାଣ କାର୍ଯ୍ୟକୁ ସାମାଜିକ ସହସ୍ରତା ରକ୍ଷା ପାଇଁ ବାଧ୍ୟ ହୋଇ ସ୍ଥଗିତ ରଖାଯାଇଛି। ଏହା ସହ ରାମଙ୍କ ଛବିକୁ ଅପମାନିତ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଆନ୍ଦୋଳନକାରୀମାନେ ତାରିକ୍ ରହମାନଙ୍କ ନେତୃତ୍ୱାଧୀନ ବିଏନପି ସରକାରଙ୍କୁ ୭୨ ଘଣ୍ଟାର ଅଲ୍ଟିମେଟମ୍ ଦେଇଛନ୍ତି। ଦାବି ପୂରଣ ନହେଲେ ଦେଶର ୬୪ଟି ଯାକ ଜିଲ୍ଲାରେ ଶ୍ରୀରାମ ମନ୍ଦିର ନିର୍ମାଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବାଂଲାଦେଶରେ ଚଳିତ ବର୍ଷ ଜାନୁଆରୀ ୧ ରୁ ମାର୍ଚ୍ଚ ୩୧ ମଧ୍ୟରେ ପ୍ରାୟ ୧୩୩ଟି ସାମ୍ପ୍ରଦାୟିକ ହିଂସା ମାମଲା ସାମ୍ନାକୁ ଆସିଛି, ଯାହା ସଂଖ୍ୟାଲଘୁ ହିନ୍ଦୁମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଟିଏମ୍‌ସି ନେତା ଜାହାଙ୍ଗୀରଙ୍କ ପତ୍ନୀ ଗିରଫ

କୋଲକାତା, ୨୦।୬(ଏଜେନ୍ସି):ପଶ୍ଚିମବଙ୍ଗର ଫାଲ୍‌ଟା ଅଞ୍ଚଳର ବାହୁବଳୀ ତୃଣମୂଳ କଂଗ୍ରେସ ନେତା ଜାହାଙ୍ଗୀର ଖାନଙ୍କ ପତ୍ନୀ ସରିନା ବିବିଙ୍କୁ ଶନିବାର ସକାଳେ ପୁଲିସ ଗିରଫ କରିଛି। ପୁଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ଉପରେ ହୋଇଥିବା ଆକ୍ରମଣ ତଥା ଥାନାରେ ହୋଇଥିବା ହିଂସାତ୍ମକ ପ୍ରତିବାଦ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଗତ ଜୁନ୍ ୮ ତାରିଖରେ ନେପାଳ ସୀମାରୁ ଗିରଫ ହୋଇଥିବା ଜାହାଙ୍ଗୀର ଖାନଙ୍କୁ ପୁଲିସ ଅଣ୍ଟାରେ ଦଉଡ଼ି ବାନ୍ଧି ରାସ୍ତାରେ ଚଲାଉଥିବାରୁ ତାଙ୍କ ପତ୍ନୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଥାନା ଉପରେ ଆକ୍ରମଣ କରି ସ୍ୱାମୀଙ୍କୁ ମୁକ୍ତ କରିବା ପାଇଁ ସରିନା ବିବି ପ୍ରତିବାଦର ନେତୃତ୍ୱ ନେଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏହି ହିଂସାକାଣ୍ଡ ମାମଲାରେ ବର୍ତ୍ତମାନ ସୁଦ୍ଧା ୨୭ ଜଣଙ୍କୁ ଗିରଫ କରାଯାଇ ସାରିଲାଣି। ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀ ଏହି ଘଟଣାକୁ ଗୁରୁତର ସହ ନେଇ ସରିନାଙ୍କ ବିରୋଧରେ ଦେଶବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ମାମଲା ରୁଜୁ କରିବାକୁ ଏବଂ ଦୋଷୀଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଷେକ ବାନାର୍ଜୀଙ୍କ ଅତି ନିକଟତର କୁହାଯାଉଥିବା ଜାହାଙ୍ଗୀର ଖାନ୍ ନିର୍ବାଚନ ସମୟରେ ବିବାଦକୁ ଆସିଥିଲେ। ପଶ୍ଚିମବଙ୍ଗରେ ସରକାରୀ ପରିବର୍ତ୍ତନ ପରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ନୂତନ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବାରୁ ବାହୁବଳୀ ନେତାଙ୍କ ପରିବାର ଉପରେ ଏହି କାର୍ଯ୍ୟାନୁଷ୍ଠାନ ରାଜ୍ୟ ରାଜନୀତିକୁ ସରଗରମ କରିଛି।

## ଉଦ୍ଧବଙ୍କ ସମର୍ଥନରେ ବାହାରିଲେ ରାଜ୍

ମୁମ୍ବଇ, ୨୦।୬(ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ଏକ ବଡ଼ ଏବଂ ଆଶ୍ଚର୍ଯ୍ୟଜନକ ସମୀକରଣ ଦେଖିବାକୁ ମିଳିଛି। ଶିବସେନା (ଉଦ୍ଧବ ଗୋଷ୍ଠୀ) ର ୬ ଜଣ ଲୋକସଭା ସାଂସଦଙ୍କ ବିଦ୍ରୋହ ପରେ ଏବେ ଉଦ୍ଧବ ଠାକରେଙ୍କ ସମର୍ଥନରେ ଆଗେଇ ଆସିଛନ୍ତି ତାଙ୍କ ସମ୍ପର୍କୀୟ ଭାଇ ତଥା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ସି) ମୁଖ୍ୟ ରାଜ୍ ଠାକରେ। ରାଜନୈତିକ ଫାଇଦା ପାଇଁ ଜନପ୍ରତିନିଧିମାନଙ୍କୁ ଭାଙ୍ଗିବାକୁ ଚେଷ୍ଟା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ମୁମ୍ବାଇରେ ଏକ ସଭାକୁ ସମ୍ବୋଧିତ କରି ରାଜ୍ ଠାକରେ କହିଛନ୍ତି ଯେ କ୍ଷମତା ପାଇଁ ରାଜନୀତି ଏବେ ଚରମ ସୀମାରେ ପହଞ୍ଚିଛି ଏବଂ ବିଧାୟକ ତଥା ସାଂସଦମାନଙ୍କୁ ଅପହରଣ କରିବା ଭଳି ଏହି ଖେଳରେ ଆମେ ମହାରାଷ୍ଟ୍ରର ପରମ୍ପରା ଓ ଇତିହାସକୁ ଭୁଲିଯାଉଛୁ।



ସୂଚନାଯୋଗ୍ୟ ଯେ, ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକକୁ ଶିବସେନା (ଉଦ୍ଧବ ଗୋଷ୍ଠୀ) ର ୯ ଜଣ ସାଂସଦଙ୍କ ମଧ୍ୟରୁ ୬ ଜଣ ଅନୁପସ୍ଥିତ ରହି ବିଦ୍ରୋହର ଆଭାସ ଦେଇଛନ୍ତି। ଏହା ଉପରେ ପ୍ରତିକ୍ରିୟା ରଖି ଉଦ୍ଧବ ଠାକରେ ମଧ୍ୟ କହିଥିଲେ ଯେ ସେ ଦଳର ସଭାପତି ପଦ ଛାଡ଼ିବାକୁ ପ୍ରସ୍ତୁତ, କିନ୍ତୁ ଦଳର ସୁପ୍ରିମୋ ପଦ କୌଣସି ଚୋର ହାତକୁ ଯିବାକୁ ଦେବେ ନାହିଁ। ବିଦ୍ରୋହୀ ସାଂସଦମାନଙ୍କୁ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ୨୦୨୨ ମସିହାରେ ଏକନାଥ ସିନ୍ଦେଙ୍କ ବିଦ୍ରୋହ ପରେ ଏହି ନୂତନ ସଙ୍କଟ ଉଦ୍ଧବ ଠାକରେଙ୍କ ଗୋଷ୍ଠୀ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏଭଳି ସମୟରେ ପାର୍ଥକ୍ୟ ଭୁଲି ଦୁଇ ଠାକରେ ଭାଇ ଏକାଠି ହେବା ମହାରାଷ୍ଟ୍ର ରାଜନୀତିକୁ ଏକ ନୂଆ ମୋଡ଼ ଦେଇଛି।

# ଭେଣ୍ଟିଲେଟରରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ

## ୫୨ ସେମିଷ୍ଟାର ବିଳମ୍ବ; ଅନିଶ୍ଚିତତାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

ଭୁବନେଶ୍ୱର, ୨୦।୬ (ବିଶ୍ୱଜିତ୍ ଗାଇଗରିଆ):

ପିଲାଙ୍କ ପାଠପଢ଼ା ସହିତ ପାଠ୍ୟକ୍ରମର ଅବଧି ସରିଲାଣି; ମାତ୍ର ସେମିଷ୍ଟାର ପରୀକ୍ଷା ହେଉନି। ୨ ବର୍ଷିଆ ପାଠ୍ୟକ୍ରମ ସରି ୩ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ପରୀକ୍ଷା ସରିନାହିଁ। ୪ ବର୍ଷିଆ ପାଠ୍ୟକ୍ରମର ଶେଷ ବର୍ଷର ପଢୁଥିବା ଛାତ୍ରଛାତ୍ରୀଙ୍କ ମାତ୍ର ୨ଟି ସେମିଷ୍ଟାର ସରିଛି। ଗୋଟିଏ କି ଦୁଇଟି ନୁହେଁ, ସମୁଦାୟ ୫୨ଟି ସେମିଷ୍ଟାର ପରୀକ୍ଷା ଅଟକି ରହିଛି। ହେବ ତାହାର ମଧ୍ୟ କୌଣସି ଠିକଣା ନାହିଁ। ଅନୁରୂପ ଭାବେ ଏହି ପାଠ୍ୟକ୍ରମରେ ୨୦୨୪-୨୫ ଶିକ୍ଷାବର୍ଷରେ ନାମ ଲେଖାଇଥିବା ପିଲାଙ୍କ ମାତ୍ର ଗୋଟିଏ ସେମିଷ୍ଟାର ସରିଥିବାବେଳେ ୩ଟି ବାକି ରହିଛି। କେବଳ ବିଏସ୍‌ସି ନର୍ସିଂ ନୁହେଁ, ପିବି ବିଏସ୍‌ସି ନର୍ସିଂ ପାଠ୍ୟକ୍ରମରେ ମଧ୍ୟ ସମାନ ଅବସ୍ଥା। ୨୦୨୩-୨୪ରେ ନାମଲେଖାଇଥିବା ପିଲାଙ୍କ ପାଠପଢ଼ା ୨୦୨୫ ରୁ ସରିଲାଣି। ବର୍ଷେ ହେବ ସେମାନେ ଶିକ୍ଷାନୁଷ୍ଠାନକୁ ପଢ଼ିବାକୁ ମଧ୍ୟ

■ ନର୍ସିଂ, ଫାର୍ମାସୀ, ଆୟୁର୍ବେଦ ଓ ହୋମିଓପାଥି ପାଠ୍ୟକ୍ରମ ପ୍ରଭାବିତ
■ ନିଯୁକ୍ତି, ଇଣ୍ଟର୍ନଶିପ୍ ଓ କ୍ୟାମ୍ପସ୍ ପ୍ଲେସମେଣ୍ଟରୁ ବଞ୍ଚିତ ଛାତ୍ରଛାତ୍ରୀ

ରାଜ୍ୟର ସ୍ୱାସ୍ଥ୍ୟ ଶିକ୍ଷାର ମାନଦଣ୍ଡ ସମ୍ଭାଳୁଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାର ଏହି ବିକଳ ଚିତ୍ର ଦେଖିବାକୁ ମିଳିଛି। ଗୁରୁତର ପ୍ରଶାସନିକ ସଙ୍କଟ ଦେଇ ଗତି କରୁଥିବା ଏହି ବିଶ୍ୱବିଦ୍ୟାଳୟର ଏକାଡେମିକ୍ କ୍ୟାଲେଣ୍ଡର ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୨୦୨୩-୨୪ ଶିକ୍ଷା ବର୍ଷରେ ନାମଲେଖାଇଥିବା ବିଏସ୍‌ସି ନର୍ସିଂ ପିଲାଙ୍କ ୩ ବର୍ଷ ପାଠପଢ଼ା ସରି ଶେଷ ବର୍ଷର ପାଠପଢ଼ା ଆରମ୍ଭ ହେଲାଣି। ଏଯାଏଁ ୬ ଟି ସେମିଷ୍ଟାର ପରୀକ୍ଷା ସରିବା ସ୍ଥାନରେ ମାତ୍ର ୨ଟି ସେମିଷ୍ଟାର ପରୀକ୍ଷା ସରିଛି। ଅବଶିଷ୍ଟ ୪ଟି ସେମିଷ୍ଟାର ପରୀକ୍ଷା ହୋଇନାହିଁ ଏବଂ କେବେ ଆସୁନାହାନ୍ତି। ମାତ୍ର ସେମାନଙ୍କ ଦ୍ୱିତୀୟବର୍ଷ ପରୀକ୍ଷା ଏବେ ଯାଏଁ ହୋଇନାହିଁ। ସେହିପରି ୨୦୨୪-୨୫ ଶିକ୍ଷାବର୍ଷରେ ନାମ ଲେଖାଇଥିବା ପିଲାଙ୍କ ପାଠପଢ଼ା ସରିଥିଲେ ମଧ୍ୟ ପରୀକ୍ଷା ସରିନାହିଁ। ଏମ୍‌ଏସ୍‌ସି ନର୍ସିଂ ପାଠ୍ୟକ୍ରମର ମଧ୍ୟ ସମାନ ଅବସ୍ଥା। ଏହି ୨ ବର୍ଷିଆ ପାଠ୍ୟକ୍ରମ ପାଇଁ ୨୦୨୩-୨୪ରେ ନାମଲେଖାଇଥିବା ପିଲାମାନେ ୨୦୨୫ରୁ ପଢ଼ା ସାରିଥିଲେ ମଧ୍ୟ ଏଯାଏଁ ପରୀକ୍ଷା ହୋଇପାରିନାହିଁ। ବିଫାର୍ମ ଓ ଏମ୍. ଫାର୍ମ ଛାତ୍ରଛାତ୍ରୀମାନେ ମଧ୍ୟ ପରୀକ୍ଷା ହେଉ ନ ଥିବାରୁ ପ୍ରମାଦ ଗଣୁଛନ୍ତି।

ଆୟୁର୍ବେଦ ପାଠ୍ୟକ୍ରମରେ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ପିଲାଙ୍କ ଅବସ୍ଥା ସବୁଠାରୁ ଦୁର୍ଭାଗ୍ୟଜନକ। ସାଢ଼େ ୫ ବର୍ଷିଆ ଏହି ପାଠ୍ୟକ୍ରମ ପାଇଁ ୨୦୨୩-୨୪ ରେ ସ୍ନାତକ ପାଇଁ ନାମଲେଖାଇଥିବା ପିଲାଙ୍କ ବର୍ଷକୁ ଗୋଟିଏ ଲେଖାଏଁ ମୋଟ୍ ୪ଟି ପରୀକ୍ଷା ସରିବା କଥା। ମାତ୍ର କେବଳ ଗୋଟିଏ ବାର୍ଷିକ ପରୀକ୍ଷା ସରିଥିବାବେଳେ




ଅବଶିଷ୍ଟ ୩ଟି ପରୀକ୍ଷା ଏଯାଏଁ ହୋଇପାରିନି। ପିଲା ଶେଷ ବର୍ଷର ପାଠ ପଢୁଥିବାବେଳେ ଦ୍ୱିତୀୟ ବର୍ଷର ପରୀକ୍ଷା ଦେଇନାହାନ୍ତି। ୨୦୨୪-୨୫ ପିଲାଙ୍କ ପ୍ରଥମ ପରୀକ୍ଷା ଜାରି ରହିଥିବାବେଳେ ଅବଶିଷ୍ଟ ୩ଟି ପରୀକ୍ଷା କେବେ ହେବ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆୟୁର୍ବେଦରେ ସ୍ନାତକ ପିଲାଙ୍କ ମୋଟ୍ ୧୦ଟି ପରୀକ୍ଷା ପେଣ୍ଡିଂ ଥିବାବେଳେ ସ୍ନାତକୋତ୍ତର ପିଲାଙ୍କ ୫ଟି ପରୀକ୍ଷା ବାକି ରହିଛି। ଏନୁରୂପ ଭାବେ ହୋମିଓପାଥି ସ୍ନାତକ ପାଠ୍ୟକ୍ରମରେ ୨୦୨୩-୨୪ ପିଲାଙ୍କ ମାତ୍ର ଗୋଟିଏ ପରୀକ୍ଷା ସରିଥିବାବେଳେ ଆହୁରି ୧୧ଟି ପରୀକ୍ଷା ପେଣ୍ଡିଂ ରହିଛି। ସେହିପରି ସ୍ନାତକୋତ୍ତର ପିଲାଙ୍କ ମାତ୍ର ଗୋଟିଏ ପରୀକ୍ଷା ହୋଇଥିବାବେଳେ ଆଉ ୫ଟି ପରୀକ୍ଷା କରିବାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି।

ପରୀକ୍ଷା ଏବଂ ଫଳ ପ୍ରକାଶ ବିଳମ୍ବ ହେବାରୁ ଅନେକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ଯୋଗ୍ୟ ହୋଇପାରୁ ନାହାନ୍ତି। ନର୍ସିଂ ଓ ଫାର୍ମାସି କ୍ଷେତ୍ରରେ ନିଯୁକ୍ତି, ଇଣ୍ଟର୍ନଶିପ୍, କ୍ୟାମ୍ପସ୍ ପ୍ଲେସମେଣ୍ଟ ଓ ଉଚ୍ଚତର ଅଧ୍ୟୟନ ପାଇଁ ମାର୍କସିଟ୍ ଓ ସର୍ଟିଫିକେଟ୍ ଆବଶ୍ୟକ ହେଉଥିବା ବେଳେ ଛାତ୍ରଛାତ୍ରୀମାନେ ଏହି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପରୀକ୍ଷା କେବେ ହେବ ଏବଂ ଫଳ କେବେ ପ୍ରକାଶ ପାଇବ, ସେନେଇ କୌଣସି ସ୍ପଷ୍ଟତା ନଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଭୟଙ୍କର ମାନସିକ ଚାପରେ ରହିଛନ୍ତି। ନିଜର ଭବିଷ୍ୟତ ପ୍ରତି ଅନିଶ୍ଚିତତା ଘୋଟି ରହିଥିବାବେଳେ ବୟସ ସୀମାଭିତ୍ତିକ ନିଯୁକ୍ତି ସୁଯୋଗ ହରାଇବାର ଆଶଙ୍କା ବଢ଼ିଛି। ବିଶେଷଜ୍ଞମାନଙ୍କ ମତରେ, ନର୍ସିଂ ଓ ଫାର୍ମାସି କ୍ଷେତ୍ର ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳ ଆଧାର। ଏହି କ୍ଷେତ୍ରର ଶିକ୍ଷାର୍ଥୀଙ୍କ ପରୀକ୍ଷା ଓ ଶିକ୍ଷା ପ୍ରକ୍ରିୟା ବିଳମ୍ବ ହେବା ଅର୍ଥ ଭବିଷ୍ୟତରେ ଦକ୍ଷ ନର୍ସ, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପଲବ୍ଧତା ଉପରେ ମଧ୍ୟ ପ୍ରଭାବ ପଡ଼ିବ। ପ୍ରାୟ ୫୨ ରୁ ଅଧିକ ସେମିଷ୍ଟାର ପରୀକ୍ଷା ବିଳମ୍ବ ନେଇ ବିଶ୍ୱବିଦ୍ୟାଳୟର କାର୍ଯ୍ୟଦକ୍ଷତା ଓ ପ୍ରଶାସନିକ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଡିଜେ ସାଉଣ୍ଡ ନେଲା ମହିଳାଙ୍କ ଜୀବନ



ପାଟଣାଗଡ଼,୨୦।୬(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ ଥାନା ବ୍ରହ୍ମପୁରାସ୍ଥିତ ସହରାପଡ଼ାରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଡିଜେଗାଡି ସାଉଣ୍ଡରେପଡାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସହରାପଡାର ଲୋଚନା ବାହୁ(୪୫)।

■ ମୃତ୍ୟୁକୁ ନେଇ ଉତ୍ତେଜନା
■ ପାଟଣାଗଡ଼-କଣ୍ଟାବାଞ୍ଜି ମୁଖ୍ୟ ରାସ୍ତା ଅବରୋଧ

ପାଟଣାଗଡ଼ ସହରାପଡାରେ ଗୋଟିଏ ବାହାଘର ଥିଲା। ବିଳମ୍ବିତ ରାତିରେ ନବବଧୂଙ୍କୁ ମନ୍ଦିର ଦର୍ଶନ ପାଇଁ ନେବା ସମୟରେ ଅତ୍ୟଧିକ ସାଉଣ୍ଡରେ ଡିଜେ ବଜାଯାଉଥିଲା। ଏହି ସମୟରେ ଲୋଚନା ତାଙ୍କ ନାତୁଣୀକୁ ସ୍ନାନ କରାଉଥିଲେ। ଡିଜେ ସାଉଣ୍ଡ ତାଙ୍କୁ ବ୍ୟଥିତ କରୁଛି, ତେଣୁ ଡିଜେ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ; କିନ୍ତୁ ବରପକ୍ଷ ତାଙ୍କ କଥାକୁ ନ ମାନି ଆହୁରି ସାଉଣ୍ଡ ଦେଇ ଡିଜେ ବଜାଇ ଚାଲିଥିଲେ। କିଛି ସମୟପରେ ଲୋଚନା ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ପାଟଣାଗଡ଼ ଡାକ୍ତରଖାନା ନେଇଥିଲେ। ସେଠାରୁ ବଲାଙ୍ଗିର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଲୋଚନାଙ୍କ ଅବସ୍ଥା ସଙ୍କଟାପନ୍ନ କହିବାରୁ ପୁଣି ପାଟଣାଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଲୋଚନାଙ୍କ ମୃତ୍ୟୁ ଘଟିଥିଲା।

ପରିବାର ଲୋକେ ଡିଜେ ସାଉଣ୍ଡ ଯୋଗୁଁ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆଣି ସହରାପଡାରେ ପାଟଣାଗଡ଼-କଣ୍ଟାବାଞ୍ଜି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଅବରୋଧ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ଘଟଣାସ୍ଥଳକୁ ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ; କିନ୍ତୁ ପରିବାର ଲୋକେ କ୍ଷତିପୂରଣ ଦାବି ନେଇ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପ୍ରାୟ ଘଣ୍ଟା ପରେ ପାଟଣାଗଡ଼ ତହସିଲଦାର ରୁଦ୍ର ମୋହନ ନାୟକ ପହଞ୍ଚି ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଡିଜେ ଗାଡି ଡ୍ରାଇଭର ଓ ଅପରେଟର ବିରୋଧରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ହତ୍ୟା ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର

## ୫ ଗିରଫ : ଦେଶୀ ପିସ୍ତଲ, ଗୁଳି, ଖୋକା, ଟାଙ୍ଗିଆ, ଫାର୍ସା, ମୋବାଇଲ ଜବତ

ରାଉରକେଲା,୨୦।୬(ସମିସ): ରାଉରକେଲା ସେକ୍ଟର-୭ ଥାନା ଅଧୀନ ସେକ୍ଟର-୬ ଅଞ୍ଚଳର ତୋଫାନ ବିନ୍ଧାଣୀ ହତ୍ୟାକାଣ୍ଡର ୭୨ ଘଣ୍ଟା ପରେ ରାଉରକେଲା ପୁଲିସକୁ ମିଳିଛି ସଫଳତା। ହତ୍ୟା ଘଟଣାରେ ୫ ଜଣ ଅଭିଯୁକ୍ତ ଥିଲେ ମଧ୍ୟ ଦୁଇ ଜଣ ଫେରାର ହେଉଥିବା ବେଳେ ପୁଲିସ ଏନକାଉଣ୍ଟରରେ ଆହତ ହୋଇଛନ୍ତି। ପୁଲିସ ଗତକାଲି ରାତିରେ ମୁଖ୍ୟ ଅଭିଯୁକ୍ତ ସମେତ ୫ ଜଣଙ୍କୁ ଗିରଫ କରିଥିଲା। ଗିରଫ ୫ ଜଣଙ୍କ ମଧ୍ୟରୁ ୨ ଅଭିଯୁକ୍ତ ଫେରାର ହେଉଥିବା ବେଳେ ପୁଲିସ ଭ୍ୟାନକୁ ଦେଖି ପୁଲିସ ଉପରକୁ ଗୁଳି ଚାଳନା କରିଥିଲେ। ଜବାବରେ ପୁଲିସ ସେମାନଙ୍କ ଉପରକୁ ଗୁଳି ଚାଳନା କରିଥିଲା। ଏଥିରେ ୨ ଅଭିଯୁକ୍ତ ଆହତ ହୋଇଛନ୍ତି। ଅଭିଯୁକ୍ତଙ୍କ ଡାହାଣଗୋଡ଼ର ଆଣ୍ଠୁରେ ଗୁଳି ବାଜିଛି। ଆହତ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ସୁଶାନ୍ତ ନାୟକ ଓରଫ୍ ନଣ୍ଡା ବାବୁ(୩୦) ଏବଂ ଚିନୁ ହରିପ୍ପା(୨୩)। ଉଭୟଙ୍କ ଘର ସେକ୍ଟର-୭ ଥାନା ଅଧୀନ ସେକ୍ଟର-୬ ନିକଟସ୍ଥ ନାରାୟଣପାଲ୍ଲୀ ବସ୍ତିରେ। ଉଭୟଙ୍କୁ ଗିରଫ କରାଯିବା ସହ ପୁଲିସ ସୁରକ୍ଷା ମଧ୍ୟରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ଏକ ମାଗାଜିନ, ଗୋଟିଏ ଜୀବନ୍ତ ଗୁଳି, ୨ଟି ଖୋକା(ଫୁଟା ଗୁଳି), ୨ଟି ଟାଙ୍ଗିଆ, ଗୋଟିଏ ଫାର୍ସା, ମୋବାଇଲ ଫୋନ୍ ଜବତ କରାଯାଇଛି। ଅନ୍ୟ ତିନି ଅଭିଯୁକ୍ତ ହେଲେ ସେକ୍ଟର-୭ ଥାନା ଅଧୀନ ସେକ୍ଟର- ୫ର କବିସମ୍ରାଟପାଲ୍ଲୀ ବସ୍ତିର ରୋହିତ ମୁଖି (୩୨), ସେକ୍ଟର-୭ ଥାନା ଅଧୀନ




ସେକ୍ଟର-୫ର ଗୋଲଘର ନିକଟ ଗଞ୍ଜାମପାଲ୍ଲୀ ବସ୍ତିର ରୋହିତ ହରିପା(୨୩) ଏବଂ ଝିରପାଣି ଥାନା ଅଧୀନ ପମ୍ପ ହାଉସ୍ ଅଞ୍ଚଳର ଜନସନ୍ ନାଗ୍ (୨୬)। ଗିରଫ ସୁଶାନ୍ତ ନାୟକଙ୍କ ନାମରେ ସେକ୍ଟର-୭ ଥାନାରେ ୩ଟି ମାମଲା ରହିଥିବାବେଳେ ରୋହିତ ହରିପ୍ପାଙ୍କ ନାଁରେ ସେକ୍ଟର-୭ ଥାନାରେ ଗୋଟିଏ ମାମଲା ଏବଂ ରୋହିତ ମୁଖିଙ୍କ ନାଁରେ ସେକ୍ଟର-୩ ଥାନାରେ ୨ଟି ମାମଲା ଏବଂ ଜନସନ୍ ନାଗଙ୍କ ନାଁରେ ଝିରପାଣି ଥାନାରେ ଗୋଟିଏ ମାମଲା ରହିଛି।

# ୩୪.୬୪ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କ ବ୍ୟାଙ୍କ ଖାତାକୁ ଗଲା ୬୯୨.୮୬ କୋଟି

**ପିଏମ୍ କିଷାନ ଯୋଜନାର ୨୩ତମ କିସ୍ତି ପ୍ରଦାନ**

ବାରିପଦା, ୨୦।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପଶ୍ଚିମବଙ୍ଗର ହୁଗୁଳିସ୍ଥ ତାରକେଶ୍ୱରଠାରେ ପିଏମ୍ କିଷାନ ଯୋଜନାର ୨୩ତମ କିସ୍ତି ପ୍ରଦାନ କରାଯାଇଛି। ସମଗ୍ର ଦେଶରେ ୯ କୋଟି ୪୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧୮, ୮୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ଓଡ଼ିଶାର ୩୪.୬୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆଜି ୬୯୨.୮୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ପିଏମ୍ କିଷାନ ଯୋଜନା ଦେଶର ଏକ ପ୍ରମୁଖ କୃଷକ କଲ୍ୟାଣକାରୀ ଯୋଜନା। କେନ୍ଦ୍ର ସରକାରଙ୍କ ଏହି ଯୋଜନା ଅନ୍ତର୍ଗତ ମିଳୁଥିବା ଆର୍ଥିକ ସହାୟତାକୁ ଚାଷୀ ବିହନ, ସାର, କୀଟନାଶକ ଓ ଚାଷ ପାଇଁ ଆବଶ୍ୟକ ଅନ୍ୟାନ୍ୟ ଜିନିଷ କିଣିବା ପାଇଁ ବ୍ୟବହାର କରିପାରିବେ। ଏଥିରେ ସମସ୍ତ ଯୋଗ୍ୟ କୃଷକଙ୍କୁ ସମାନ ତିନୋଟି କିସ୍ତିରେ ବର୍ଷକୁ ମୋଟ ୬ ,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଅନ୍ନଦାତାଙ୍କ ସମ୍ମାନାର୍ଥେ ଏହି ଦିନକୁ ସାରା ଦେଶ ତଥା ରାଜ୍ୟରେ ଉତ୍ସର୍ଗୀକୃତ ଭାବେ ରାଷ୍ଟ୍ରୀୟ କୃଷକ ଉତ୍ସବ ଦିବସ ରୂପେ ପାଳନ କରାଯାଉଛି।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ପିଏମ୍ କିଷାନ ସହାୟତା ପ୍ରଦାନ ଉତ୍ସବ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରସ୍ଥ ମହତାବ ଭବନ ଟାଉନ ହଲଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ ଚାଷୀ ଭାଇଭଉଣୀଙ୍କୁ ସମ୍ବୋଧନ କରି କହିଥିଲେ, ଓଡ଼ିଶା ଏପରି ଏକ ରାଜ୍ୟ ଯେଉଁଠି




ରବିଋତୁରେ ମଧ୍ୟ ଚାଷୀଙ୍କଠାରୁ ସରକାର କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ ସଂଗ୍ରହ କରୁଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟର ଚାଷୀ ବିଭିନ୍ନ ଫଳ, ପନିପରିବା ଚାଷ କରି ବିଦେଶକୁ ରପ୍ତାନି କରି ଭଲ ରୋଜଗାର କରିଛନ୍ତି ଓ ଚାଷୀ ହସିଲେ ଦେଶ ହସିବ ଉକ୍ତିକୁ ସତ୍ୟରେ ପରିଣତ କରିପାରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ, ଚଳିତ ବର୍ଷ ଏଲ୍-ନିନୋର ପ୍ରଭାବ ଅନୁଭୂତ ହେବାର ଆଶଙ୍କା ରହିଛି। ତେଣୁ ଚାଷୀମାନେ ସ୍ୱଳ୍ପ ଅବଧିଯୁକ୍ତ ଫସଲ କିସମ ଚାଷ କରନ୍ତୁ। ଏହାଦ୍ୱାରା ଆପଣଙ୍କ ଫସଲ ଉତ୍ପାଦନ ପ୍ରଭାବିତ ହେବନାହିଁ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଆହ୍ୱାନ ଅନୁଯାୟୀ ଡାଲି ଓ ତୈଳ ଜାତୀୟ ଫସଲ ରାଜ୍ୟରେ ଅଧିକ ପରିମାଣରେ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ଓଡ଼ିଶାକୁ ଡାଲି ଓ ତେଲରେ ଆତ୍ମନିର୍ଭର ପଥରେ ଅଗ୍ରସର କରିବ ଓ ସରକାର ଏହାକୁ ଏମଏସପି ଦରରେ ଚାଷୀଙ୍କଠାରୁ ସଂଗ୍ରହ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ସ୍ୱାଗତ ଭାଷଣ ଦେଇ କହିଥିଲେ, ସମସ୍ତ ଯୋଗ୍ୟ ଚାଷୀ ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ନିଜକୁ ପଞ୍ଜୀକରଣ କରାନ୍ତୁ ଓ ଯୋଜନାର ଲାଭ ଉଠାନ୍ତୁ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କୃଷି ନିର୍ଦ୍ଦେଶକ ଶୁଭମ ସାକସେନା, ବିଭାଗୀୟ ବରିଷ୍ଠ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପିଏମ୍ କିଷାନ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଉପଦେଶ ପ୍ରଦାନ କରିଥିଲେ। ରାଜ୍ୟର ସମସ୍ତ ଜିଲ୍ଲାରେ ଅବସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ଜାତୀୟ କୃଷି ଅନୁଷ୍ଠାନ, କେନ୍ଦ୍ର ଓ ରାଜ୍ୟସ୍ତରୀୟ କୃଷି ବିଶ୍ୱବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ପ୍ରସାରଣ କରାଯାଇଛି।

■ ଚାମେଲୀ ଓଝାଙ୍କୁ ଆକ୍ରମଣ ଘଟଣା

# ଫେରାର ଅଭିଯୁକ୍ତ ବିଶ୍ୱଜିତ୍ ମହାପାତ୍ର ଗିରଫ



ମହାକାଳପଡ଼ା,୨୦।୬ ( ସମିସ): ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲୀ ଓଝାଙ୍କ ଉପରେ ଆକ୍ରମଣ ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ବିଶ୍ୱଜିତ୍ ମହାପାତ୍ର ଶେଷରେ ପୁଲିସ ହାତରେ ଧରାପଡ଼ିଛନ୍ତି। ମହାକାଳପଡ଼ା ପୁଲିସକୁ ଚକ୍‌ମା ଦେଇ ବିଶ୍ୱଜିତ୍ ଭୁବନେଶ୍ୱର ଅଞ୍ଚଳରେ ଲୁଚି ବୁଲୁଥିଲେ। କୌଣସି ସୂତ୍ରରୁ ଖବର ପାଇ ମହାକାଳପଡ଼ା ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ନିଜ ଟିମ୍ ସହ ଚଢ଼ଉ କରିଥିଲେ। ପୁଲିସ ଅତର୍କିତ ଭାବେ ଘେରିଯିବାରୁ ବିଶ୍ୱଜିତ୍ ଖସିଯିବାକୁ ବାଟ ପାଇ ନ ଥିଲେ। ପୁଲିସ ତାଙ୍କୁ କାବୁ କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ଆଜି ଅଭିଯୁକ୍ତ ହିମାଂଶୁ ଶେଖର ପ୍ରଧାନଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

ସୂଚନା ମୁତାବକ, ବ୍ଲକ୍ କାର୍ଯ୍ୟାଳୟର ବିଡିଓଙ୍କ ଅଫିସରେ ସରପଞ୍ଚ ଚାମେଲୀ ଓଝାଙ୍କ ସହ ବଚସା ଓ ଆକ୍ରମଣ ଘଟଣାରେ ବିଶ୍ୱଜିତ୍ ମୁଖ୍ୟ ଅଭିଯୁକ୍ତ ଥିଲେ। ଘଟଣା ପରଠାରୁ ସେ ଫେରାର ଥିଲେ। ତାଙ୍କୁ ଧରିବା ପାଇଁ ପୁଲିସ ନାକେଦମ୍ ହୋଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି, ଆଇନକୁ ନିଜ ହାତକୁ ନେବାକୁ କାହାରିକୁ ଅନୁମତି ଦିଆଯାଇନାହିଁ। ଅଭିଯୁକ୍ତ ଯେତେ ବଡ଼ ହେଲେ ବି ତାଙ୍କୁ ଗିରଫ କରାଯିବ। ବିଶ୍ୱଜିତଙ୍କୁ ମିଶାଇ ତିନିଜଣ ଗିରଫ ହେବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଜୋର ଧରିଛି।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧିଦଳ

ଭୁବନେଶ୍ୱର,୨୦।୬(ସମିସ): ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଶନିବାର ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍ ଗୋପାଳନ୍‌ଙ୍କୁ ସାକ୍ଷାତ କରି ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ(ଏସ୍‌ଆଇଆର୍) ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପାରଦର୍ଶୀ ଓ ଜନବିଶ୍ୱାସୀ କରିବା ପାଇଁ ନିବେଦନ କରିଛନ୍ତି।

ପ୍ରତିନିଧି ମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବୁଥ୍ ସ୍ତରୀୟ ଅଧିକାରୀଙ୍କ ଆପ୍ ମାଧ୍ୟମରେ ଗଣନା ଫର୍ମର ଡିଜିଟାଲ ନଥିକରଣ ସମ୍ପୂର୍ଣ୍ଣ ହେବା ପରେ ସମ୍ପୃକ୍ତ ଭୋଟରଙ୍କୁ ତୁରନ୍ତ ଏକ ସ୍ୱୀକୃତି ବାର୍ତ୍ତା ପଠାଯିବାକୁ ବିଜେଡି ଅନୁରୋଧ କରିଛି। ଏହାଦ୍ୱାରା ଭୋଟରମାନେ ନିଜ ଫର୍ମ ସଫଳତାର ସହ ଗ୍ରହଣ ଏବଂ ନଥିଭୁକ୍ତ ହୋଇଥିବାର ନିଶ୍ଚିତତା ପାଇପାରିବେ, ଯାହା ସମଗ୍ର ପ୍ରକ୍ରିୟାର ସ୍ୱଚ୍ଛତା ଓ ଜନବିଶ୍ୱାସକୁ ଆହୁରି ସୁଦୃଢ଼ କରିବ। ଦ୍ୱିତୀୟତଃ ଭୋଟର ତାଲିକା ସଂଶୋଧନ ସମୟରେ ଦାବି



ଓ ଆପତ୍ତି ପର୍ଯ୍ୟାୟରେ ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଏବଂ ରାସନ କାର୍ଡକୁ ଅତିରିକ୍ତ ସୂଚକ ଦଲିଲ ଭାବେ ଗ୍ରହଣ କରିବାକୁ ନିର୍ବାଚନ କର୍ତ୍ତୃପକ୍ଷଙ୍କୁ ବିଚାର କରିବା ପାଇଁ ପ୍ରତିନିଧି ଦଳ ଅନୁରୋଧ କରିଛି। ଏହାଦ୍ୱାରା ଅଧିକ ସଂଖ୍ୟକ ଯୋଗ୍ୟ ଭୋଟର ନିଜର ପରିଚୟ ଓ ଯୋଗ୍ୟତା ସ୍ଥାପନ କରି ନିର୍ବାଚନୀ ଅଧିକାରର ସୁବିଧାଜନକ ପ୍ରୟୋଗ କରିପାରିବେ। ସେହିପରି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମୟରେ ନିରବଚ୍ଛିନ୍ନ ଯୋଗାଯୋଗ, ତ୍ୱରିତ ସମସ୍ୟା ସମାଧାନ ଏବଂ ସୁଚାରୁ ସମନ୍ୱୟ ସୁନିଶ୍ଚିତ କରିବା ଲକ୍ଷ୍ୟରେ ନିର୍ବାଚନ ଅଧିକାରୀ ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଉପଯୁକ୍ତ ସ୍ତରରେ ସ୍ୱତନ୍ତ୍ର ହ୍ୱାଟ୍ସଆପ୍ ଗୋଷ୍ଠୀ ଗଠନ କରିବାକୁ ବିଜେଡି ପ୍ରସ୍ତାବ ଦେଇଛି।

ଏହି ପଦକ୍ଷେପଗୁଡ଼ିକ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ଅଧିକ ସୁଦୃଢ଼ କରିବା ସହିତ ଭୋଟରମାନଙ୍କ ସୁବିଧା ବୃଦ୍ଧି କରିବ ଏବଂ ଏହା ଅଧିକ ଦକ୍ଷ, ଅନ୍ତର୍ଭୁକ୍ତିମୂଳକ ଓ ସଫଳ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଗଠନରେ ସହାୟକ ହେବ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି।

**ସ୍ୱଚ୍ଛ ଓ ଜନବିଶ୍ୱାସୀ ହେଉ ଭୋଟର ତାଲିକା ସଂଶୋଧନ**

ପ୍ରତିନିଧି ମଣ୍ଡଳୀରେ ବିଜେଡିର ଉପସଭାପତି ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ରାଜ୍ୟସଭା ସାଂସଦ ସୁଲତା ଦେଓ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ସାଧାରଣ ସମ୍ପାଦକ ବିଜୟ ନାୟକ, ମିଡିଆ ସେଲ ସଂଯୋଜକ ଓ ମୁଖପାତ୍ର ଡ. ଲେନିନ ମହାନ୍ତି ଏବଂ ବରିଷ୍ଠ ନେତା ରବି ସାମଲ ସାମିଲ ଥିଲେ।

# ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ୧୬୭୮ ନୁହେଁ; ୨୧୪୮ ତ୍ରୁଟି

ଭୁବନେଶ୍ୱର, ୨୦।୬(ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ବନାନ୍ ସମେତ ବ୍ୟାକରଣ, ବାକ୍ୟ ଗଠନରେ ତ୍ରୁଟି ସଂଖ୍ୟା ଦିନକୁ ଦିନ ବଢୁଛି। ପାଠ୍ୟପୁସ୍ତକରେ ମୋଟ୍ ୧୬୭୮ଟି ତ୍ରୁଟି ରହିଥିବା କଥା ପୁସ୍ତକ ପ୍ରସ୍ତୁତ କରିଥିବା ଶିକ୍ଷକ ଶିକ୍ଷା ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶାଳୟ ପକ୍ଷରୁ ସ୍ୱୀକାର କରାଯିବା ସହ ସଂଶୋଧିତ ତାଲିକା ଜାରି କରାଯାଇଛି। ମାତ୍ର ଏହି ତ୍ରୁଟି ସଂଖ୍ୟା ବହୁ ଅଧିକ ବୋଲି ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଆହୁରି ଅଧିକ ୪୭୦ଟି ତ୍ରୁଟି ଅର୍ଥାତ୍ ମୋଟ୍ ୨୧୪୮ ତ୍ରୁଟି ରହିଛି। ଫଳରେ ଅବଶିଷ୍ଟ ଭୁଲ୍‌କୁ ଶିକ୍ଷକ କଣ ପଢ଼ାଇବେ ଓ ଛାତ୍ରଛାତ୍ରୀ କଣ ପଢ଼ିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ପ୍ରାଥମିକ ଶିକ୍ଷକ ସଂଘ ପିଷ୍ଟାର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ଆହୁରି ଅନେକ ତ୍ରୁଟି ରହିଛି। ସରକାର ୧୬୭୮ଟି ତ୍ରୁଟିକୁ ସ୍ୱୀକାର କରିଥିବାବେଳେ ଏହି ସଂଖ୍ୟା ବହୁ ଅଧିକ ରହିଛି। ତାଙ୍କ ଅନୁଧ୍ୟାନ ଅନୁଯାୟୀ ମୋଟ୍ ୨୧୪୮ ତ୍ରୁଟି ରହିଥିବା ସେ ଅଭିଯୋଗ କରିବା ସହ ଏହି ସଂଖ୍ୟା ଆଗକୁ ପଢ଼ାଇବା ବେଳେ ଆହୁରି ଜଣାପଡ଼ିବ ବୋଲି କହିଛନ୍ତି। ମାଳମାଳ ଭୁଲ୍ ସତ୍ତ୍ୱେ ସରକାର ତ୍ରୁଟିଶୂନ୍ୟ ପୁସ୍ତକ ପ୍ରଦାନ କରିବା ପରିବର୍ତ୍ତେ ମାଳମାଳ ତ୍ରୁଟି ଥିବା ପୁସ୍ତକରେ କାମ ଚଳାଇଦେବା ମନ୍ତବ୍ୟକୁ ନେଇ ପ୍ରଶ୍ନ କରିଛନ୍ତି। କେଉଁ ପ୍ରକ୍ରିୟାରେ ପୁସ୍ତକର ତ୍ରୁଟିକୁ ସଂଶୋଧନ କରାଯିବ ସେନେଇ କୌଣସି ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ଜାରି କରାଯାଇ ନାହିଁ। ପୁଣି ବର୍ଷସାରା ପିଲାଙ୍କୁ ତ୍ରୁଟିଯୁକ୍ତ ବହି ପଢ଼ିବାକୁ କୁହାଯିବା ସେମାନଙ୍କ ଶୈକ୍ଷିକ ଭବିଷ୍ୟତକୁ ପ୍ରଭାବିତ କରିବ। ଶିକ୍ଷକ ଶିକ୍ଷୟତ୍ରୀମାନେ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେବେ। ଏଣୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ରୁଟିଶୂନ୍ୟ ପୁସ୍ତକ ପ୍ରସ୍ତୁତ କରାଯାଉ। ପୁସ୍ତକ ପ୍ରସ୍ତୁତି ଦାୟିତ୍ୱରେ ତଳୁ ଉପର ପର୍ଯ୍ୟନ୍ତ ଥିବା ଅଧିକାରୀଙ୍କ ଠାରୁ ସମସ୍ତ ଅର୍ଥ ଭରଣା କରି ନୂତନ ଭାବେ ତ୍ରୁଟିଶୂନ୍ୟ ପୁସ୍ତକ ଛାପିବାକୁ ସେ ଦାବି କରିଛନ୍ତି।

**ଦାୟିତ୍ୱରେ ଥିବା ଅଧିକାରୀଙ୍କ ଠାରୁ ଭରଣା କରି ତ୍ରୁଟିଶୂନ୍ୟ ପୁସ୍ତକ ମୁଦ୍ରଣ ଦାବି**

# ଅପରାଧୀଙ୍କ ରିମୋଟ୍‌ରେ ଚୌଦ୍ୱାର ଜେଲ୍

ଚୌଦ୍ୱାର,୨୦।୬(ସମିସ): ଦିନକୁ ଦିନ ଅଶାନ୍ତ ହେଉଛି ଚୌଦ୍ୱାର ମଣ୍ଡଳ କାରାଗାର। ଏହି ମଣ୍ଡଳକାରାଗାରରେ ଚାଲିଛି କ'ଣ? କାହିଁକି ଜେଲ ଉଚ୍ଚ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରୁଛନ୍ତି? ବାରମ୍ବାର ଏହି କାରାଗାର କାହିଁକି ଚର୍ଚ୍ଚାକୁ ଆସୁଛି? ଏଭଳି ଅନେକ ପ୍ରଶ୍ନ ଠିଆ କରାଇଛି ଚୌଦ୍ୱାର ମଣ୍ଡଳ କାରାଗାର। ଏହି ଜେଲରେ ବହୁ ଦୁର୍ଦ୍ଦାନ୍ତ ଅପରାଧୀ ବନ୍ଦୀ ଜୀବନ ବିତାଉଥିବାବେଳେ ଜେଲ କର୍ତ୍ତୃପକ୍ଷ ଏହାକୁ ହାଲୁକା ଭାବେ ଗ୍ରହଣ କରୁଥିବାରୁ ଏଠାରେ ବିଭିନ୍ନ ସମୟରେ ଏକାଧିକ ସମସ୍ୟା ସୃଷ୍ଟି ହେଉଛି। ମାତ୍ର ଏଠାରେ ବିଭିନ୍ନ ସମୟରେ କଏଦୀମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେବା, ମରଣାନ୍ତକ ଆକ୍ରମଣ କରାଯିବା, କଏଦୀ ଆତ୍ମହତ୍ୟା କରିବା, ଜେଲ ପାଚେରୀ ଡେଇଁ ଫିଲ୍ମ ଷ୍ଟାଇଲରେ ଫେରାର ହୋଇଯିବା ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଶେଷ କରି କାରାଗାରର ଅଧିକାରୀମାନଙ୍କ ମଧ୍ୟରେ ଚାଲିଥିବା ସମନ୍ୱୟର ଅଭାବ ଅପରାଧିଙ୍କୁ ସୁହାଉଛି। ତେଣୁ ଅପରାଧିମାନେ ସେମାନଙ୍କର ଅପରାଧିକ କାର୍ଯ୍ୟକଳାପ ଜେଲ୍ ଭିତରୁ ନିୟନ୍ତ୍ରଣ କରୁଥିବା ଜଣାପଡ଼ିଛି।

ଚୌଦ୍ୱାର ମଣ୍ଡଳ କାରାଗାରରେ ନିଶା ଦ୍ରବ୍ୟ ମିଳିବା, କଏଦୀମାନଙ୍କ ପାଖରୁ ଛୁରୀ ଆରିପାତ ଆଦି ଜବତ ଘଟଣା ନୂଆ ନୁହେଁ; ମାତ୍ର ଏସବୁ କଏଦୀମାନଙ୍କ ନିକଟରେ ପହଞ୍ଚୁଛି କେମିତି? ଯାହା ଦ୍ୱାରା ଦୁଇଜଣ ବିହାରୀ କଏଦୀ ୨୦୨୫ ମସିହା ଅକ୍ଟୋବର ମାସ ଦୁର୍ଗାପୂଜା ସମୟରେ କାରାଗାରର ସୁଉଚ୍ଚ ପାଚେରୀ ଡେଇଁ ଫେରାର ହେବାରେ ସଫଳ ହେଲେ। ସେମାନେ ଫେରାର ହେବା




ପାଇଁ କରୁଥିବା ଯୋଜନା ସମ୍ପର୍କରେ କାରାଗାର ଅଧିକାରୀ ଓ କର୍ମଚାରୀ କେହିବି ସୁରାକ ପାଇ ପାରିଲେ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ତେବେ କଏଦୀ ପାଚେରୀ ଡେଇଁଯିବା ପରେ ଜେଲ ଭିତରେ ଆରମ୍ଭ ହୋଇଥିଲା ଅସଲ ଯୁଦ୍ଧ। ସୁପରିଣ୍ଟେଣ୍ଡେଣ୍ଟ ସୁଜିତ ରାଉଳ ଓ ତତ୍‌କାଳୀନ ଜେଲର ସନ୍ତୋଷିନୀ ଦାଶଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା କାଦୁଅ ଫିଙ୍ଗା ରାଜନୀତି। ପରସ୍ପରକୁ ଦୋଷ ଦେଇ ନିଜକୁ ଏହି ଘଟଣାରୁ ସୁରକ୍ଷିତ ରଖିବା ପାଇଁ ଉଦ୍ୟମ କରିଥିଲେ। ଏହି ଘଟଣା ପରେ ଶ୍ରୀମତୀ ଦାଶଙ୍କୁ ଜେଲରୁ ବଦଳି କରାଯାଇଥିଲେ ମଧ୍ୟ ଉଭୟଙ୍କ ଯୁଦ୍ଧ ଏଯାଏ ଶେଷ ହୋଇନାହିଁ। ଏପରିକି ଜଣେ ମହିଳା କଏଦୀଙ୍କ ସୁନାଗହଣା ଗାଏବ ହେବା ନେଇ ଉଭୟେ ରାଜନୀତି ଆରମ୍ଭ କରିଦେଇଥିଲେ। ସମ୍ପୃକ୍ତ କଏଦୀଙ୍କୁ ଥାନାରେ ଏତଲା ଦେବା ପାଇଁ ଉଭୟ ଅଧିକାରୀ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ପରାମର୍ଶ ଦେଇଥିଲେ। ଜଣେ ଜେଲ ଫେରନ୍ତା କଏଦୀଙ୍କ କହିବା ଅନୁଯାୟୀ ଚୌଦ୍ୱାର ମଣ୍ଡଳକାରାଗାର ଏବେ ନିଶା ବେପାରର ପେଣ୍ଠସ୍ଥଳ ପାଲଟି ଯାଇଛି। କିଛି ୱାର୍ଡରମାନେ ଜେଲ ଭିତରେ କଏଦୀଙ୍କୁ ସିଗାରେଟ ଗୋଟିକୁ ୪୦ଟଙ୍କା, ଗୁଟୁଖା ୧ପାଉଚ୍‌କୁ ୧୫ଟଙ୍କାରେ ବିକ୍ରି କରୁଛନ୍ତି। ଏଥିସହିତ ଦୁର୍ଦ୍ଦାନ୍ତ ଅପରାଧୀମାନେ ଜେଲ ଭିତରେ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଥିବା ଜଣାପଡ଼ିଛି। ଜେଲ ଭିତରେ ଦୁର୍ଦ୍ଦାନ୍ତ ଅପରାଧୀମାନେ ମୋବାଇଲ ବ୍ୟବହାର କରି ବାହାର ଅପରାଧ ଜଗତକୁ ନିୟନ୍ତ୍ରଣ କରୁଥିବା ଅଭିଯୋଗ ଆସୁଛି। ତେବେ ଏହି ମଣ୍ଡଳ କାରାଗାରରେ ଏସବୁ ଚାଲିଥିବାବେଳେ ଜେଲ କର୍ତ୍ତୃପକ୍ଷ, ସରକାର ଓ ଡିଜିପି ଏଥିପ୍ରତି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ଶଙ୍ଖାରି ସେବା ସମବାୟ ସମିତିରେ ତାଲା ପକାଇ ଚାଷୀଙ୍କ ଧାରଣା

ଚନ୍ଦନେଶ୍ୱର, ୨୦।୬ (ସମିସ)



ଚଳିତ ରବି ଧାନ ସଂଗ୍ରହ ଋତୁରେ ଧାନ ବିକ୍ରିକୁ ନେଇ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ଗ୍ରାମପଞ୍ଚାୟତର ଗାଜିପୁରସ୍ଥିତ ଶଙ୍ଖାରି ସେବା ସମବାୟ ସମିତିରେ ଚାଷୀଙ୍କ ଅସନ୍ତୋଷ ତୀବ୍ର ରୂପ ଧାରଣ କରିଛି। ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ ମଧ୍ୟ ଅଧିକାଂଶ ଚାଷୀ ନିଜର ଉତ୍ପାଦିତ ଧାନ ବିକ୍ରି କରିପାରି ନଥିବାରୁ ଶୁକ୍ରବାର ସେମାନେ ସମିତିର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଏହି ଘଟଣା ଅଞ୍ଚଳରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ଶଙ୍ଖାରି ସେବା ସମବାୟ ସମିତି ଅଧୀନରେ ଚଳିତ ବର୍ଷ ରବି ଧାନ ବିକ୍ରି ପାଇଁ ମୋଟ ୨୯୮ ଜଣ ଚାଷୀ ପଞ୍ଜିକରଣ କରିଥିଲେ। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ୩୫ ଦିନରୁ ଅଧିକ ସମୟ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମାତ୍ର ୪୫ ଜଣ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯାଇଛି। ଫଳରେ ଶତାଧିକ ଚାଷୀ ନିଜ ଘରେ ଧାନ ଗଚ୍ଛିତ ରଖିବାକୁ ବାଧ ହୋଇଛନ୍ତି। ଚାଷୀମାନଙ୍କ ଅଭିଯୋଗ ହେଉଛି, ଅନେକେ ଧାନ ବିକ୍ରି ପାଇଁ ଟୋକନ ପାଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାନ ବିକ୍ରି କରିବାର ସୁଯୋଗ ପାଇନାହାନ୍ତି। ଏପରିକି କିଛି ଟୋକନର ଅବଧି ଶେଷ ହେବାକୁ ବସିଥିବାରୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଖୋଲା ସ୍ଥାନରେ ରହିଥିବା ଧାନ ନଷ୍ଟ ହେବାର ଆଶଙ୍କା ମଧ୍ୟ ଦେଖାଦେଇଛି। ଏହାକୁ ନେଇ କ୍ଷୁବ୍ଧ ଚାଷୀମାନେ ସମିତି କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଧାରଣାରତ ଚାଷୀମାନେ ସରକାର ଓ ପ୍ରଶାସନଙ୍କ ନିକଟରେ ତୁରନ୍ତ ଧାନ କିଣା ବ୍ୟବସ୍ଥା ସୁଚାରୁରୂପେ କରିବା, ଟୋକନର ଅବଧି ବୃଦ୍ଧି କରିବା ଏବଂ ଅଧିକ ସଂଖ୍ୟକ ମିଲର ନିଯୁକ୍ତି କରି ଶୀଘ୍ର ଧାନ ସଂଗ୍ରହ କରିବା ପାଇଁ ଦାବି କରିଥିଲେ। ଚାଷୀମାନଙ୍କ କହିବା ଅନୁଯାୟୀ, ସରକାର ଘୋଷଣା କରିଥିବା ସହାୟକ ମୂଲ୍ୟରେ ଧାନ ବିକ୍ରି କରିବା ଉଦ୍ଦେଶ୍ୟରେ ସେମାନେ ପଞ୍ଜିକରଣ କରିଥିଲେ। କିନ୍ତୁ ଧାନ

**ତୁରନ୍ତ ଧାନ କିଣା ନ ହେଲେ ଆତ୍ମାହୁତି ଚେତାବନୀ**

କିଣା ପ୍ରକ୍ରିୟାର ମନ୍ଥର ଗତି ଯୋଗୁଁ ସେମାନେ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ଖବର ପାଇ ଶଙ୍ଖାରି ସେବା ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା ଓ ସମ୍ପାଦକ ସୁବ୍ରତ କୁମାର ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସେମାନେ ଚାଷୀମାନଙ୍କୁ ବୁଝାସୁଝା କରିବା ସହିତ ସମସ୍ୟାର ସମାଧାନ ପାଇଁ ବାଲେଶ୍ୱର ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ଆଶ୍ୱାସନ ଦେଇଥିଲେ। ଅତିଶୀଘ୍ର ଅଧିକ ମିଲର ଯୋଗାଣ ଏବଂ ଧାନ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସଭାପତି ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ। ଧାରଣାରେ ସାମିଲ ହୋଇଥିବା ଚାଷୀମାନଙ୍କ ମଧ୍ୟରେ ଅନନ୍ତ ସେଠି, ଦେବବ୍ରତ ପ୍ରଧାନ, ସୁଶାନ୍ତ ଭଞ୍ଜ, ଶକ୍ତିପଦ ସେନ, ସନ୍ତୋଷ ବାରିକ, ଜୟନାରାୟଣ ପ୍ରଧାନ, ବେନୁ ନାୟକ, ରମେଶ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀମାନେ ଚେତାବନୀ ଦେଇ କହିଛନ୍ତି ଯେ, ଆସନ୍ତା ୭ ଦିନ ମଧ୍ୟରେ ଧାନ କିଣା ପ୍ରକ୍ରିୟା ସୁଚାରୁରୂପେ ଆରମ୍ଭ ନ ହେଲେ ସେମାନେ ପୁଣିଥରେ ବୃହତ୍ତର ଆନ୍ଦୋଳନ କରିବେ। ଏପରିକି ସମିତି କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଧାରଣା ସହ ଆତ୍ମାହୁତି ଦେବାକୁ ମଧ୍ୟ ବାଧ ହେବେ ବୋଲି ସେମାନେ କହିଛନ୍ତି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ପ୍ରଶାସନ କିପରି ଏହି ସମସ୍ୟାର ସମାଧାନ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ବ୍ଲକସ୍ତରୀୟ ଜାତି-ଜନଜାତି ସମ୍ବାଦ ବୈଠକ

ଜଳେଶ୍ୱର, ୨୦।୬ (ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷର ପୂର୍ତ୍ତି ଉପଲକ୍ଷେ ଜନସମ୍ପର୍କ କାର୍ଯ୍ୟକ୍ରମ-୨୦୨୬ ଜଳେଶ୍ୱର ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅନୁସୂଚିତ ଜାତି ଓ ଜନଜାତି ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ବ୍ଲକ ସ୍ତରୀୟ ଜାତି-ଜନଜାତି ସମ୍ବାଦ ବୈଠକରେ ଜଳେଶ୍ୱର ଗୋଷ୍ଠି ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ପଂଚାୟତ ସମିତି ଅଧକ୍ଷ ମାନସ ଭୂଷଣ ଜେନା ଯୋଗଦେଇ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆ ବର୍ଗଙ୍କ କଲ୍ୟାଣ ପାଇଁ କରାଯାଇଥିବା ଜନହିତକର ପ୍ରକଳ୍ପ ଗୁଡିକ ବିଷୟରେ ସୂଚନା ଦେବା ସହିତ ପ୍ରକଳ୍ପ ଗୁଡିକର ସଠିକ ପରିଚାଳନା କରିବାକୁ ସମିତି ସଭ୍ୟ ଓ ଜନପ୍ରତିନିଧି ମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସର୍ଦ୍ଦାରବନ୍ଦ ଗ୍ରାମ ପଂଚାୟତର ସମିତି ସଦସ୍ୟ ଗଣେଶ ସୋରେନ, ପର୍ଣ୍ଣିବାଡ ଗ୍ରାମ ପଂଚାୟତର ସମିତି ସଦସ୍ୟ ହରାଶ ଚନ୍ଦ୍ର ମହାଲିକ, ବ୍ଲକ ଉନ୍ନୟନ ଅନୁସମ ସହକ, ବ୍ଲକ ସହକାରୀ ନିର୍ବାହୀ ଯକ୍ଷୀ ସନ୍ଧ୍ୟାରାଣୀ ପାତ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିବା ସହିତ ଲୋକମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ଏବିଡିଓ ସୁଧୀର କୁମାର ସାହୁ ସଂଯୋଜନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣି ଚଢ଼ଉରେ 'ହ୍ୱାଟ୍ସଆପ୍ ନେଟୱର୍କ'ର ବାଧା

ରାଜଘାଟ, ୨୦।୬ (ସମିସ): ବସ୍ତା ବ୍ଲକରେ ବେଆଇନ ବାଲି, ମୋରମ ଓ ମାଟି ଚାଲାଣ ରୋକିବାକୁ ଖଣି ବିଭାଗର ଚଢାଉ ବାରମ୍ବାର ବିଫଳ ହେବାର ମୁଖ୍ୟ କାରଣ ପାଲଟିଛି ବିଭିନ୍ନ ହ୍ୱାଟସଆପ୍ ଗ୍ରୁପ। ଖଣି ଅଧିକାରୀଙ୍କ ଗାଡି ନମ୍ବର ଠାରୁ ଆରମ୍ଭ କରି କେଉଁ ରାସ୍ତାରେ କେତେବେଳେ ଯାଉଛନ୍ତି, ସବୁ ତଥ୍ୟ କିଛି ଗ୍ରୁପରେ ମୁହୂର୍ତ୍ତକ ମଧ୍ୟରେ ପହଞ୍ଚିଯାଉଥିବା ନିଜେ ବସ୍ତା ଖଣି ଅଧିକାରୀ ସ୍ୱୀକାର କରୁଛନ୍ତି। ବସ୍ତା ଅଞ୍ଚଳରେ ଗାଡି ମାଲିକ ତରଫରୁ 'ହାଇୱା ମାଇନିଙ୍ଗ' "ଡ୍ରାଇଭର ଭାଇ ଗ୍ରୁପ' 'ମାଇନିଙ୍ଗ ବସ୍ତା', 'ଚୋର ପୋଲିସ' 'ଛୁଆଧରା' 'ସିଣ୍ଡିକେଟ' ଭଳି ଏକାଧିକ ହ୍ୱାଟସଆପ୍ ଗ୍ରୁପରେ ୨ଶହରୁ ଅଧିକ ସଦସ୍ୟ ଅଛନ୍ତି। ଏଥିରେ ଗାଡି ମାଲିକ, ଡ୍ରାଇଭର, ଜେସିବି ଅପରେଟର, ବାଲି ମାଟି ମାଫିଆ ଓ କିଛି ସ୍ଥାନୀୟ ଲୋକ ସଦସ୍ୟ ଅଛନ୍ତି। ଖଣି ବିଭାଗର ବୋଲେରୋ କିମ୍ବା ଅନ୍ୟ କୌଣସି ଗାଡି ଅଫିସରୁ ବାହାରିବା ମାତ୍ରେ ଗ୍ରୁପରେ ଫଟୋ ସହ ମାଇନିଙ୍ଗ ଗାଡି ବାହାରିଲା, ଜାତୀୟ ରାଜପଥ ୧୬ରେ ଅଛି, ବାଲିଆପାଳ ଆଡକୁ ଯାଉଛି, ଦେଭୋଗ ଛକ ପାରିଲା ଭଳି ଭଏସ ମେସେଜ ଛାଡି ଦିଆଯାଉଛି। ବସ୍ତା ଖଣି ଅଧିକାରୀଙ୍କ ଭଡାଘର ବାହାରେ ମାଫିଆ ମାନେ ଜଗି ରହି ଅଧିକାରୀଙ୍କ ଗତିବିଧିର ସମସ୍ତ ନଜର ରଖୁଛନ୍ତି। ଗାଡି ବାହାରିବା ମାତ୍ରେ ରାସ୍ତା କଡ ଚା' ଦୋକାନ, ପେଟ୍ରୋଲ ପମ୍ପ, ବିଭିନ୍ନ ଛକ ନିକଟରେ ଜଗିଥିବା କିଛି ଲୋକ ଅଧିକାରୀଙ୍କ ଗାଡି ଦେଖିବା ମାତ୍ରେ ଗ୍ରୁପରେ ଲାଇଭ ଲୋକେସନ, ଭଏସ ମେସେଜ ସେୟାର କରୁଛନ୍ତି। ଫଳରେ ଖାଦାନରେ ଥିବା ଜେସିବି, ହାଇୱା ଓ ଟ୍ରାକ୍ଟର ୧୦-୧୫ ମିନିଟ ଭିତରେ ଗାଏବ ହୋଇଯାଉଛି, ବିଭାଗ ପହଞ୍ଚିବା ଆଗରୁ ଖାଦାନ ଖାଲି ହୋଇଯାଉଛି ଫଳରେ ଅଧିକାରୀ ଖାଲି ହାତରେ ଫେରିବା ସହ ନାକେଦମ ହେଉଥିବା ଦେଖିବାକୁ ମିଳୁଛି। ଏଠି ପ୍ରଶ୍ନ ଉଠୁଛି ଯଦି ଖଣି ଅଧିକାରୀ ଜାଣିପାରୁଛନ୍ତି ହ୍ୱାଟ୍ସଆପ ଗ୍ରୁପରେ ତାଙ୍କର ଗତିବିଧିର ଖବର ପ୍ରଘଟ ହେଉଛି, ଯାହାର ସମସ୍ତ ପ୍ରମାଣ ତାଙ୍କ ପାଖରେ ଅଛି, ତାହାଲେ କାହିଁକି ସାଇବର ଥାନାରେ ଅଭିଯୋଗ କରୁନାହାନ୍ତି? ବୁଦ୍ଧିଜୀବୀ ମତ ଦେଇଛନ୍ତି ଯଦି ବିଭାଗ ଏବେ ଡ୍ରୋନ ସର୍ଭେଲାନ୍ସ, ରାତ୍ରିକାଳୀନ ଗୁପ୍ତ କ୍ୟାମେରା ଓ ଅନ୍ୟ ଜିଲ୍ଲାର ଟିମ ଡକାଇ ସରପ୍ରାଇଜ ଚଢଉ ସହ ବ୍ୟବହାର କରୁଥିବା ଗାଡିକୁ ବଦଳାଇ ଅନ୍ୟ ଗାଡି ବ୍ୟବହାର କଲେ ହୁଏତ ଗାଡି ଜବତ ସହ ମାଫିଆ ସାବାଡ଼ ହୁଅନ୍ତେ ଏବଂ ବିଭାଗ ଭିତରେ ଥିବା "କଳା ମେଣ୍ଢା' ଙ୍କୁ ଚିହ୍ନଟ କରି ନ ଧରିଲେ କୌଣସି ସମସ୍ୟା ସମାଧାନ ହେବନି।

# ଭାବକ୍ଷେତ୍ର ରେମୁଣାରେ ଶିବ ବିବାହ ଉତ୍ସବ

ରେମୁଣା,୨୦।୬ (ସମିସ): ରେମୁଣା ଚରଣାପାଳସ୍ଥିତ ଭାବ କ୍ଷେତ୍ରରେ ଯେଉଁଠି ମହାପ୍ରଭୁ ସ୍ୱପ୍ନ ଜ୍ୟୋତି ଜଗନ୍ନାଥ ବିରାଜିତ ସେହି ପୀଠରେ ପ୍ରତିଷ୍ଠିତ ବାବା ଚରଣେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କର୍ତ୍ତା ଭାବେ ଶ୍ରୀପତୀ ସେନାପତି ଓ କର୍ତ୍ତୀ ଭାବେ ଜୟଶ୍ରୀ ସେନାପତି ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ କରିଥିଲେ। ପୁରହିତ ଭାବେ ପ୍ରଦୀପ ମିଶ୍ର, ମନ୍ମଥ ମିଶ୍ର, ବିବାହ କାର୍ଯ୍ୟ ବୈଦିକ ରୀତିରେ କରିଥିଲେ। ଦିଅମଙ୍ଗଳା, ପଥକରଣ, ବନ୍ଧାଧୀବାସ, ଆଦି କର୍ମ ସହ ହାତଗଣ୍ଠି, ଲାଜାହୋମ ପରେ ଉପସ୍ଥିତ ଭକ୍ତମାନେ ଆନନ୍ଦରେ ଜଉ କଉଡ଼ି ଖେଳାଇବା ସହ ମୁହଁ ଛୁଆ ଦେଇ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହା ପରେ ବର କନିଆଙ୍କୁ ନଗର ପରିକ୍ରମା କରାଇଥିଲେ ଶତାଧିକ ଭକ୍ତ। ଏହି ପରିକ୍ରମାରେ ଗଜେନ୍ଦ୍ର



ଦାଶ, ସୁନାମଣି ଜେନା, ଶାନ୍ତିଲତା ବିଶି, କୁମୁଦିନି ରଣା, ସତ୍ୟନାରାୟଣ ମହାରଣା, ଶକୁନ୍ତଳା ମହାପାତ୍ର, ଡ଼ . ଭାଗବତ ପ୍ରସାଦ ଦାସ, ନିରଞ୍ଜନ ସାହୁ, ଅସିତ କୁମାର ମଙ୍ଗରାଜ ପ୍ରମୁଖଙ୍କ ସମେତ ରେମୁଣାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ଶିବ ପାର୍ବତୀଙ୍କ ବିବାହକୁ ଉତ୍ସବ ମୁଖର କରିଥିବାବେଳେ ମନ୍ଦିର ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ମାନେ ପରିଚାଳନାରେ ସହଯୋଗ କରିଥିଲେ। ପ୍ରସାଦ ସେବନରେ ସମସ୍ତ ବରଯାତ୍ରୀ ଓ କନ୍ୟା ଯାତ୍ରୀ ମାନେ ଆପ୍ୟାୟିତ ହୋଇଥିଲେ। ରେମୁଣା ଅଞ୍ଚଳରେ ଶିବ ବିବାହ ଉତ୍ସବ ଲୋକମାନଙ୍କ ମନରେ ଭକ୍ତି ଓ ଆନନ୍ଦର ଲହରୀ ଖେଳାଇ ଦେଇଛି।

# ନୀଳଗିରି କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ନୀଳଗିରି, ୨୦।୬ (ସମିସ): କେନ୍ଦ୍ର ଏନଡିଏ ସରକାର ବାର ବର୍ଷର ପୂର୍ତ୍ତି ଓ ଓଡ଼ିଶାରେ ବିଜେପି ସରକାରଙ୍କର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ଓ ନୀଳଗିରିର ବିକାଶରେ ସମ୍ପୂର୍ଣ୍ଣ ରୂପେ ବିଫଳତା ପ୍ରକାଶ ପାଇଛି। ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗମନାଗମନ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଖଣି ଓ ଜଙ୍ଗଲ ସମ୍ପଦ, କୃଷି, ଶିଳ୍ପ, ନାରୀ ସଶକ୍ତିକରଣ, ନିଶା ନିବାରଣ, ଶୃଙ୍ଖଳା ଓ ନିରାପତ୍ତା ସମସ୍ତ ସେବା ବିଫଳତାର ଚରମ ସୀମାରେ ପହଞ୍ଚିଲାଣି। ଶିକ୍ଷା କ୍ଷେତ୍ରକୁ ଯଦି ଆମେ ବିଷୟକୁ ନେବା ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶିକ୍ଷା ଯୋଗାଇ ପାରୁ ନାହାଁନ୍ତି ରାଜ୍ୟ ସରକାର। ଭୁଲ୍ ତଥ୍ୟ ପାଠ୍ୟ ପୁସ୍ତକରେ ମୁଦ୍ରଣ ଯୋଗୁଁ ଓଡ଼ିଶାର ଆଗମୀ ପାଠ୍ୟ କ୍ରମରେ ବ୍ୟାଘାତ ସୃଷ୍ଟି ହେବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ନୀଳଗିରି ରେ ଯକ୍ଷ୍ମା ରୋଗୀଙ୍କୁ ଔଷଧ ଯୋଗାଇ ନପାରିବାରୁ ପାଖା ପାଖି ୭୦ରୁ ଅଧିକ ଯକ୍ଷ୍ମା ରୋଗୀ ମୃତ୍ୟୁ ବରଣ କରିଛନ୍ତି। ଓଡ଼ିଶାର କୃଷି କ୍ଷେତ୍ରରେ ଧାନ ଚାଷ ବ୍ୟତୀତ ଅନ୍ୟ ଚାଷ ସଫଳ ନୁହେଁ





କାରଣ ରାଜ୍ୟ ସରକାରଙ୍କ ଅନିଚ୍ଛା ଶକ୍ତି। ଏହା ସହ ଛୋଟ ଚାଷୀ ସରକାରୀ ମୂଲ୍ୟରେ ଧାନ ବିକ୍ରି କରିବାରେ ବଞ୍ଚିତ ହେବା ସହିତ କଟନି ଛଟନୀରେ ଚାଷୀଙ୍କୁ ଷସଣ କରାଯାଉଛି। ଯଦି ଆମେ ନୀଳଗିରି କଥା ଆମେ ଚିନ୍ତା କରିବା ନୀଳଗିରି ରେ ଏକମାତ୍ର ଜଳ ଉତ୍ସ ରିଶିଆ ପ୍ରକଳ୍ପ ପୁନରୁଦ୍ଧାର ହୋଇ ପାରୁନି ଏବଂ ଉଠା ଜଳ ସେଚନ ପ୍ରକଳ୍ପରେ ନୀଳଗିରି ଅଞ୍ଚଳରେ ହୋଇଥିବା ସେଲୋ ଓ ବୋରୱେଲ କାର୍ଯ୍ୟକ୍ଷମ ହେଉ ନାହିଁ। ଚାଷୀଙ୍କ ମନୋବଳକୁ ବୃଦ୍ଧି କରିବା ପାଇଁ ନୀଳଗିରି ରେ ଶୀତଳ ଭଣ୍ଡାର ଟିଏ ନାହିଁ। ନିର୍ବାଚନ ଇସ୍ତାହାର ରେ ପ୍ରତ୍ୟେକ ମହିଳାଙ୍କୁ ୫୦ହଜାର ଟଙ୍କା ଦେବା କଥା ମାତ୍ର ୫ହଜାର ଟଙ୍କାରେ ଭୁଲାଇଛନ୍ତି ରାଜ୍ୟ ସରକାର। ସେହିପରି ୩୦୦ ୟୁନିଟ ବିଜୁଳି ସମ୍ପୂର୍ଣ୍ଣ ମାଗଣା ଦେବେ ବୋଲି କହି ଠକି ଛନ୍ତି ଓଡ଼ିଶା ବାସୀଙ୍କୁ ତେବେ ଏହି ସବୁ ପ୍ରସଙ୍ଗକୁ ନେଇ ନୀଳଗିରି ବଡ଼ ଦାଣ୍ଡରେ ଥିବା କଂଗ୍ରେସ୍ ଭବନ ଠାରେ ଶନିବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ନୀଳଗିରି ବ୍ଲକ୍ କଂଗ୍ରେସ୍ ସଭାପତି ତପନ କୁମାର ରାଉତ। ତେବେ ଏହି ସାମ୍ବାଦିକ ସମ୍ମିଳନୀ ରେ ଜାତୀୟ କଂଗ୍ରେସ୍ କୃଷକ ସେଲ ରାଜ୍ୟ ସମ୍ପାଦକ ଯସଦା ନନ୍ଦନ ସିଂ, ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ନୀଳଗିରି ଏନ୍ଏସି ସଭାପତି ଉପେନ୍ଦ୍ର ବେହେରା, ଜିଲ୍ଲା ଉପ ସଭାପତି ରାମ ଜେନା, ଯୋଶଦା ନାୟକ, ଅଶ୍ୱିନୀ ପାତ୍ର, ସୁରେନ୍ଦ୍ର ଦାସ ଙ୍କ ସମେତ ନୀଳଗିରି କଂଗ୍ରେସର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଜଳେଶ୍ୱର-ଚନ୍ଦନେଶ୍ୱର ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା

ଜଳେଶ୍ୱର,୨୦।୬ (ସମିସ): ବ୍ୟସ୍ତବହୁଳ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ଦୀର୍ଘଦିନ ଧରି ମରଣଯନ୍ତା ପାଲଟିଛି। ପ୍ରତ୍ୟେହ ଏହି ଚଳ ଚଞ୍ଚଳ ସଡକରେ ହଜାର ହଜାର ଲୋକେ ଜଳେଶ୍ୱର ସହରକୁ ବିଭିନ୍ନ ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ଯାତାୟାତ କରିଥାଆନ୍ତି। ସମଗ୍ର ଦେଶରୁ ଭୁଷଣ୍ଡେଶ୍ୱର, ଚନ୍ଦନେଶ୍ୱର,ବାସୁଳୀ ପିଠ ସହିତ, ଦୀଘା, ଉଦୟପୁର, ସୁବର୍ଣ୍ଣ ଦୀପ, ତାଳସାରି, କୀର୍ତ୍ତନିଆ ମତ୍ସ୍ୟ କେନ୍ଦ୍ର କୁ ଆସୁଥିବା ପର୍ଯ୍ୟଟକ ଲୋକେ ସଡକର ଦୁରବସ୍ଥା ଦେଖି ନାକ ଟେକୁଛନ୍ତି। ବିଶେଷ ଗୁରୁତ୍ୱ ବହନ କରୁଥିବା ଉକ୍ତ ସଡ଼କ, ସମ୍ପ୍ରସାରଣ ହେବାକୁ ସରକାର ଘୋଷଣା କରିଥିବା ବେଳେ ରାସ୍ତା ମରାମତି ନହୋଇ ମରଣଯନ୍ତା ପାଲଟିଛି। ବାଘପୁଞ୍ଜି ହାଇସ୍କୁଲ ଠାରୁ ଡେମୁରିଆ ବସ୍ଷ୍ଟାଣ୍ଡ ପର୍ଯ୍ୟନ୍ତ ଏବଂ ନାମ୍ପୋ ଠାରୁ ସୁଗୋ ଛକ ପର୍ଯ୍ୟନ୍ତ ଛୋଟ ବଡ଼ ଖାଲ ଖମରେ ସଡ଼କ ବିପଦପୂର୍ଣ୍ଣ ହୋଇ ପଡ଼ିଛି। ବର୍ଷାଋତୁ ନ ଆସୁଣୁ ସୁଗୋ ଛକ ଠାରେ ବୃହତ୍ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ନାମ୍ପୋ ନିକଟ ତାଳବଣିଆ ଠାରେ ସଡକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ରହିଛି। ସେଠାରେ ଦୀର୍ଘବର୍ଷ ଧରି ସଡ଼କ ମଧ୍ୟ ସ୍ଥଳ ସ୍ଥାନରେ ଲମ୍ବା ଲମ୍ବା ଫାଠ ଓ ଗର୍ତ୍ତ ସୃଷ୍ଟି ହୋଇ ମରଣକୁ ଆମନ୍ତ୍ରଣ କରୁଛି। ବୁଧବାର ସନ୍ଧ୍ୟାରେ ଭୋଗରାଗ ନିଜାମପୁର ଅଞ୍ଚଳର ଦୁଇ ବାଇକ ଆରୋହୀ ଜଳେଶ୍ୱର ଅଭିମୁଖେ ଯାଉଥିବା ବେଳେ ଫାଟ ମଧ୍ୟରେ ବାଇକ୍ ଚକ ଫସି ଯିବା ଫଳରେ ଦୁର୍ଘଟଣା



**ସଡ଼କ ଫାଟ ଯୋଗୁଁ ଘଟୁଛି ଦୁର୍ଘଟଣା**

ର ଶୀକାର ହୋଇ ଗୋଡ଼ ଭାଙ୍ଗି ଯାଇଛି। ସମ୍ପତ୍ତିଆ ସରପଂଚ ସୁଶାନ୍ତ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରୁଥିବା ବେଳେ ଅନ୍ୟ ଦୁଇଟି ବାଇକ୍ ମଧ୍ୟ ଅନୁରୂପ ଭାବେ ସଡ଼କ ଫାଟରେ ଫସିଥିଲା। ଦୁର୍ଘଟଣାଗ୍ରସ୍ତ ଅଳ୍ପକେ ଆସୁଥିବା ଟ୍ରକ ମୁହଁରୁ ବର୍ତ୍ତି ଯାଇଥିବା ବେଳେ ସେମାନଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସିରିଜ ଦୁର୍ଘଟଣା ଯୋଗୁଁ ଦୀର୍ଘ ସମୟ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଜମା ହୋଇ କ୍ଷୋଭ ପ୍ରକାଶ କରିବା ସହିତ ତୁରନ୍ତ ସଡ଼କ ମରାମତି ଲାଗି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

# 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ



ସୋର, ୨୦।୬ (ସମିସ): ସୋର ବ୍ଲକ ପରିସରରେ ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ଚାରିଦିନ ଧରି ଚାଲିଥିବା ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବ୍ଲକ ଅଧକ୍ଷା ଅନୁସୂୟା ମଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୋର ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁବ୍ରତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ଜୟନ୍ତ କୁମାର ସ୍ୱାଇଁ, ବିଧାୟକ ପ୍ରତିନିଧି ଫକୀର ମୋହନ ଦାସ, ସାଂସଦଙ୍କ ପ୍ରତିନିଧି ଦୀପ୍ତିକାନ୍ତ ପଣ୍ଡା,ସିଡିପିଓ ହାରାମଣି ନାୟକ,ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୀୟ କୁମାର ନାଥ ପ୍ରମୁଖ ଯୋଗଦେଇ ସରକାରଙ୍କ ତରଫରୁ ଦୁଇ ବର୍ଷ ମଧ୍ୟରେ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ବାବଦରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ,ଠିକ ସମୟରେ ଘର କରିଥିବା ହିତାଧିକାରୀଙ୍କୁ ଇନସେନଟିଭ ପ୍ରଦାନ, ନୂତନ ପାଇଖାନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ,୨୭ ଜଣ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ଖାଦ୍ୟ ସୁରକ୍ଷା ଯୋଜନାରେ ୧୫ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ, ବ୍ଲକରେ ଦୁଇ ଜଣ ସଫଳ ମତ୍ସ୍ୟ ଚାଷୀଙ୍କୁ ଇନସେଣ୍ଟିଭ ପ୍ରଦାନ, ୟୁକୋ ବ୍ୟାଙ୍କ ପକ୍ଷରୁ ସଫଳ ସ୍ୱୟଂ ସହାୟକ ଗୋଷ୍ଠିକୁ ଦଶ ଲକ୍ଷ ଟଙ୍କାର ଋଣ ପ୍ରଦାନ, ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା। ଏଥିରେ ବିଭିନ୍ନ ଏସଏଚଜି ଗ୍ରୁପ ମାନଙ୍କ ଦ୍ୱାରା ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ଶେଷରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୀୟ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ବ୍ଲକର ସମସ୍ତ ଅଧିକାରୀ ମାନେ ପରିଚାଳନା କରିଥିବା ବେଳେ ଏଥିରେ ବ୍ଲକର ୨୪ ଗୋଟି ପଞ୍ଚାୟତରୁ ଏକ ହଜାରରୁ ଊର୍ଦ୍ଧ୍ୱ ଏସଏଚଜି ଗ୍ରୁପମହିଳା, ବିଭିନ୍ନ ହିତାଧିକାରୀଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ମାନେ ଅଂଶଗ୍ରହଣ କରିଥିଲେ।

# ବ୍ୟସ୍ତବହୁଳ ରାସ୍ତା ପାଲଟିଛି ଘରୋଇ ବସ୍‌ର ପାର୍କିଂ ସ୍ଥଳ

ବାଲେଶ୍ୱର,୨୦।୬(ସମିସ): ମୋଟର ଯାନ ଆଇନ କ'ଣ କେବଳ ସାଧାରଣ ଲୋକଙ୍କ ପାଇଁ ? ବାଲେଶ୍ୱରରେ ଏବେ ଏହି ପ୍ରଶ୍ନ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ରାସ୍ତା ପାର୍ଶ୍ୱରେ ଗାଡ଼ି ଛିଡ଼ା କଲେ ସାଧାରଣ ଜନତାଙ୍କ ଉପରେ ହଜାର ହଜାର ଟଙ୍କାର ଚାଲାଣ କାଟୁଥିବା ଆଞ୍ଚଳିକ ପରିବହନ ବିଭାଗ (ଆରଟିଓ) ଘରୋଇ ବସ ମାଲିକଙ୍କ କ୍ଷେତ୍ରରେ କିନ୍ତୁ ଆଖି ବୁଜି ଦେଇଥିବା ଭଳି ଦେଖାଯାଉଛି। ଷ୍ଟେସନ ଛକରୁ ପୁଲିସ ଲାଇନ ଜନଗହଳିପୂର୍ଣ୍ଣ ଓଟି ରୋଡ଼ରେ ଦିନ ରାତି ଧରି ଧାଡ଼ି ଧାଡ଼ି ବସ୍ ରଖାଯାଇ ରାସ୍ତାକୁ





ଏକ ପ୍ରକାର ଘରୋଇ ବସ ଷ୍ଟାଣ୍ଡରେ ପରିଣତ କରାଯାଇଥିଲେ ମଧ୍ୟ ବିଭାଗର ନିରବତା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସହରର ସବୁଠାରୁ ବ୍ୟସ୍ତ ରାସ୍ତା ମଧ୍ୟରୁ ଅନ୍ୟତମ ଓଟି ରୋଡ଼ର ଏକ ବଡ଼ ଅଂଶକୁ ଦଖଲ କରି ରଖିଛି ଘରୋଇ ବସ୍। ଫଳରେ ରାସ୍ତା ସଂକୀର୍ଣ୍ଣ ହେବା ସହ ଯାତାୟାତ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଛି। ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରୁଥିବା ଏହି ଅଞ୍ଚଳରେ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିପାରେ। କିନ୍ତୁ ନିୟମ ଉଲ୍ଲଂଘନର ଏହି ସ୍ପଷ୍ଟ ଚିତ୍ର ସତ୍ତ୍ୱେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସହରବାସୀଙ୍କ ଅଭିଯୋଗ, ଗୋଟିଏ ବାଇକ୍ କିମ୍ବା କାର୍ ରାସ୍ତା କଡ଼ରେ ଦେଖିଲେ ଚାଲାଣ କାଟିବାକୁ ତତ୍ପର ହୋଇପଡୁଥିବା ବିଭାଗ, ରାସ୍ତାର ଅଧା ଭାଗ ଦଖଲ କରି ରଖିଥିବା ବସଗୁଡ଼ିକ ବିରୋଧରେ ନିରବ ରହୁଛି। ଏଥିରୁ ପରିବହନ ବିଭାଗ ଉପରେ ପକ୍ଷପାତିତାର ଅଭିଯୋଗ ମଧ୍ୟ ବଢ଼ିବାରେ ଲାଗିଛି। ଏ ନେଇ ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତଙ୍କୁ ପଚାରିବାରୁ ପୂର୍ବରୁ ସେଠାରେ ଅବୈଧ ପାର୍କିଂ କରୁଥିବା ବସ ଗୁଡ଼ିକର ଚାଲାଣ କରାଯାଇଥିଲା। ହେଲେ ପୂର୍ବପରି ସେମାନେ ଅବୈଧ ପାର୍କିଂ କରୁଥିବାରୁ ପୁଣିଥରେ ଖୁବଶୀଘ୍ର ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ତେଜରାତି ଦୋକାନରୁ ଚୋରି

ସୋର,୨୦।୬ (ସମିସ): ସୋର ଥାନା ଶିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆଗାଁ ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ତେଜରାତି ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଶିଙ୍ଗାଖୁଣ୍ଟା ପଞ୍ଚାୟତ କୁମ୍ଭୀ ଗ୍ରାମର ବିଜୟ କୁମାର ସାହୁ ନୁଆଗାଁ ଛକରେ ଏକ ତେଜରାତି ଦୋକାନ କରିଛନ୍ତି। ବିଜୟ ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ଆଜି ସକାଳେ ଦୋକାନ ଖୋଲିବାକୁ ଆସି ଦୋକାନର ଚାବି ଭଙ୍ଗାଯାଇ ୩୦ ହଜାରରୁ ଅଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ବିଜୟ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।ତେବେ ସୋରରେ ଦିନକୁ ଦିନ ଚୋରି ବଢୁଥିବା ବେଳେ ଜଣେ ଦକ୍ଷ ଥାନା ଅଧିକାରୀଙ୍କୁ ନିଯୁକ୍ତ କରିବା ସାଧାରଣରେ ଦାବି ହେଉଛି।

# ଶିକ୍ଷୟିତ୍ରୀଙ୍କ ଘରୁ ଚୋରି

ସିମୁଳିଆ, ୨୦।୬ (ସମିସ): ସ୍ୱାମୀ ସ୍ତ୍ରୀ ଖାଇ ପିଇ ଶୋଇଥିବା ଅବସ୍ଥାରେ ଝରକା କବାଟ ଭାଙ୍ଗି ଲକ୍ଷ୍ୟ ଧିକ ଟଙ୍କାରେ ସୁନା ଅଳଙ୍କାର ସହିତ ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ ଚୋରି। ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ରିଆ ଗ୍ରମର ସନ୍ଧ୍ୟାରାଣୀ ପାଣିଗ୍ରାହୀ ଓ ତାଙ୍କର ସ୍ୱାମୀ, ପିଲା ଛୁଆ. ଖାଇ ପିଇ ଶୋଇଯିବା ବେଳେ ମଧ୍ୟରାତ୍ରିରେ କେହି ଦୁର୍ବୃତ୍ତ ଝରକା କବାଟ ଭାଙ୍ଗି ଘରେ ଗଡ଼ରେଜରେ ତାଲା ଭାଙ୍ଗି ସୁନା ଗହଣା ସହିତ ଲକ୍ଷାଧିକ ଟଙ୍କା ନେଇଯାଇଛନ୍ତି। ଏ ବିଷୟରେ ସନ୍ଧ୍ୟାରାଣୀ ସିମୁଳିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଡିସେମ୍ବର ୧୭ରୁ ଉତ୍ତର ଓଡ଼ିଶାର ସର୍ବବୃହତ୍ ଶିଳ୍ପ ଓ ଅଟୋମୋବାଇଲ୍ ପ୍ରଦର୍ଶନୀ

ରେମୁଣା, ୨୦।୬ (ସମିସ)



ନର୍ଥ ଓଡିଶା ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ନୋସି) ପକ୍ଷରୁ ୬ଷ୍ଠ ସଂସ୍କରଣ ନୋସି ଏକ୍ସପୋ ୨୦୨୬ ପାଇଁ ଆନୁଷ୍ଠାନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱରରେ ଉତ୍ତର ଓଡ଼ିଶାର ସର୍ବବୃହତ ଶିଳ୍ପ ଓ ଅଟୋମୋବାଇଲ୍ ପ୍ରଦର୍ଶନୀ ଯାହା ଶିଳ୍ପ, ଉପଭୋକ୍ତା ସାମଗ୍ରୀ ଓ ଅଟୋମୋବାଇଲ୍ ପ୍ରଦର୍ଶନୀ ଡିସେମ୍ବର ୧୭ ରୁ ୨୧ ଡିସେମ୍ବର ୨୦୨୬ ପର୍ଯ୍ୟନ୍ତ ବାଲେଶ୍ୱରସ୍ଥିତ ବାଲେଶ୍ୱର ଇଣ୍ଟରନ୍ୟାସନାଲ୍ ଏକ୍ସପୋ ସେଣ୍ଟର (ବିଆଇଇକ୍ସ), ନୋସି ବିଜନେସ୍ ପାର୍କ ଠାରେ ଅନୁଷ୍ଠିତ ହେବ। ଗତ କିଛି ବର୍ଷ ଧରି ନୋସି ଏକ୍ସପୋ ଓଡ଼ିଶାର ଏକ ପ୍ରମୁଖ ଶିଳ୍ପ ଓ ବ୍ୟବସାୟିକ ମେଳା ଭାବେ ପରିଚିତ ହୋଇଛି ଓ ଏହା ଶିଳ୍ପ ପ୍ରତିଷ୍ଠାନ, ଏମଏସଏମଇ, ଉଦ୍ୟୋଗୀ, ଷ୍ଟାର୍ଟଅପ୍, ନିବେଶକ, ସରକାରୀ ସଂସ୍ଥା ଓ ଉପଭୋକ୍ତାଙ୍କୁ ଏକାଠି କରି ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବାର ମଞ୍ଚ ପ୍ରଦାନ କରୁଛି। ଚଳିତ ବର୍ଷର ପ୍ରଦର୍ଶନୀରେ ଦେଶର ବିଭିନ୍ନ ରାଜ୍ୟରୁ ୧୫୦ରୁ ଅଧିକ ପ୍ରଦର୍ଶକ ଅଂଶଗ୍ରହଣ କରିବେ ଏବଂ ୨୫ ହଜାରରୁ ୩୦ ହଜାର ଦର୍ଶକ ଯୋଗଦେବେ ବୋଲି ଆଶା କରାଯାଉଛି। ଏଠାରେ ଶିଳ୍ପ ଉତ୍ପାଦ, ଉପଭୋକ୍ତା ସାମଗ୍ରୀ, ଅଟୋମୋବାଇଲ୍, ନୂତନ ପ୍ରଯୁକ୍ତି, ଷ୍ଟାର୍ଟଅପ୍ ଉଦ୍ଭାବନ ଏବଂ ବ୍ୟବସାୟିକ ସୁଯୋଗ ପ୍ରଦର୍ଶିତ ହେବ। ଏବର୍ଷ ରସାୟନ, ପ୍ଲାଷ୍ଟିକ୍ ଓ ସମ୍ବନ୍ଧିତ ପ୍ରକ୍ରିୟାକରଣ ଶିଳ୍ପ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ, ଯାହା ଉତ୍ତର ଓଡ଼ିଶାର ଶିଳ୍ପ ବିକାଶରେ ନୂତନ ଦିଗ ଖୋଲିବ ବୋଲି ଆଶା କରାଯାଉଛି। ନୋସିର ସଭାପତି ପି କେ ଦାବେ ନୋସି ଏକ୍ସପୋ କେବଳ ଏକ ପ୍ରଦର୍ଶନୀ ନୁହେଁ, ବରଂ ଶିଳ୍ପ ବିକାଶ, ଉଦ୍ୟୋଗିତା, ବ୍ୟବସାୟିକ ନେଟୱାର୍କିଂ ଓ ନବସୃଜନର ଏକ ପ୍ରଭାବଶାଳୀ ମଞ୍ଚ। ଏହା ଉତ୍ତର ଓଡ଼ିଶାର ଶିଳ୍ପ ଓ ଆର୍ଥିକ ସମ୍ଭାବନାକୁ ଦେଶ ସମ୍ମୁଖରେ ଉପସ୍ଥାପନ କରିବ ବୋଲି ପ୍ରକାଶ କରିଛନ୍ତି। ଇଭେଣ୍ଟ ଚେୟାରମ୍ୟାନ୍ ସି ପି ଭାଟିଆ ନୋସି ଏକ୍ସପୋକୁ ପୂର୍ବ ଭାରତର ଅଗ୍ରଣୀ ଶିଳ୍ପ ଓ ବ୍ୟବସାୟିକ ପ୍ରଦର୍ଶନୀରେ ପରିଣତ କରିବା ଲକ୍ଷ୍ୟ ରହିଛି। ଏହା ନିବେଶ, ବ୍ୟବସାୟିକ ସହଯୋଗ ଓ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ ବୋଲି କହିଛନ୍ତି। କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଶିବ କୁମାର ପଦ୍ଧାର କହିଛନ୍ତି ଯେ, ଅଟୋମୋବାଇଲ୍ ଏକ୍ସପୋରେ ବିଶେଷ ଭାବେ ବୈଦ୍ୟୁତିକ ଯାନ (ଇଭି) ଓ ଚାର୍ଜି ଭିତ୍ତିଭୂମିକୁ ଗୁରୁତ୍ୱ ଦିଆଯିବ ଓ ସେ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ସ୍ୱଚ୍ଛ ଓ ବୈଦ୍ୟୁତିକ ପରିବହନକୁ ପ୍ରୋତ୍ସାହନ ଦେଉଛନ୍ତି ଓ ପଶ୍ଚିମ ଏସିଆର ଅସ୍ଥିର ପରିସ୍ଥିତି ଯୋଗୁଁ ବିଶ୍ୱ ଇନ୍ଧନ ବଜାରରେ ଅନିଶ୍ଚିତତା ଦେଖାଦେଇଥିବା ବେଳେ ଇଭି କାର ଓ ସ୍କୁଟରର ବ୍ୟାପକ ବ୍ୟବହାର ଦେଶର ଇନ୍ଧନ ବ୍ୟବହାର କମାଇବା ସହ ଶକ୍ତି ସୁରକ୍ଷାକୁ ମଜବୁତ କରିପାରିବ। ଏହି କାର୍ଯ୍ୟକ୍ରମରେ ନୋସିର ଯୁଗ୍ମ ସଚିବ ଆଦିତ୍ୟ ବେହେରା ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହାସହ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାର ବହୁ ଶିଳ୍ପପତି ଓ ଶିଳ୍ପସଂସ୍ଥାର ଅଧିକାରୀମାନେ ଯୋଗ ଦେଇଥିଲେ। ଉକ୍ତ ୫ ଦିନିଆ ଶିଳ୍ପ, ଉପଭୋକ୍ତା ସାମଗ୍ରୀ ଓ ଅଟୋମୋବାଇଲ୍ ପ୍ରଦର୍ଶନୀରେ ୧୫୦ରୁ ଅଧିକ ପ୍ରଦର୍ଶକ, ଏମଏସଏମଇ ଓ ଷ୍ଟାର୍ଟଅପ୍ ପାଭିଲିୟନ୍, ପ୍ରମୁଖ ଅଟୋମୋବାଇଲ୍ ବ୍ରାଣ୍ଡମାନଙ୍କର ଅଂଶଗ୍ରହଣ, ବୈଷୟିକ ସେମିନାର ଓ ଶିଳ୍ପ ଆଲୋଚନା, ବି ଟୁ ବି ଓ ବି ଟୁ ଜି ବ୍ୟବସାୟିକ ବୈଠକ, ସ୍ଥାନୀୟ ହସ୍ତଶିଳ୍ପ ଓ ପାରମ୍ପରିକ ଉତ୍ପାଦ ପ୍ରଦର୍ଶନ, ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ସମେତ ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ଶିଳ୍ପ ସଂଗଠନଙ୍କ ସହଯୋଗରେ ଏହି ଆୟୋଜନ ଅନୁଷ୍ଠିତ ହେବ। ଏହି ଏକ୍ସପୋ ବାଲେଶ୍ୱର ଓ ଉତ୍ତର ଓଡ଼ିଶାର ଶିଳ୍ପ ଏବଂ ବାଣିଜ୍ୟିକ ସମ୍ଭାବନାକୁ ଅଧିକ ସୁଦୃଢ଼ କରିବା ସହ ନିବେଶ ଓ ରୋଜଗାର ସୃଷ୍ଟିରେ ସହାୟକ ହେବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି। ନୋସି ଏକ୍ସପୋର ଉପାଧକ୍ଷ ଡ. ନିନା ସିଂ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ଚୁଲିକୁ ଗଲାଣି ଓଡ଼ିଆ ଅସ୍ମିତା: ହୋର୍ଡିଂରେ କଦର୍ଥ ଓଡ଼ିଆ

# ମୁଖ୍ୟମନ୍ତ୍ରୀ 'ମୋହନ' ବଦଳରେ 'ମହୋନ'

ଯାଜପୁର/ବିଞ୍ଝାରପୁର,୨୦।୬(ସମିସ)




ଚଳିତ ସରକାର ଓଡ଼ିଶାରେ ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରି ନିର୍ବାଚନ ବୈତରଣୀ ପାରି ହୋଇଛି। କିନ୍ତୁ ସେହି ଅସ୍ମିତାର କଣ୍ଠ ଏବେ ରାଜ୍ୟ ସରକାରଙ୍କ ଡଣ୍ଡରେ ଲାଗିଥିବା ପରି ମନେ ହେଉଛି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସେହି ଓଡ଼ିଆ ଅସ୍ମିତା ଏବେ ଚୁଲିକୁ ଯାଉଥିବା ପରି ମନେ ହେଉଛି। ବିଭିନ୍ନ ସ୍ଥାନରେ କଦର୍ଥ ଓଡ଼ିଆ ଭାଷାରେ ବ୍ୟବହାର ହେଉଛି। ଆଜି ବିଞ୍ଝାରପୁରରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଲାଗିଥିବା ସରକାରୀ ବ୍ୟାନରରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନାମକୁ ଭୁଲ ଭାବେ "ମହୋନ ମାଝୀ" ଲେଖାଯାଇଥିବା ଦେଖାଯାଇଛି। ଜନସାଧାରଣଙ୍କ ନଜରକୁ ଏହି ତ୍ରୁଟି ଆସିବା ପରେ ପ୍ରଶାସନର କାର୍ଯ୍ୟଶୈଳୀ ଓ ଦାୟିତ୍ୱବୋଧକୁ ନେଇ ପ୍ରଶ୍ନ ଉଠିଛି। କେବଳ ମୁଖ୍ୟମନ୍ତ୍ରୀଙ୍କ ନାଁ ନୁହେଁ "ମାନ୍ୟବର ଓ ବଦଳରେ 'ମନ୍ୟବର', ଗେଟ ବ୍ୟାନରରେ "ପ୍ରଦର୍ଶନୀ" ବଦଳରେ 'ପରଦର୍ଶନୀ' ଲେଖାଯାଇଛି। ଏମିତି ଅନେକ ଭୁଲ୍ ଥିବା ଦେଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ଓ ତହସିଲଦାରଙ୍କ ଭଳି ଦୁଇଜଣ ଓଏଏସ୍ ଅଧିକାରୀ ଉପସ୍ଥିତ ଥିଲେ ସୁଦ୍ଧା ଭୁଲକୁ କିପରି ଦେଖିପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟର ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତିଙ୍କ ନାମ ଭୁଲ ଲେଖାଯିବାକୁ ଅନେକ ଗୁରୁତର ଅବହେଳା ବୋଲି ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଦାବି, ଏପରି ତ୍ରୁଟି ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଉଚିତ ପଦକ୍ଷେପ ନିଆଯାଉ ଏବଂ ଭବିଷ୍ୟତରେ ଏଭଳି ଭୁଲ୍ ନ ହେବା ପାଇଁ ସତର୍କତା ଅବଲମ୍ବନ କରାଯାଉ।

ଅନ୍ୟପକ୍ଷରେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଏହି ତ୍ରୁଟିକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଆ ଅସ୍ମିତାର ପ୍ରଶ୍ନ ଉଠାଉଥିବା ସରକାର ଓଡ଼ିଆ ଜାତି ଓ ଭାଷାର ଗୌରବକୁ କ୍ଷୁଣ୍ଣ କରୁଛନ୍ତି। ପାଠ୍ୟପୁସ୍ତକରେ ହଜାର ହଜାର ଭୁଲ୍ ଭଳି ମୁଖ୍ୟମନ୍ତ୍ରୀଙ୍କ ନାଁରେ ମଧ୍ୟ ତ୍ରୁଟି ଦେଖିବାକୁ ମିଳିଲାଣି ବୋଲି ସେ ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁସାରେ, ଏଭଳି ବାରମ୍ବାର ଭାଷାଗତ ତ୍ରୁଟି ଓଡ଼ିଆ ଭାଷା ପ୍ରତି ଅବହେଳାକୁ ସୂଚିତ କରୁଛି ଏବଂ ସରକାର ଏହାକୁ ଗୁରୁତ୍ୱର ସହ ନେବା ଆବଶ୍ୟକ ରହିଛି।

## ଷ୍ଟପ୍ ଡାଇରିଆ ଅଭିଯାନ ଶୁଭାରମ୍ଭ

**ଯାଜପୁର,୨୦।୬(ସମିସ):** ଆଜି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ଦଶରଥପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଯାଜପୁର ଜିଲ୍ଲାସ୍ତରୀୟ ଷ୍ଟପ୍ ଡାଇରିଆ ଅଭିଯାନ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଅଛି। ଏହି ଅଭିଯାନର ଉଦ୍ଦେଶ୍ୟ ଡାଇରିଆ ରୋଗ କାରଣରୁ ହେଉଥିବା ଶିଶୁ ମୃତ୍ୟୁହାରକୁ ଶୂନ୍ୟ କରିବା। ଏହି ଅଭିଯାନକୁ ସଫଳ କରିବା ପାଇଁ ଆଶା ଦିଦି ମାନେ ପ୍ରତ୍ୟେକ ଘରେ ୨ ପ୍ୟାକେଟ୍ ଲେଖାଏଁ ଓଆର୍ଏସ ଯୋଗାଇଦେବେ। ଏହି ଷ୍ଟପ୍ ଡାଇରିଆ ଅଭିଯାନ ଜୁନ୍ ୧୬ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। "ଡାଇରିଆକୁ କିପରି ରୋକିବା ଜାଣ, ସ୍ୱଚ୍ଛତା ସହ ଓଆର୍ଏସ ଉପରେ ରଖିବା ଧ୍ୟାନ' ବାର୍ତ୍ତାକୁ ନେଇ ଏହି ଅଭିଯାନର ଶୁଭାରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏଡିପିଏଚସିଓ ସଂଯୁକ୍ତା ପଣ୍ଡା, ଡା. ରମେଶ ଚନ୍ଦ୍ର ମଲ୍ଲିକ, ଡା. ଅନୁସୟା ଜେନା, ସରପଞ୍ଚ ଦଶରଥପୁର ଧର୍ମରାଜ ଧୀର, ବନିତା ଦାସ, ଏମ୍‌ପିଏଚ୍‌ଏସଏମ୍ ଚନ୍ଦ୍ରଜିତ୍ ପତି, ବ୍ରହ୍ମାନନ୍ଦ ସାହୁ, ଅଶ୍ୱିନ ଖୁଣ୍ଟିଆ, ଜୟଜଗନ୍ନାଥ ଦତ୍ତ, ଲୋପାମୁଦ୍ରା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାର ଆୟୋଜନ ପିଏଚ୍‌ସିଓ ମଙ୍ଗଳପୁର ଡା. ବନିତା ଦାଶ ଏବଂ ଅଜୟ କର, ଏଡିପିଏଚ୍‌ସିଓ ସଂଯୁକ୍ତା ପଣ୍ଡାଙ୍କ ସହଯୋଗରେ ହୋଇଥିଲା। ଏହି ସଭାକୁ ଡା. ବନିତା ଦାଶ ପରିଚାଳନା କରିଥିବା ବେଳେ ଏଡିପିଏଚ୍‌ସିଓ ସଂଯୁକ୍ତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପିଏମ୍ କିଷାନର ୨୩ତମ କିସ୍ତି ପ୍ରଦାନ



**ଯାଜପୁର,୨୦।୬(ସମିସ):** ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲା ତାରକେଶ୍ୱରଠାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ କିଷାନର ୨୩ତମ କିସ୍ତି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ଜିଲ୍ଲାସ୍ତରୀୟ ସିଧା ପ୍ରସାରଣ କାର୍ଯ୍ୟକ୍ରମ ଜିଲ୍ଲା କୃଷି ଅଧିକାରୀ, ଧର୍ମଶାଳାଙ୍କ ଅଧ୍ୟକ୍ଷତାରେ କୃଷି ବିଜ୍ଞାନ କେନ୍ଦ୍ର, ସମ୍ମିଳନୀ କକ୍ଷ, ବଡ଼ଚଣାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବଡ଼ଚଣା ଆତ୍ମା ଅଧ୍ୟକ୍ଷ ଜଗନ୍ନାଥ ଖଣ୍ଡେଇ ଏବଂ ଯାଜପୁର କୃଷକ ମୋର୍ଚ୍ଚା ସଭାପତି ସୀତାକାନ୍ତ ବଳ ସାମନ୍ତ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଡ଼ଚଣା ବିଡିଓ ରବୀନ୍ଦ୍ର ପ୍ରଧାନ ଉପସ୍ଥିତ ହିତାଧିକାରୀମାନଙ୍କୁ 'ବିକାଶ ଧାରା ଓଡ଼ିଶା ସାରା' ବିଷୟରେ ଅବଗତ କରାଇଥିଲେ। ଯାଜପୁର ଜିଲ୍ଲାର ମୋଟ ୧ ଲକ୍ଷ ୬୩ ହଜାର ୨୨୮ ଜଣ କୃଷକ ଏହି ୨୩ତମ କିସ୍ତିରେ ୨୦୦୦ ହିସାବରେ ପିଏମ କିଷାନ ସମ୍ମାନ ନିଧି ସହାୟତା ପ୍ରାପ୍ତ କରିଛନ୍ତି। ଉକ୍ତ ସଭାରେ ଭାରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର ବଡ଼ଚଣା ଲଳିତ କୁମାର ମହାନ୍ତି, ସମସ୍ତ ବୈଜ୍ଞାନିକ, ସମସ୍ତ ବ୍ଲକ୍‌ସ୍ତରୀୟ ଓ ଜିଲ୍ଲାସ୍ତରୀୟ କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କୃଷି ଜିଲ୍ଲା ଅଧିକାରୀ, ଯାଜପୁର ଡ. ପୀୟୁଷ ପଲ୍ଲଭ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ୍ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ମଧ୍ୟ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣର ବ୍ୟବସ୍ଥା ହୋଇଥିଲା।

## ପଥଚାରୀ ସହ ସ୍କୁଟି ଧକ୍କା, ଉଭୟେ ଆହତ

**ପାଣିକୋଇଲି,୨୦।୬(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲ୍‌ଗେଟ୍ ନିକଟସ୍ଥ ପଦ୍ମାବତୀ ହୋଟେଲ ସମ୍ମୁଖରେ ଆଜି ଏକ ସ୍କୁଟି ଜଣେ ପଥଚାରୀଙ୍କୁ ଧକ୍କା ଦେବା ଫଳରେ ଉଭୟେ ଆହତ ହୋଇଛନ୍ତି। ପ୍ରକାଶଯେ ବାଲେଶ୍ୱର କାଙ୍କଲିପଡା ଅଞ୍ଚଳର ବିନୋଦ ନାୟକଙ୍କ ଝିଅ ଆକାଂକ୍ଷା ନାୟକ(୨୧) ଏକ ସ୍କୁଟି (ଓଡି୨୨ଏଡି ୦୭୧୮) ଯୋଗେ ପୁରୀରୁ ବାଲେଶ୍ୱର ଫେରୁଥିଲେ। ପାଣିକୋଇଲି ପଦ୍ମାବତୀ ହୋଟେଲ ନିକଟରେ ଜଣେ ପଥଚାରୀ ସୁଜନପୁର ଅଞ୍ଚଳର ଅନିଲ କୁମାର ମହାନ୍ତିଙ୍କ ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ଉଭୟେ ଆହତ ହୋଇଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ଗାଡି ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଏକ ଘରୋଇ ଚିକିତ୍ସାଳୟ ଚିକିତ୍ସା କରାଇଥିବା ସୂଚନା ମିଳିଛି।

## କୁଡୁମୀ ମେଧାବୀ ସମ୍ବର୍ଦ୍ଧନା ସମାରୋହ

**ସୁକିନ୍ଦା,୨୦।୬(ସମିସ):** ଚଳିତ ବର୍ଷ ମାଟ୍ରିକ, ଯୁକ୍ତ ୨, ଯୁକ୍ତ ୩ ଆଦି ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କୁଡୁମୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ ତଥା ଦିଗଦର୍ଶନ ଦେବା ଉଦ୍ଦେଶ୍ୟରେ କୁଡୁମୀ ଶିକ୍ଷା ବିକାଶ ମଞ୍ଚ ପକ୍ଷରୁ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେଇଯାଇଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ସିଆରିଆ ଗ୍ରାମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ କୁଡୁମୀ ସମାଜ ସଂସ୍କାରକ ତଥା ସମାଜସେବୀ ଶଙ୍କର୍ଷଣ ମହାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କାରାଯାଇଥଲା। ସୁକିନ୍ଦା ନିର୍ବାଚନ ମଣ୍ଡଳ ଅନ୍ତର୍ଗତ ୩୦ଟି କୁଡୁମୀ ଗ୍ରାମର ୬୨ଜଣ ପ୍ରଥମ ଶ୍ରେଣୀରେ ପାସ କରିଥିବା ଛାତ୍ରଛାତ୍ରୀଙ୍କୁ କୁଡୁମୀ ଶିକ୍ଷା ବିକାଶ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମାରୋହରେ ଶିଶୁ ବିଭାଗ ଡାକ୍ତର ମଞ୍ଜୁଲତା ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଡାକ୍ତରୀ ପଢ଼ିବା ଓ ରୋଗୀ ସେବା ଯୋଗାଇଦେବା ଉପରେ ପିଲାମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ସଞ୍ଚିତ ଅଭିଜିତା ଲକ୍ଷ୍ୟରଖି ସାଧନା କଲେ ସଫଳତା ମିଳିବ ବୋଲି ମତବ୍ୟକ୍ତ କରିଥିଲେ। ସିଟି, ବିଏଡ, ପିଜି ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ। ସମ୍ମାନୀୟ ଅତିଥି ଭାବେ ଶିକ୍ଷକ ମନୋରଞ୍ଜନ ମହାନ୍ତ, ସାମ୍ବାଦିକ କପିଳେନ୍ଦ୍ର ମହାନ୍ତା, ବରିଷ୍ଠ ଆଇନଜୀବୀ ନରେନ୍ ମହାନ୍ତ, ଶିକ୍ଷକ ନୀଳକଣ୍ଠ ମହାନ୍ତ, ସହଦେବ ମହାନ୍ତ, ତୁଳସୀ ମହାନ୍ତ, ତ୍ରିନାଥ ମହାନ୍ତ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରୋଦନ ମହାନ୍ତ, ଅଭିନେତା ଶ୍ରୀଧର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ସଞ୍ଜୀବ ମହାନ୍ତ, ପଦ୍ମନାଭ ମହାନ୍ତା ଓ ପିଙ୍କୁଲ ମହାନ୍ତ। କୁଡୁମୀ ଶିକ୍ଷା ବିକାଶ ମଞ୍ଚର 'ସଦସ୍ୟ ବେଣୁଧର ମହାନ୍ତ, ହରେକୃଷ୍ଣ ମହାନ୍ତ, ପ୍ରଦୀପ ମହାନ୍ତ, ସଞ୍ଜୟ ପ୍ରକାଶ ମହାନ୍ତ, ଜଗଦିଶ ମହାନ୍ତ, ବିରଞ୍ଚି ମହାନ୍ତ, ଧନେଶ୍ୱର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନନ୍ଦିପୁରରେ ମେଧା ସମ୍ମାନ ଓ ସମ୍ବର୍ଦ୍ଧନା ସମାରୋହ



**କଯାଁଗୋଲା,୨୦।୬(ସମିସ):** ଯାଜପୁର ଯୁବ ସାଂସ୍କୃତିକ ପରିଷଦ, ଚଣ୍ଡିଗୋଲ-ନନ୍ଦିପୁର ଆନୁକୂଲ୍ୟରେ ନନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମେଧା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଟିନୀ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱାଗତ ଓ ସମ୍ବର୍ଦ୍ଧନା ସମାରୋହରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ନନ୍ଦିପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନିଖିଳ ଉତ୍କଳ ମାଧ୍ୟମିକ ଶିକ୍ଷକ ସଙ୍ଘ ଦଶରଥପୁର ବ୍ଲକ ସଭାପତି ତଥା ଶିକ୍ଷାବିତ୍ ଶ୍ରୀକାନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ସଂଗୀତା ମହାନ୍ତି ଓ ସମାଜସେବୀ ଦେବେନ୍ଦ୍ର ନାୟକ ମଧ୍ୟ ଉପସ୍ଥିତ ଥିଲେ। ସଭାର ପ୍ରାରମ୍ଭରେ ଯୁବ ସାଂସ୍କୃତିକ ପରିଷଦର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଶ୍ରୀଯୁକ୍ତ ମିହିର କୁମାର ପରିଡା ଅନୁଷ୍ଠାନର ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ତୃତୀୟ ସ୍ଥାନ ଓ ଦଶରଥପୁର ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଡାହାଣହତା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୃଷ୍ଟି ମହାନ୍ତି ଏବଂ ଯୁକ୍ତ ୨ ବିଜ୍ଞାନରେ ବିଞ୍ଝାରପୁର ବ୍ଲକରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଅଭିଲିପ୍ସା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନନ୍ଦିପୁର ଉଚ୍ଚ ବିଦ୍ୟାଳୟର ସ୍ନେହ ଶତପଥୀ, ସ୍ନେହାଶିଷ ଦାସ ଓ ସୌମ୍ୟା ସାହୁଙ୍କୁ ଚଳିତ ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବେ ମାନପତ୍ର, ପୁଷ୍ପଗୁଚ୍ଛ ଓ ସିଲ ପ୍ରଦାନ କରାଯାଇଥିଲା। ପରିଷଦର ବରିଷ୍ଠ କର୍ମକର୍ତ୍ତା ଦିଲ୍ଲୀପ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଅନୁପ ଧଳ, ବିଶ୍ୱନାଥ ପରିଡା, ସୁଶାନ୍ତ ସାହୁ, ଶେଖ ହମିଦ ରାଜା, ପଲ୍ଲବ ପାତ୍ର, ସଂଘମିତ୍ରା ଦାସ ଓ କଳ୍ପନା ମହଲା ପ୍ରମୁଖ ସହଯୋଗ କରିଥିଲେ।

## ଖରସ୍ରୋତା ପ୍ରେସ୍ କ୍ଲବ୍‌ର ରଜତ ଜୟନ୍ତୀ



**ପ୍ରୀତିପୁର,୨୦।୬(ସମିସ):** ବିଞ୍ଝାରପୁର ବ୍ଲକ ସିଂହପୁରଠାରେ ଖରସ୍ରୋତା ପ୍ରେସ୍ କ୍ଲବର ରଜତ ଜୟନ୍ତୀ ଉତ୍ସବ ଓ ଉତ୍କଳ ସାମ୍ବାଦିକ ସଙ୍ଘର ଯାଜପୁର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା ସଭାପତି ହରିହର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଉତ୍କଳ ସାମ୍ବାଦିକ ସଙ୍ଘର ରାଜ୍ୟ ସଭାପତି ବିଭୂତିଭୂଷଣ କର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ଉତ୍କଳ ସାମ୍ବାଦିକ ସଙ୍ଘର କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ବିଜେପି ନେତ୍ରୀ ବବିତା ମଲିକ, ସମାଜସେବୀ ବିଜୟ କୁମାର ଧଳ, ସାମ୍ବାଦିକ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ସମ୍ପାଦକ ବିଶ୍ୱଜିତ୍ ନାୟକ, ଜିଲ୍ଲା ସମ୍ପାଦକ ପବିତ୍ରରଞ୍ଜନ ମହାନ୍ତି ଓ ଭାଷା ଆନ୍ଦୋଳନ ପ୍ରବକ୍ତା ପବିତ୍ର ମହାରଥା, ଖରସ୍ରୋତା ପ୍ରେସ୍ କ୍ଲବର ଉପଦେଷ୍ଟା ସୁଶାନ୍ତ କୁମାର ନାୟକ, ସଇଫୁର ରହେମାନ ପ୍ରମୁଖ ଯୋଗଦେଇଥିଲେ। ଆବାହକ ରତନଲାଲ ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଖରସ୍ରୋତା ପ୍ରେସ୍ କ୍ଲବର ସଭାପତି ରମାଲାଲ ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରଫେସର ଅଜୟ ଓଝାଙ୍କ ରଚିତ 'ଖରସ୍ରୋତା ତୀରେ ତୀରେ ତୀର୍ଥ' ନାମକ ଏକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ସମାଜସେବୀ ବିଜୟ କୁମାର ଧଳ, ଅଞ୍ଜୁପ୍ରଭା ଧଳ, ଡା.ରଞ୍ଜନ କୁମାର ମିଶ୍ର, ଡା.ଅରୁଣ କୁମାର ସାହୁ, ଡା.ଜିତେନ୍ଦ୍ର କୁମାର ମଲ୍ଲିକ, ଡ.ପଦ୍ମଚରଣ ଧଳ, ଶିକ୍ଷାବିତ୍ ଟିକିଲତା ବେହେରା, ସମାଜସେବୀ ପଦ୍ମାକର ଗୁରୁ, ସାମ୍ବାଦିକ ଶରତ କୁମାର ପଥାଳ, ଶିକ୍ଷକ ନେତା ରବିନାରାୟଣ ମହାନ୍ତି, ସମାଜସେବୀ ପ୍ରତୀକ କୁମାର ମିଶ୍ର, ବରିଷ୍ଠ ନାଗରିକ ଶ୍ରୀବତ୍ସ ସାମଲ, ନାଟ୍ୟକାର ବାସୁଦେବ ଯେନା, କବି ସନ୍ତୋଷ କୁମାର ବେହୁରିଆ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ସାମ୍ବାଦିକ କୈଳାସ ଚନ୍ଦ୍ର ରାଉତ, କଳ୍ପତରୁ ପଣ୍ଡା, ମନୋଜ କୁମାର ନାୟକ, କପିଳେନ୍ଦ୍ର ରାଉତ, ବାଞ୍ଛାନିଧି ସାହୁ, ପ୍ରଭାତ ମହାନ୍ତି, ସଂଜୟ ଚାନ୍ଦ, ସରୋଜ କୁମାର ସାହୁ, ଶୁଭାଶିଷ ଦାଶ, ଶାନ୍ତନୁ ଦାସ, ସେକ୍ ଅମିନ ଅଲ୍ଲୀ, ସୌର କର ପ୍ରମୁଖ ଯୋଗଦେଇଥିଲେ।

## ମ୍ୟାଲେରିଆ ମାସ ପାଳନ ପାଇଁ ବୈଠକ



**ଯାଜପୁର,୨୦।୬(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ମ୍ୟାଲେରିଆ ମାସ ପାଳନ ନିମନ୍ତେ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ବୈଠକରେ ଅଧ୍ୟକ୍ଷତା କରି ଯଥାଶୀଘ୍ର ଜ୍ୱରରେ ପୀଡ଼ିତ ରୋଗୀଙ୍କ ମ୍ୟାଲେରିଆ ରକ୍ତ ପରୀକ୍ଷା କରି ସମ୍ପୂର୍ଣ୍ଣ ଚିକିତ୍ସା ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା କଲ୍ୟାଣ ବିଭାଗର ଅଧିକାରୀଙ୍କୁ ଆଗାମୀ ୨ ଦିନ ମଧ୍ୟରେ ସମସ୍ତ ଆବାସିକ ସ୍କୁଲରେ ମଶାରୀ ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ସପ୍ତାହରେ ହେବାକୁ ଥିବା ଫାଇଲେରିଆ ରୋଗୀ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଭାସୀ ମାଧ୍ୟମରେ ସମସ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ ସଚେତନ କରାଯିବ। ଏହାସହ ଆଗାମୀ ତିନି ମାସ ପାଇଁ ଭେକ୍ଟର ବାହିତ ରୋଗ ସମ୍ପର୍କରେ ସରପଞ୍ଚମାନଙ୍କୁ ସଚେତନ କରାଯିବ। ସଭା ଆରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡ. ରଶ୍ମୀ ରଞ୍ଜନ ସାହୁ ଏବଂ ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବୈଷୟିକ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଡା. ନିଶିଥ କୁମାର ଦାଶ, ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଅନୁପ କୁମାର ମିଶ୍ର, ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟର ଅଧ୍ୟକ୍ଷା ଡା. ମନୋରମା ସ୍ୱାଇଁ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ପରାମର୍ଶଦାତା, ଶିଳ୍ପ ପ୍ରତିଷ୍ଠାନର କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ସହଯୋଗୀ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ।

## ଶ୍ରୀବିରଜା ସେବା ସମିତିର ସାଧାରଣ ଅଧିବେଶନ

**ଯାଜପୁର,୨୦।୬(ସମିସ):** ଶ୍ରୀବିରଜା ସେବା ସମିତିର ୨୫ତମ ବାର୍ଷିକ ସାଧାରଣ ଅଧିବେଶନ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ମା'ବିରଜାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ ବର୍ଷ ୨୦୨୫-୨୬ର ଆୟ ବ୍ୟୟ ହିସାବ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ପ୍ରଦାନ କରିଥିବା ବେଳେ ସେବା ସମିତିର ପଞ୍ଜୀକରଣ ନବୀକରଣ ଦାୟିତ୍ୱ ସମ୍ପାଦକ ମିହିର ରଞ୍ଜନ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଆଗାମୀ ତିନିବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। କାର୍ଯ୍ୟକାରିଣୀ ପରିଷଦରେ ବିଶ୍ୱମ୍ଭର ମିଶ୍ର ସଭାପତି, ପ୍ରମୋଦ କୁମାର ଦ୍ୱିବେଦୀ କାର୍ଯ୍ୟକାରୀ ଉପସଭାପତି ଓ ବିରେନ୍ଦ୍ର କୁମାର ମହାନ୍ତି ଉପ-ସଭାପତି, କ୍ଷୀରୋଦ ଚନ୍ଦ୍ର ପାଠୀ ସମ୍ପାଦକ, ବୃନ୍ଦାବନ ମିଶ୍ର ଓ ମିହିର ରଞ୍ଜନ ନାୟକ ଯୁଗ୍ମ ସମ୍ପାଦକ, ହରିହର ବେହେରା କୋଷାଧ୍ୟକ୍ଷ ମନୋନୀତ ହୋଇଥିବା ବେଳେ ଅନ୍ୟ ସଭ୍ୟ ଭାବେ ରମେଶ ଚନ୍ଦ୍ର ରାଉତ, ବନବିହାରୀ ମହାପାତ୍ର, ନୃସିଂହ ଚରଣ ମହାପାତ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ଗଦାଧର ରାଉତ, ଧନଞ୍ଜୟ କେଶରୀ ରାଉତରାୟ, ରବି ଶତପଥୀ, ନିର୍ମଳାବାଳା ମିଶ୍ର, ବ୍ରଜକିଶୋର ମହାନ୍ତି, ଭରତ କୁମାର ସାହୁ, କୃଷ୍ଣଚନ୍ଦ୍ର ମିଶ୍ର, ବିଷ୍ଣୁ ଚରଣ ଲେଙ୍କା, ନୃସିଂହ ଚରଣ ଜେନା, ଜଗତ ନାୟକ, ବିରଜାପ୍ରସାଦ କର, ଦେବୀ ପ୍ରସାଦ ପାଣି ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ଜଗଦାନନ୍ଦ ମିଶ୍ର, ମହେନ୍ଦ୍ର କୁମାର ଦାସ, ପ୍ରଫୁଲ୍ଲ କୁମାର ପଣ୍ଡା, ନିର୍ମଳ ଚନ୍ଦ୍ର ମହାନ୍ତି, କହ୍ନାଇ ଚରଣ ମହାନ୍ତି, ଆନନ୍ଦ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ମହାପାତ୍ର, ନିଶିଥ କୁମାର ଦାସ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଶିବପ୍ରସାଦ ବଳ, ସୁବାସ ଚନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ମହାରଣା, ମଧୁସୂଦନ ମହାନ୍ତି, ଦିବ୍ୟଭୂଷଣ ନନ୍ଦ, ବିଜୟ କୁମାର ପଣ୍ଡା, ରାମକୃଷ୍ଣ ବେହୁରିଆ, ଶ୍ରୀନାଥ ମହାନ୍ତି, ସୂର୍ଯ୍ୟନାରାୟଣ ଦାଶ, ଚିତ୍ତରଞ୍ଜନ ରାଉତ, ଚିତ୍ତରଞ୍ଜନ ନାୟକ, ନିରୁପମା ମହାନ୍ତି, ଲକ୍ଷ୍ମୀନାରାୟଣ ପତି, ବିରଜାପ୍ରସାଦ ପାଣି ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ନୂତନ ସଭ୍ୟ ଭାବେ ଚନ୍ଦ୍ରଶେଖର ରାୟ, ସରୋଜ କୁମାର ସାମଲ, ସସ୍ମିତାରାଣୀ ନାୟକ, ମେଘା ନାୟକ, ନିର୍ମଳ ଚନ୍ଦ୍ର ଜେନା, ଅନ୍ନପୂର୍ଣ୍ଣା ସାମଲ, ସଂଘମିତ୍ରା ଜେନା, ସବ୍ୟସାଚୀ ଜେନାଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଲୋଚନାରେ ଧ୍ରୁବେନ୍ଦ୍ର କୁମାର ପରିଡ଼ା, ପ୍ରେମାନନ୍ଦ ମିଶ୍ର, ଅଭୟ ଚନ୍ଦ୍ର ଖୁଣ୍ଟିଆ, ପ୍ରଶାନ୍ତ ଚନ୍ଦ୍ର ବିଶ୍ୱାଳ, ନାରାୟଣ ସେଠୀ, ଧନଞ୍ଜୟ ପୃଷ୍ଟି, ସୁବାସ ଚନ୍ଦ୍ର ପାଣି, ସଂଜୟ କୁମାର ସାହୁ, ମନୟ କୁମାର ପଣ୍ଡା, ସୁଧାଂଶୁରଞ୍ଜନ ପଣ୍ଡା, ପ୍ରମୋଦ ଚନ୍ଦ୍ର ପାଠୀ, ଆଲୋକ ରଂଜନ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସଭ୍ୟ ନିର୍ମଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକନାଥ ମନ୍ଦିରରେ ଶୀତଳ ଷଷ୍ଠୀ

**ବ୍ୟାସନଗର,୨୦।୬(ସମିସ):** ବ୍ୟାସନଗର ନିକଟ ପହଙ୍ଗା ପଞ୍ଚାୟତର ରାଉତରାପୁର ଗ୍ରାମରେ ଥିବା ଲୋକନାଥ ମନ୍ଦିରରେ ଶୀତଳ ଷଷ୍ଠୀ ଯାତ୍ରା ପାଳିତ ହୋଇଯାଇଛି। ଚଳିତ ବର୍ଷ ୨୦ ବର୍ଷରେ ପହଞ୍ଚିଥିବା ଏହି ଯାତ୍ରା ଅବସରରେ ଆଜି ସକାଳୁ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ ଶିବବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ମହାରୁଦ୍ରାଭିଷେକ, ହୋମଯଜ୍ଞ ଅନୁଷ୍ଠିତ ହେବା ପରେ ସନ୍ଧ୍ୟାରେ ପାରମ୍ପରିକ ରୀତିରେ ବିବାହ ଉତ୍ସବ ପାଇଁ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଥଲା। କନ୍ୟାପିତା ଗିରିଧାରୀ ପ୍ରଧାନ ହୋଇଥିବା ବେଳେ ରଙ୍ଗାଧର ବ୍ରହ୍ମ ବରପିତା ଭାବେ ଯୋଗଦେଇ ଏହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବାଦ୍ୟ, ରୋଷଣୀ, ଘଣ୍ଟ ଓ ମନ୍ତ୍ରଧ୍ୱନୀରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। ଏନେଇ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଭକ୍ତମାନେ ମହାଦେବଙ୍କୁ ଦର୍ଶନ କରିବା ସହ ବରଯାତ୍ରୀ ଯୋଗଦେଇ ବିବାହ ଉତ୍ସବରେ ସାମିଲ ହୋଇଥିଲେ। ପ୍ରମୋଦ ସାହୁ, କୁନ ସାହୁ, ଭାସ୍କରଘଡାଇ, ଅଜିତଘଡ଼ାଇ, ସୌମ୍ୟରଞ୍ଜନ ବ୍ରହ୍ମ, ବିଜୟ ସାହୁ, ଆଶିଷ ରାଉତ, ବାଦଲ ସାହୁ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।




## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବ୍ୟାସନଗର,୨୦।୬(ସମିସ):** ପୌରାଞ୍ଚଳ ନଟପଦା ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ଶୁକ୍ରବାର ରୀତିନୀତି ଅନୁସାରେ ଅଙ୍କୁର ରୋପଣ, ଦେବତା ଅଧିବାସ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ସକାଳେ ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରି ଆମ୍ବୁଆ ପୋଖରୀରୁ ଜଳ ଧାରଣ କରି ମନ୍ଦିର ନିକଟରେ ପହଞ୍ଚିଥିଲେ। ରବିବାର ସୂର୍ଯ୍ୟପୂଜା, ଗୋ ପୂଜା, ଯଜ୍ଞ ମଣ୍ଡପ ପୂଜା, ଦେବତା ସ୍ନାନ ସହ ପ୍ରଭୁଙ୍କ ନଗର ପରିକ୍ରମା ଅନୁଷ୍ଠିତ ହେବା ସହିତ ସୋମବାର ରୀତିନୀତି ପୂଜା ସହ ଦେବତା ପ୍ରତିଷ୍ଠା ଓ ମନ୍ଦିରରେ ବିଗ୍ରହ ପ୍ରବେଶ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମାପନ ହେବ। ଶନିବାର କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ, କୋରେଇ କଂଗ୍ରେସ ନେତ୍ରୀ ବନ୍ଦିତା ପରିଡ଼ାଙ୍କ ସମେତ ଅନେକ ଆଗଧାଡିର ରାଜନେତା ଉପସ୍ଥିତ ରହି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ରବିବାର ବାବାଜୀ ସତ୍ୟାନନ୍ଦ ଦାସଙ୍କ ପ୍ରବଚନ କାର୍ଯ୍ୟକ୍ରମ ରହିଥିବା ବେଳେ ସୋମବାର ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି। ଏହି ପୂଜା ମହୋତ୍ସବରେ କର୍ତ୍ତା ଭାବେ ସମୀର ପରିଡ଼ା ଓ ତାଙ୍କ ସହଧର୍ମିଣୀ ସିପ୍ରାରାଣୀ ପରିଡ଼ା ପୂଜା କର୍ମରେ ଥିବାବେଳେ ଜଗତସିଂହପୁର ସାରଳା ମଣ୍ଡଳର ପୂଜକ ବିଶ୍ୱଜିତ ପଣ୍ଡାଙ୍କ ନେତୃତ୍ୱରେ ବେଦଜ୍ଞ ବ୍ରାହ୍ମଣମାନେ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ନଟପଦା ଗ୍ରାମବାସୀ ଓ ଶୁଭେଚ୍ଛୁମାନଙ୍କ ସହଯୋଗରେ ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସ ପାଳନ ହେଉଛି।

## ପୂର୍ବତନ ଜିଲ୍ଲାପରିଷଦ ସଭ୍ୟଙ୍କ ପରଲୋକ

**କବାଟବନ୍ଧ, ୨୦।୬(ସମିସ):** ଜେନାପୁର ଥାନା ତାଳଜଙ୍ଗ ପଞ୍ଚାୟତର ରାମପୁର କଇଥା ଗ୍ରାମର ଦିଲ୍ଲୀପ କୁମାର ରାଉତ (୫୯)ଙ୍କ ପରଲୋକ ଘଟିଛି। ସ୍ୱର୍ଗତ ରାଉତ ଜଣେ ବରିଷ୍ଠ ରାଜନେତା ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ଛାତ୍ର ଜୀବନରୁ ସେ ରାଜନୀତି ଆରମ୍ଭ କରି ପରବର୍ତ୍ତୀ ସମୟରେ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇ ଲୋକମାନଙ୍କ ପାଇଁ ସେବା କରି ଆସୁଥିଲେ। ଛାତ୍ର ଜୀବନରେ ସେ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପଢୁଥିବା ବେଳେ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ୨୦୦୦ରୁ ୨୦୦୫ ମସିହା ପର୍ଯ୍ୟନ୍ତ ସୁକିନ୍ଦା ନିର୍ବାଚନ ମଣ୍ଡଳୀ (ବର୍ତ୍ତମାନ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ) ୧୧ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଭାବେ ଜନତା ଦଳରୁ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଉଦ୍ୟମରେ ସ୍ଥାନୀୟ ଅଞ୍ଚଳରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲା। କନ୍ତପଡ଼ା ଠାରୁ ବଳରାମପୁର ତାଳଜଙ୍ଗକୁ ନୂତନ ରାସ୍ତା, ଅମୃତମଣୋହି ହାଇସ୍କୁଲ, ସମେତ ବିଭିନ୍ନ କାର୍ଯ୍ୟ ହୋଇଥିଲା। ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟର ଉପଦେଷ୍ଟାମଣ୍ଡଳୀ ସଭ୍ୟ ଭାବେ ୨୦୧୭ ରୁ ୨୦୨୦ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ପ୍ରାୟ ୧୮ ଦିନ ପୂର୍ବରୁ ତାଙ୍କର ବ୍ରେନ୍ ଷ୍ଟ୍ରୋକ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ପୂର୍ବାହ୍ନ ୮.୪୫ ମିନିଟରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହିତ ବିଧାୟକ ହିମାଂଶୁ ଶେଖର ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, କଂଗ୍ରେସ ନେତା ସନ୍ତୋଷ ନନ୍ଦ, ସମାଜସେବୀ ପ୍ରଶାନ୍ତ ସ୍ୱାଇଁ, ଅନୀଲ ପଣ୍ଡା, ସାମ୍ବାଦିକ ବସନ୍ତ କୁମାର ମଲ୍ଲିକ, ହୃଷିକେଶ ମହାରଣା, ଧ୍ରୁବାନନ୍ଦ ରାଉତ, ଅଜୟ ସାହୁ, ପୂର୍ବତନ ସମିତି ସଭ୍ୟ ଗଙ୍ଗାଧର ମଲ୍ଲିକ, ରକ୍ତବନ୍ଧୁ ଯାଜପୁରର ସଦସ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସରପଞ୍ଚ ସମିତିସଭ୍ୟ ଏବଂ ବହୁ ବିଶେଷ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।





# ଅଧଘଣ୍ଟାର କଟକ



କୃଷ୍ଣ କୁମାର ମହାନ୍ତି

କୀର୍ତ୍ତି ପାଇଁ କଟକ କେବଳ ଗୋଟେ ସହର ନଥିଲା। ଥିଲା ତା'ର ଅଧଘଣ୍ଟିଆ ଦୁନିଆର ଗୋଟେ ନନ୍ଦନକାନନ।

ପ୍ରତି ଶନିବାର ବାଲେଶ୍ୱରରୁ ସକାଳ ୯ଟା ବସ୍ ଧରି ସେ ଧାଇଁ ଆସେ କଟକ। ତିନି ଘଣ୍ଟାର ରାସ୍ତା। କେତେବେଳେ ସରିଯାଏ ଜାଣି ପାରେନା। ବସ୍‌ରେ ବସିଲେ ହିଁ ମନ ତା'ର ଭାସେ କଳ୍ପନାରେ। କେମିତି ପହଞ୍ଚିବ ଆଉ ଦେଖିବ ତାକୁ। ହେଉ ପଛକେ ଅଧଘଣ୍ଟା ପାଇଁ।

ବସ୍ ଲିଙ୍କ୍ ରୋଡ୍ ଟପି ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ପହଞ୍ଚେ। ସୌରଭ ବାଇକ୍ ନେଇ ଛିଡ଼ା ହୋଇଥାଏ। କଳା ଶାର୍ଟ ତାକୁ ମାନେ। ସେ ପିନ୍ଧିଥାଏ କଳା ଶାର୍ଟ। ମୁହଁରେ ଉଚ୍ଛୁଳୁଥାଏ ସେଇ ତାରକସି ହସ, ଆଉ ଆଖିରେ ଦୁଷ୍ଟାମୀ। ସେ ହସ ଦେଖି କୀର୍ତ୍ତିର ତିନି ଘଣ୍ଟାର କ୍ଲାନ୍ତି ନିମିଷକରେ ଉଭାନ୍ ହେଇଯାଏ।

ବାଇକ୍ ଗଡ଼େ ରିଂରୋଡ୍ ଦେଇ ଆଗକୁ। ପବନରେ କୀର୍ତ୍ତିର ଓଢ଼ଣୀ ଉଡ଼େ, ଆଉ ତା' ସହିତ ତା'ର ହୃଦୟ ବି।

ସିଧା କାଠଯୋଡ଼ି ପଠାରେ ବାଇକ୍ ରଖି ଦୁହେଁ ନଈ କୂଳର ସେଇ ପୁରୁଣା ପଥର ଉପରେ ବସନ୍ତି। ଦହିବରା ଅର୍ଡର୍ କରେ ସୌରଭ। କୀର୍ତ୍ତି ଦହିବରା ଖାଇବାକୁ ଭଲପାଏ। ସୌରଭ ଜାଣେ। ଗୋଟେ ପ୍ଲେଟ୍‌ରେ ଦୁଇଟା ଚାମଚ।

ସୌରଭ କହେ, "ତୁମେ ଆସିଲେ କଟକ ସୁନା ପରି ଝଟକେ। ତୁମେ ନଥିବା ବେଳେ କଟକ ଖାଲି ଗୋଟେ ଭିଡ଼ର ସହର।" କୀର୍ତ୍ତି ହସେ, ନିରବରେ। କିନ୍ତୁ ଘଣ୍ଟା କଣ୍ଟାକୁ ଚାହେଁ ଓ ଡରେ। ସମୟ ସରି ଆସିବ ଓ ସେ ଫେରିବ ବାଲେଶ୍ୱର।

ଠିକ୍ ଅଧଘଣ୍ଟା ହେଇନଥାଏ ସେ ଉଠିପଡ଼େ। କହେ: "ଯିବା, ବସ୍ ଛାଡ଼ିଦେବ।" ସୌରଭ ଜିଦ୍ କରେନା। ସୁଧାର ପିଲା ପରି। ପୁଣି ବାଇକ୍ ଗଡ଼େ, ବାଦାମବାଡ଼ି ଆଡ଼କୁ।

ବାଲେଶ୍ୱର ଗାମୀ ବସ୍‌ରେ ଉଠିବା ବେଳେ ସୌରଭ ଚୁପ୍‌ଚାପ୍ କୀର୍ତ୍ତି ହାତରେ ଗୁଞ୍ଜିଦିଏ ଲଜେନ୍ସ ପୁଡ଼ିଆଟେ। ସୌରଭ ଜାଣେ କୀର୍ତ୍ତି ଏଇ ଛୋଟ ଛୋଟ ଲଜେନ୍ସକୁ ଅନେଇଥାଏ। କୀର୍ତ୍ତି ପ୍ରଶ୍ନିଳ ଆଖିରେ ଅନାଏ।

: "ବାଟରେ ମୁଁ ମନେ ପଡ଼ିବି ଯେତେଥର ତମକୁ ଏଇ ଲଜେନ୍ସ ଦେବ ମିଠାପଣ।" କହେ ସୌରଭ। ବସ୍ ଛାଡ଼େ। ପଛକୁ ରହିଯାଏ ସୌରଭ।

ପୁଣି ଗୋଟେ ସପ୍ତାହର ଅପେକ୍ଷା। ତିନି ଘଣ୍ଟା ଯିବା, ଅଧଘଣ୍ଟା ରହିବା, ତିନି ଘଣ୍ଟା ଫେରିବା। ଏଇ ଗଣିତ ଭିତରେ କୀର୍ତ୍ତିର ପ୍ରେମ ସଳଖୁଥିଲା।

ତା'ପରେ ସେଇ ଶନିବାର ଆସିଲା। ଆକାଶରେ ମେଘର ତାଣ୍ଡବ। ଜୋର୍‌ରେ ବର୍ଷା ହେଉଥାଏ। କୀର୍ତ୍ତି ଓଦା ହୋଇ ବସ୍‌ଷ୍ଟାଣ୍ଡରେ ଓହ୍ଲାଇଲା ବେଳକୁ ସେଦିନ କେହି ନଥିଲା ସେଠି। ନା ବାଇକ୍, ନା କଳା ଶାର୍ଟ ପିନ୍ଧା ସୌରଭ, ନା ତା' ମୁହଁର ସେଇ ନିରୀହ ହସ।

ମୋବାଇଲ୍ ସୁଇଚ୍ ଅଫ୍। ଘଣ୍ଟାଏ, ଦୁଇ ଘଣ୍ଟା ବିତିଗଲା ସତ କିନ୍ତୁ ସୌରଭ ଆସିଲା ନାହିଁ।

ଶେଷରେ ବର୍ଷା ଛାଡ଼ିଲା। କାନ୍ଦ କାନ୍ଦ କୀର୍ତ୍ତି। ଯେମିତି ଏଇମାତ୍ର ଭୋଓ କରି କାନ୍ଦି ଦେବ। ଏଥର ଏକା ଆସିଲା ବସ୍‌ଷ୍ଟାଣ୍ଡ ବାହାରକୁ। ଗୋଟିଏ ଅଟୋ ରିକ୍ସାରେ ବସିଲା। କହିଲା, "କାଠଯୋଡ଼ି ପଠାକୁ ଚାଲ।"

ନଈ ସେଦିନ ବି ବହୁଥିଲା। ଯେମିତି ସବୁଦିନ ବହେ। ଦହିବରା ବାଲା ବି ଥିଲା ଯେମିତି ସବୁଦିନ ଥାଏ। ପଚାରିଲା, "ଆଜି ଦିଦି ଏକା?" କୀର୍ତ୍ତି ଉତ୍ତର ଦେଇପାରିଲାନି। ସେଇ ପଥର ଉପରେ ବସି ପଡ଼ି ସେ ଅନାଇଲା ନଈ ଆଡ଼କୁ - ପାଣି ଥିଲା ସତ, ହେଲେ ତା' ଭିତରୁ କିଛି ତ ଶୁଖି ଯାଇଥିଲା, ତାକୁ ମନେ ହେଲା।

ସପ୍ତାହେ ପରେ ଖବର ଆସିଲା। ଗୋଟେ ସାଙ୍ଗ ମାଧ୍ୟମରେ। ଚାକିରି ପାଇ ସୌରଭ ବାଙ୍ଗାଲୋର ଚାଲିଯାଇଛି। ତରତରରେ। ନା ଗୋଟେ ଚିଠି, ନା ଶେଷ ଦେଖା, ନା ଗୋଟେ 'ଯାଉଛି' ବୋଲି ହ୍ୱାଟ୍‌ସଆପ୍ ମେସେଜ୍। କଟକରୁ ସେ ଯେମିତି ଉଭାନ୍ ହୋଇଗଲା। ଏମିତି କ'ଣ କେହି ଯାଏ?

କୀର୍ତ୍ତିର ଫୋନ୍‌ରୁ ତା' ନମ୍ବର ଆଉ ଲାଗୁନଥିଲା।

ବର୍ଷେ ପରେ କୀର୍ତ୍ତି ଶେଷ ଥର ପାଇଁ କଟକ ଗଲା। ବାଦାମବାଡ଼ିରେ ଓହ୍ଲାଇ ଆଉ କାହାକୁ ଖୋଜିଲାନି। ସିଧା ଅଟୋ ନେଇ ଗଲା କାଠଯୋଡ଼ି ପଠା। ସେଇ ଜାଗା, ସେଇ ପଥର। ଦହିବରା ବାଲା ଚିହ୍ନି ପକାଇଲା, "ଦିଦି, ଆଜି ବି ଦୁଇ ପ୍ଲେଟ୍?"

କୀର୍ତ୍ତି ମୁଣ୍ଡ ହଲାଇଲା। "ହଁ, ଦୁଇଟା।"

ଗୋଟେ ପ୍ଲେଟ୍ ନିଜେ ଖାଇଲା। ଖାଇବା ବେଳେ କିଏ ଯେମିତି କଣ୍ଟା ହୋଇ ତା' ଗଳାରେ ଲାଗୁଥିଲା। କହୁଥିଲା: "ମୋତେ ନଦେଇ ତମେ ଖାଇ ଦେଉଛ?" କୀର୍ତ୍ତି ଉଠିଲା। ଥୁଆ ହେଇଥିବା ଆର ପ୍ଲେଟ୍‌କୁ ସେ ଚୁପ୍‌ଚାପ୍ ହାତରେ ଧରି କାଠଯୋଡ଼ିର ପାଣି ଆଡ଼କୁ ଚାଲିଲା। ଭସାଇଦେଲା ପାଣିରେ। ପ୍ଲେଟ୍‌ଟା ଧୀରେ ଧୀରେ ଦୂରକୁ ଦୂରକୁ ଭାସି ଯାଉଥିଲା। ଯେମିତି ମୃତକଙ୍କୁ ଖାଦ୍ୟ ଅର୍ପଣ କରାଯାଏ।

ନଈକୁ ଚାହିଁ ଏଥର କୀର୍ତ୍ତି କହିଲା, "ତମ ଭାଗର ଅଧଘଣ୍ଟା ନେଇଯାଅ, ସୌରଭ। ମୋ ଭାଗରେ ତ ଖାଲି ତିନି ଘଣ୍ଟାର ରାସ୍ତା ଆଉ ସାତ ଦିନର ଶୂନ୍ୟତା।"

ସେଦିନ ପରେ କୀର୍ତ୍ତି ଆଉ କଟକ ଯାଇନି। କିନ୍ତୁ କାଠଯୋଡ଼ି ଆଜି ବି ବହୁଛି।

କିଛି ନଈ ଶୁଖନ୍ତିନି, ସୁନାବ୍ୟା। କିଛି ମଣିଷ କିନ୍ତୁ ମରୁଭୂମି ପାଲଟି ଯାଆନ୍ତି। ଶୁଷ୍କ ଓ ନିଷ୍ପନ୍ଦ। ଯେମିତି ମରୁଭୂମିରେ ଗୋଟେ କାକଟସ୍। ■

କଳିଙ୍ଗ ନଗର, ବାଲେଶ୍ୱର
ମୋ: ୭୦୦୮୮୪୫୯୨୯

## ଯିବା ଲୋକ



ମାଧୁରୀ ପଣ୍ଡା

ଯିବା ଲୋକ
ବାହାରିଯାଏ ଚୁପ୍‌ଚାପ୍ ମହାଯାତ୍ରାରେ।

ଜାଣିବି ପାରେନି
ତା' ପଛରେ
ହଠାତ ମୁଠାଏ କୋଳାହଳ
ରହିରହି ମୁଣ୍ଡ ଟେକୁଥାଏ।

କାହା ଲୁହ ଡବଡବ ଆଖି,
କିଏ ନିଜ ଲୁଗାପଟାକୁ ନିଘା ନ କରି
ତା' ଯାତ୍ରା ପଛେ ପଛେ ଧାଏଁ,
କାହା ଚାପା ଚିତ୍କାର
କାହା ପଥୁରି ଯାଇଥିବା ଆଖି
ଧୀରେ ଧୀରେ ଦୂର ଖୁବ୍ ଦୂର ହେଇଯାଏ।

ସେ ଯାଏ ସବୁ ଛାଡ଼ିଛୁଡ଼ି
ଦେହ ଭିତରୁ ଦେହକୁ ଥୋଇ ଦେଇ
ଖୁବ୍ ଗୋଟେ ଡେଙ୍ଗାଗଛର
ଆହୁରି ଉପରକୁ,
ଶୂନ୍ୟ ଶୂନ୍ୟ ମହାଶୂନ୍ୟରେ
ମିଳେଇ ଯାଉଥାଏ।

ତାକୁ ନେଇ ସାରା ସହରରେ
ଚାପା ଗୁଞ୍ଜରଣ,
ସବୁଠି ତା କଥା,
ମାଟିବି ଶୁଖେଇ ପାରେନି
କାହା ଆଖିର ଲୁହ,
ଯିବା ଲୋକ ଜମା ଜାଣେନି
କିଏ ସେ ନିରବରେ ଝୁରେ,
କେବଳ ଝୁରେ ତାକୁ
ଆଉ ଝରି ଝରି ଯାଏ। ■

ମୋ: ୯୯୩୭୨୨୬୮୨୫



## ଘରକରଣା



ରଂଜିତା ପଣ୍ଡା

ସକାଳର ଗହନ ଅଳସୁଆମିରେ ଫୁଲ୍‌ଷ୍ଟପ୍ ଦେଇ
ଫୁଲ୍‌ସ୍ପିଡ୍‌ରେ ଘୂରୁଥିବା ଫ୍ୟାନକୁ ଅଫ୍ କରିଦିଏ
ଓ ବାହାରିଯାଏ ମୁଁ ଗୋଟେ ପ୍ରଚଣ୍ଡ ଖରାବେଳ ଆଡ଼କୁ।

ବାସି ପାଇଟିର ଥାକ ଥାକ ଦୀର୍ଘଶ୍ୱାସମାନଙ୍କୁ
ଛାତିଯାଏ ଟାଣିନେଲା ପରେ,
ଦୁଇ ଟୋପା ଉଦାସୀନତାକୁ ଢୋକି ନିଏ କପେ ଚା' ସହିତ
ଖଣ୍ଡେ ଅଦା ରଚ୍ କରି ବାଜେ ଅନ୍ୟମନସ୍କତାରେ।

ଚୁଲିରେ ଫୁଟୁଥାଏ ଭାତ,
ଫାଟୁଥାଏ ଚଟ୍ ଚଟ୍ ଜଙ୍ଗଲି କାଠର ଗଣ୍ଠି,
ମୋ ବାରିପଟେ ଅପରାଜିତାର ଲହ ଛାଉଣି
ଚଢୁଥାଏ ନିଜ ବାଗରେ...
ଜଞ୍ଜାଳମାନେ ଠୁଳ ହେଇ ଗାଉଥାନ୍ତି ସମବେତ ଗୀତ
ଗୋଟେ ନିରୀହ ରାଗରେ।

ଦରସିଝା କାନ୍ଦୁଲ ଡାଲି ଉତୁରିଗଲା ପରେ
ମୁଁ ଫେରିଆସେ ଚାରୋଟି କାନ୍ଥର ବନ୍ଧନ ଭିତରକୁ,
ସେତେବେଳେ ଘରସାରା
ଶହ ଶହ ଭୋକରେ ଆଉଟୁ ପାଉଟୁ ପ୍ରଜାପତି...
ସେମାନଙ୍କ ସହିତ ପ୍ରତିଯୋଗିତାରେ ମଗ୍ନ
ଶହ ଶହ ଯାବତୀୟ କୋଳାହଳ
ଶହ ଶହ ଲକ୍ଷ୍ୟଶୂନ୍ୟ ଅବସୋସ ।

ସଂସାରର ଚିଟଲଗା ଡାଙ୍କୁଣିମାନଙ୍କୁ ସାବୁନ ପାଣିରେ
ସଫା କରୁ କରୁ
କେବେ ଯେ ପାପୁଲି କଟି ରକ୍ତଧାର ବହିଯାଏ,
ଆଫା କରିବାକୁ ବି ନ ଥାଏ ସମୟ କ୍ଷତମାନଙ୍କ ଉପରେ...
ଗୋଟେ ବହଳ ନିଦରାତି ଖୋଜୁ ଖୋଜୁ
ପଲକତଳେ ଗହଳରଙ୍ଗର କଳାଦାଗ ପଡ଼ିସାରିଥାଏ ବୋଲି
ନିଜଛଡ଼ା କିଏ ଜାଣିପାରେ ?? ■

ଆନନ୍ଦ ନଗର
ସୋନପୁର



ଡ. ପ୍ରଫୁଲ୍ଲ କୁମାର ସାହୁ

# ସୁରେନ୍ଦ୍ରୀୟ ଶୈଳୀ-ସ୍ୱରୂପ ଓ ନୀଳଶୈଳ

ଓଡ଼ିଆ କଥା-ସାହିତ୍ୟର ପ୍ରବାଦ ପୁରୁଷ ସୁରେନ୍ଦ୍ର ମହାନ୍ତି। ସାହିତ୍ୟର ବିଭିନ୍ନ କ୍ଷେତ୍ର ସଞ୍ଚାରୀ ଏହି ବିସ୍ମୟ ବିଶ୍ୱକର୍ମାଙ୍କ ଉପନ୍ୟାସ ସକଳ ଓଡ଼ିଆ ସମାଜ-ଦର୍ଶନ ଓ ଇତିହାସ ସହିତ ରାଜନୀତିର ଏକ ବିଶ୍ୱସ୍ତ ପ୍ରତିଲିପି। ତାଙ୍କ ଦୃଷ୍ଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ଆରାଧ୍ୟ ଦେବତା ନୁହଁନ୍ତି, ସେ ଅପରାଜେୟ ଓଡ଼ିଆ ଜାତିର ପ୍ରକୃତ ଆତ୍ମା। ଜଣେ ସ୍ୱାଭିମାନୀ ଓଡ଼ିଆ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଭାବରେ ସେ ଏହି ସତ୍ୟକୁ ପ୍ରତିପାଦନ କରିବାକୁ ଚାହିଁଛନ୍ତି ତାଙ୍କର ପ୍ରତିଟି ଐତିହାସିକ ଉପନ୍ୟାସରେ। ଜୀବନ ସ୍ମୃତି (ପଥ ଓ ପୃଥିବୀ) ରେ ସେ କହିଛନ୍ତି – "ମୋର ସବୁ ଐତିହାସିକ ଉପନ୍ୟାସ ମୁଁ ଜଗନ୍ନାଥଙ୍କ ଭକ୍ତ ହିସାବରେ ଲେଖିବି। କାରଣ ଓଡ଼ିଶା ଐତିହାସିକ ଗୌରବକୁ ସାଧାରଣରେ ପରିଚିତ କରେଇବା ମୋର ଲକ୍ଷ୍ୟ।"

ଅଷ୍ଟାଦଶ ଶତାବ୍ଦୀ ଥିଲା ଓଡ଼ିଶା ଇତିହାସର ଏକ ବେଦନା ଜର୍ଜରିତ ସଂଗ୍ରାମର ସମୟ। ମୈତ୍ରୀଦେବ ଜଗନ୍ନାଥଙ୍କ ମାନ ରକ୍ଷା କରିବା ଥିଲା ଖୋର୍ଦ୍ଧା ଗଜପତି ତଥା ଓଡ଼ିଆ ଜାତି ପାଇଁ ଏକ ଆହ୍ୱାନ। ଏହି ରାଜନୈତିକ ଓ ସାଂସ୍କୃତିକ ପରିମଣ୍ଡଳ ଉପରେ ରଚିତ ହୋଇଛି ଐତିହାସିକ ଉପନ୍ୟାସ 'ନୀଳଶୈଳ'ର ପୃଷ୍ଠ ପିଞ୍ଜରା।

ମହାକାବ୍ୟିକ ଉପନ୍ୟାସ 'ନୀଳଶୈଳ' ସୁରେନ୍ଦ୍ର ମହାନ୍ତିଙ୍କ ଶିଳ୍ପକଳାର ଚୂଡ଼ାନ୍ତ ଅଭିବ୍ୟକ୍ତି। ଏହା କିଛି ସାଧାରଣ ଉପନ୍ୟାସ ନୁହେଁ, ଉତ୍କଳୀୟ ଜନପ୍ରାଣର ପ୍ରେମ, ଭକ୍ତି, ସମର୍ପଣ ତଥା ନିଛକ ଆନ୍ତରିକତାର ଆଖ୍ୟାନ। ଗୋଟିଏ ଐତିହ୍ୟ ସଂପନ୍ନ ଜାତିର ଜୀବନ ବେଦ ବା ଆତ୍ମାର କଥା। ଐତିହାସିକ ଉପନ୍ୟାସ ହେଲେ ବି ଇତିହାସ ଏହାର କଙ୍କାଳ। ଆତ୍ମା ହେଉଛି ଭାବାବେଗ। ଜଗନ୍ନାଥ କେବଳ ପ୍ରତୀକ। ଉପନ୍ୟାସର ମୁଖବନ୍ଧରେ ଲେଖକ କହିଛନ୍ତି- "ପ୍ରମତ୍ତ ବଳଦେବଙ୍କ ଦର୍ପିତ ପହଣ୍ଡି, କେତକୀ ଟାହିଆର ଠାଣି, ବିଜେ କାହାଳି ଓ ଘଣ୍ଟାନାଦ ମଧ୍ୟରେ ତାଙ୍କର ଦୃଷ୍ଟି ପଥାରୂଢ଼ ହୋଇଛି ଇତିହାସର ବହୁ କ୍ଷତବିକ୍ଷତ ଓଡ଼ିଆ ଆତ୍ମାର ଅଭ୍ୟୁଦୟ।"

ଖୋର୍ଦ୍ଧା ଭୋଇ ରାଜବଂଶର ପରାଜିତ ଗଜପତି ରାମଚନ୍ଦ୍ର ଦେବ, ଇତିହାସର ଜଣେ ନିନ୍ଦିତ ନାୟକ। କଟକର ନାଏବ ନାଜିମ୍ ମହମ୍ମଦ ତକୀ ଖାଁଠାରୁ ପରାସ୍ତ ହୋଇ ବାରବାଟୀ ଦୁର୍ଗରେ ବନ୍ଦୀ ହୋଇ ରହିଲେ ପୂରା ଅଠର ମାସ। ଏତିକିବେଳେ ତକୀ ଖାଁ'ର ଭଉଣୀ ରୂପବତୀ ରିଜିଆର ପ୍ରେମରେ ପଡ଼ି ତାକୁ ବିବାହ କଲେ, ଯା' ଫଳରେ ଜାତି ଗଲା, ଧର୍ମ ଗଲା ଓ ରାମଚନ୍ଦ୍ରଦେବ ପରିବର୍ତ୍ତେ ନାମ ହେଲା ହାଫିଜ କାଦିର ବେଗ୍। ଶ୍ରୀଜିଉଙ୍କ ଚଳନ୍ତି ପ୍ରତିମା ହୋଇ ସୁଦ୍ଧା ହରେଇ ବସିଲେ ମହାପ୍ରଭୁଙ୍କ ଦର୍ଶନ ତଥା ଅଙ୍ଗ କୈବଲ୍ୟ ସେବା ପୂଜାର ଅଧିକାର। ରାମଚନ୍ଦ୍ର ଦେବ ହିଁ ଏକମାତ୍ର ଗଜପତି, ଯିଏ ଧର୍ମଭ୍ରଷ୍ଟ ହେବା କାରଣରୁ ମହାପ୍ରଭୁଙ୍କୁ ଆସନ ଗ୍ରହଣ କରିବାକୁ ପଡ଼ିଲା ସିଂହଦ୍ୱାର- ଗୁମୁଟରେ। ତେଣୁ ତାଙ୍କ ପ୍ରେମ କାହାଣୀ ଓ ଧର୍ମ ପରିବର୍ତ୍ତନକୁ କେନ୍ଦ୍ରକରି ଇତିହାସରେ ଅନେକ ଝଡ଼ ଉଠିଛି ଏବଂ ଶେଷରେ ଜଣେ ଇନ୍ଦ୍ରିୟାସକ୍ତ, କାମୁକ ବ୍ୟକ୍ତି ଭାବରେ ଚିହ୍ନଟ କରି ଇତିହାସ ତାଙ୍କ ଦେହରେ ଲଗେଇ ଦେଇଛି କଳଙ୍କିତ ନାୟକର ମୋହର। ମାତ୍ର ଇତିହାସକୁ ତର୍ଜମା କରି କେହି କେବେ ରାମଚନ୍ଦ୍ରଦେବଙ୍କ ତାତ୍କାଳିକ ଅସହାୟତା ବୁଝିବାକୁ ଚେଷ୍ଟା କରିନାହାନ୍ତି କି କାହାରି ଚେତନାକୁ ଆନ୍ଦୋଳିତ କରିନାହିଁ ଦୁଷ୍କାଳର ପରିହାସ ମଧ୍ୟରେ ମହାରାଣୀ ଲଳିତା ପାଟଦେଇ ଓ ପୁତ୍ର ଭାଗୀରଥି କୁମରଙ୍କ ବିଦ୍ରୋହ ତଥା ବଡ଼ପଣ୍ଡାଙ୍କ ଚକ୍ରାନ୍ତର ଚକ୍ରବ୍ୟୂହରେ ଜର୍ଜରିତ ଗଜପତିଙ୍କ ଅନ୍ତର୍ବେଦନା। ଇତିହାସର ଏହି ପକ୍ଷପାତିତା ବିରୁଦ୍ଧରେ ଏକ ପ୍ରତିବାଦ ହୋଇ ଆତ୍ମପ୍ରକାଶ କରିଛି ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳଶୈଳ'।

ଇତିହାସ କେବେ ଦ୍ରାକ୍ଷାକୋମଳ ଦୃଷ୍ଟିଭଙ୍ଗୀ ନେଇ ନେତାର ବିଶ୍ଳେଷଣ କରେ ନାହିଁ କି ବୁଝେ ନାହିଁ ନେତା ଅନ୍ତର ତଳର ବେଦନା। ଅନ୍ୟପକ୍ଷରେ ଇତିହାସର ବିଶେଷ ସତ୍ୟକୁ ଆଧାର କରି ସାହିତ୍ୟ ଖୋଜେ କାଳାତୀତ ସତ୍ୟ, ଯାହାକୁ କୁହାଯାଏ ଶୀତଳ ଶିଳୀଭୂତ ଇତିହାସର ମାନବୀକରଣ। ଘଟଣା ପରେ ଘଟଣା ସଜେଇ ତାକୁ ଭାବ ବ୍ୟଞ୍ଜିତ କରିବାରେ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା। ବିଶେଷକରି ଇତିହାସର ନିନ୍ଦିତ, ଭର୍ତ୍ସିତ ଓ ଲାଞ୍ଛିତଙ୍କ ପ୍ରତି ସତ୍ୟସନ୍ଧାନୀ ଶିଳ୍ପୀ ସୁରେନ୍ଦ୍ରଙ୍କର ଥାଏ ସ୍ୱତନ୍ତ୍ର ଶ୍ରଦ୍ଧା ଓ ସମ୍ବେଦନା। ଏଥିସହିତ ଜଣେ ମନସ୍ତତ୍ତ୍ୱବିତର ଦକ୍ଷତା ନେଇ ସେ ଗଜପତିଙ୍କ ଭାବାବେଗକୁ ପଢ଼ିଛନ୍ତି, ଯିଏ ସବୁ କିଛି ହରାଇଲା ପରେ ମହାପ୍ରଭୁଙ୍କୁ ସେବକ ଭାବରେ ଭୁଲି ନାହାନ୍ତି ନିଜର ସର୍ବଶ୍ରେଷ୍ଠ ଦାୟିତ୍ୱ। କୌଣସି ପରିସ୍ଥିତିରେ ବି ମନରୁ ସାମାନ୍ୟତମ ଊଣା ପଡ଼ିନାହିଁ ଶ୍ରୀଜିଉଙ୍କ ପ୍ରତି ଭକ୍ତି ଓ ଆନୁଗତ୍ୟ। ଗୋଟିଏ ପଟରେ ତକୀ ଖାଁ'ର ମନ୍ଦିର ଆକ୍ରମଣ ମସୁଧା ଅନ୍ୟପଟରେ ସେବାୟତଙ୍କ ବିଶ୍ୱାସ ଘାତକତା- ତାଙ୍କ ଆଖି ଆଗରେ ନାଚିଉଠିଛି ଦୁଇଶହ ବର୍ଷ ତଳର କଳଙ୍କିତ ଇତିହାସ। କଳାପାହାଡ଼ର ବଡ଼ ଦେଉଳ ଲୁଣ୍ଠନ ଓ ମହାପ୍ରଭୁଙ୍କୁ ଚମ ଦଉଡ଼ିରେ ବାନ୍ଧି ବଡ଼ଦାଣ୍ଡରେ ଘୋଷାରି ଘୋଷାରି ନେବାର ଦୃଶ୍ୟ। ସେହି ମର୍ମଦାହୀ ଘଟଣାର ଆଉ ପୁନରାବୃତ୍ତି ନ ହେଉ-ଏହା ହିଁ ଥିଲା ତାଙ୍କ ଉତ୍କଳୀୟ ଆତ୍ମାର ଆହ୍ୱାନ।

ଉପରୋକ୍ତ ପ୍ରେକ୍ଷାପଟରେ ଶିଳ୍ପୀ ଅନୁଭବ କରିଛନ୍ତି ପ୍ରେମ ପାଇଁ ନୁହେଁ, ଜାତିର ସ୍ୱାର୍ଥ ପାଇଁ ତାଙ୍କର ଧର୍ମ ପରିବର୍ତ୍ତନ। ଜାତିର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ତାଙ୍କର ଶେଷହୀନ ସଂଗ୍ରାମ। ପୁରୀରୁ ଗୁରୁବାରୀ ଦ୍ୱୀପ ଯାଏ ତାଙ୍କର ଏହି ସଂଘର୍ଷମୟ ଯାତ୍ରା ପଥରେ ସେ ନିଜକୁ ବାରମ୍ବାର ପଚାରିଛନ୍ତି- ଠାକୁର ଓ ପ୍ରଜାଙ୍କ ପାଇଁ ବିଧର୍ମୀ ହେବା କ'ଣ ପାପ ? ପ୍ରତିକୂଳ ପରିସ୍ଥିତିରେ ସଂଗ୍ରାମ କରି ପରାଜିତ ହେବା କଣ ଭୀରୁତା? ନିଜ ଭିତରୁ ଉତ୍ତର ପାଇଛନ୍ତି-ଓଡ଼ିଆ ଜାତି ଓ ଜାତିର ଆରାଧ୍ୟ ଠାକୁରଙ୍କ ପାଇଁ ଯେତେ ଯାହା ନିନ୍ଦା ଅପବାଦ ଆସୁନା କାହିଁକି, ତାକୁ ପୁଣ୍ୟ ଭାବି ଦେହରେ ବୋଳି ହୋଇଯିବା ଉଚିତ୍। ନିଜ ଅନ୍ତରାତ୍ମାର ବାଣୀ ଶୁଣି ସେ ଗ୍ରହଣ କରି ନେଇଛନ୍ତି ରିଜିଆର ପ୍ରେମ। ରିଜିଆ ଗଜପତିଙ୍କ ଜୀବନର ଏକ ଅଶ୍ରୁସିକ୍ତ କବିତା। ଜଣେ ହିନ୍ଦୁ ମାତାର କନ୍ୟା ଭାବରେ ଜଗନ୍ନାଥଙ୍କ ପ୍ରତି ମନରେ ଅଚଳା ଭକ୍ତି। ଗଜପତିଙ୍କୁ ପ୍ରେମ କରିବା ପଛରେ ରହିଛି ମହାପ୍ରଭୁଙ୍କ ଦର୍ଶନ ଲଭିବାର ଅଦମ୍ୟ ଇଚ୍ଛା। ଜଗନ୍ନାଥପ୍ରାଣତା ହିଁ ରିଜିଆକୁ ଆଣି ଦେଇଛି ଗଜପତିଙ୍କ ବିବି ହେବାର ସୌଭାଗ୍ୟ। ଗଜପତି ଉତ୍କଳ ଇତିହାସର ପ୍ରାଣ ନୁହଁନ୍ତି, ଏକ ସଙ୍କେତ ମାତ୍ର। ଉତ୍କଳର ଯଥାର୍ଥ ପ୍ରାଣ ତା'ର ପାଇକକୁଳ। ସରଦେଈ ସେହି ପାଇକ ଘରର ବୋହୂ। ପାଇକାଳି ରକ୍ତରେ ଗଢ଼ା ତା'ର ଦେହ ଓ ମନ। ସ୍ୱାମୀ ନବଘନକୁ ବନ୍ଦାପନା କରି ଯୁଦ୍ଧକୁ ପଠାଇ ଦେଲାବେଳେ ଜଗନ୍ନାଥଙ୍କ ସୁରକ୍ଷା ଆଗରେ ନିଜର ସୁଖ ସୌଭାଗ୍ୟକୁ ତୁଚ୍ଛ ମଣି ସରଦେଈ ଭଳି ନବବିବାହିତା କେବଳ କହିପାରେ- "ଏ ଲଢ଼େଇ ରାଜ୍ୟ ପାଇଁ ନୁହେଁ, ହିନ୍ଦୁର ଆତ୍ମା ଜଗନ୍ନାଥଙ୍କ ମାନ ରକ୍ଷା ପାଇଁ। ଜଗନ୍ନାଥ ଥିଲେ ସବୁ ଅଛି, ସେ ନ ଥିଲେ କିଛି ନାହିଁ।"

ଜଗନ୍ନାଥଙ୍କୁ କେବେ ଦେଖି ନଥିବା ଜଗନ୍ନାଥପ୍ରାଣା ସରଦେଈ ମହାପ୍ରଭୁଙ୍କୁ ଦେଖିଛି ଠାକୁର ରାଜାଙ୍କ ଭିତରେ। ତାଙ୍କରି ଚରଣ ତଳେ ଅଜାଡ଼ି ଦେଇଛି ଅନାବିଳ ଶ୍ରଦ୍ଧା ଭକ୍ତି। ଯେଉଁ ଜାତିର ରାଜା ରାଜପଣର ଗର୍ବ ଅପେକ୍ଷା ଦେବତାର ସେବକ ହେବାରେ ଅଧିକ ଗୌରବ ଅନୁଭବ କରନ୍ତି,ସେ ହିଁ ଓଡ଼ିଆ ଅସ୍ମିତା ଲଢ଼େଇର ମହାନାୟକ। ଯେଉଁ ଜାତିର ଦେବତା ମନ୍ଦିର ତ୍ୟାଗ କରି ବରଣ କରି ନିଅନ୍ତି ମାନବୀୟ ଦୁର୍ଭାଗ୍ୟ, ସେହି ଜାତିର ପ୍ରେମଭକ୍ତିର ସମର୍ପଣ ତଥା ନିଛକ ଆନ୍ତରିକତାର ଆଖ୍ୟାନ ହେଉଛି 'ନୀଳଶୈଳ'। ସମଗ୍ର ଭାରତୀୟ ସାହିତ୍ୟର ଏକ ମହାର୍ଘ ସୃଷ୍ଟି। ■

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

## ପୁସ୍ତକ ପରିଚୟ

### ଅନ୍ତରଙ୍ଗ ଆକାଶ

ସୁରେଶ ସାଗର





ପଶ୍ଚିମା ପବ୍ଲିକେଶନ୍
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର-୧୨
ପ୍ରଥମ ପ୍ରକାଶ : ୨୦୧୮
ମୂଲ୍ୟ: ୯୦ ଟଙ୍କା

ଜୀବନରେ ଦୁଃଖ ଅଛି, ବେଦନା ଅଛି। ତଥାପି ଜୀବନର ସ୍ୱାଦ ନିଆରା। କାରଣ ଜୀବନରେ ରହିଛି ଅନେକ ସମ୍ଭାବନା। ତେଣୁ କବି ସ୍ୱପ୍ନ ଦେଖେ ଜୀବନକୁ ନେଇ। ନୂତନ ସୂର୍ଯ୍ୟୋଦର ସମ୍ଭାବନାକୁ ନେଇ। ଜୀବନର ଏମିତି କିଛି ବାସ୍ତବତା ଓ ସୂକ୍ଷ୍ମ ଅନୁଭବ ବେଶ୍ ମାର୍ମିକ ଭାବେ ଫୁଟି ଉଠିଛି ସୁରେଶ ସାଗରଙ୍କ 'ଅନ୍ତରଙ୍ଗ ଆକାଶ' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ମୋଟ ୩୨ଟି କବିତା ସଂକଳିତ ହୋଇଛି। ଭିକ୍ଷୁକ, ମୁକୁଳେଇ ନିଅ, ଅନ୍ତରଙ୍ଗ ସ୍ୱର, ମାଇଲ ଖୁଣ୍ଟ, ବର୍ଷା: ବସୁମତୀ, ହାଟ ବିଚାର, ଲାଜ, ସମୁଦ୍ର, ଭୋକ, କଳାହାଣ୍ଡି, ନିଖୋଜ ଲୁହ, ବଙ୍କୁଲି ବାଡ଼ି, ଖଣ୍ଡ ପ୍ରଳୟ, ବାଟୋଇ, ମଳାଜହ୍ନ ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ପ୍ରତିଟି କବିତାରେ ରହିଛି ଜୀବନମୟତା। ଜୀବନକୁ ଭୋଗ କରିବାର ପ୍ରବଣତା। ଜୀବନରେ ସୁଖ, ଦୁଃଖ, ଯନ୍ତ୍ରଣା, ଅଶ୍ରୁ, ଆନନ୍ଦର ଗଭୀର ଅନୁଭବକୁ ଉପଲବ୍ଧି କରିହୁଏ ଏହି ପୁସ୍ତକର କବିତାଗୁଡ଼ିକରେ। ସେହିପରି ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ଅତି ଜୀବନ୍ତ ଭାବେ ପ୍ରସ୍ଫୁଟିତ ହୋଇ ଉଠିଛି। 'ଅନ୍ତରଙ୍ଗ ଆକାଶ'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ସ୍ଥିତପ୍ରଜ୍ଞ

ଦିଲ୍ଲୀପ ଦାଶଶର୍ମା





ଉତ୍କଳ ସମ୍ମିଳନୀ, ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା
ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର-୧୦
ମୂଲ୍ୟ: ୧୦୦ ଟଙ୍କା

ଦିଲ୍ଲୀପ ଦାଶଶର୍ମା ଏକାଧାରରେ ଜଣେ ଲେଖକ, ସଂପାଦକ, ସମାଜସେବୀ ଓ ସଂଗଠକ ଭାବେ ପରିଚିତ। ବିଭିନ୍ନ ଅନୁଷ୍ଠାନ ସହିତ ସେ ଜଡ଼ିତ। ବିଶେଷ କରି ଭୁବନେଶ୍ୱରସ୍ଥିତ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖାର ପ୍ରଥମ ସଭାପତି ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଛନ୍ତି। ବିଭିନ୍ନ ଅନୁଷ୍ଠାନ ସହିତ କାମ କରିବା ବେଳେ ନିଜର ବ୍ୟକ୍ତିଗତ ଅନୁଭୂତି ଓ ଅନୁଭବକୁ ନେଇ ସେ ରଚନା କରିଛନ୍ତି 'ସ୍ଥିତପ୍ରଜ୍ଞ' ପୁସ୍ତକ। ଆନୁଷ୍ଠାନିକ, ସାମାଜିକ ଓ ବ୍ୟକ୍ତିଗତ ଜୀବନର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏହି ପୁସ୍ତକରେ ଲେଖକ ଶ୍ରୀଯୁକ୍ତ ଦାଶଶର୍ମା ଲିପିବଦ୍ଧ କରିଛନ୍ତି। ଏହି ଆତ୍ମଜୀବନୀ ମୂଳକ ପୁସ୍ତକରେ 'ଗାଁରେ ଯୁବକ ସଂଘ ଗଠନ', 'ରାଜ୍ୟ ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ ଗଠନ', 'ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ଗଠନ', 'ଉତ୍କଳ ପ୍ରଭାତ ପୁସ୍ତକର ପ୍ରଥମ ପ୍ରକାଶନ', 'ରେଡକ୍ରସ୍‌ର ନାମ ହିଁ ଯଥେଷ୍ଟ' ଆଦି ପ୍ରସଙ୍ଗରେ ନିଜର ବ୍ୟକ୍ତିଗତ ଜୀବନ ଓ ସାଂଗଠନିକ କାର୍ଯ୍ୟ ସଂପର୍କରେ ଲେଖକ ବର୍ଣ୍ଣନା କରିଛନ୍ତି। ଆତ୍ମଜୀବନୀ ମୂଳକ ଏହି ପୁସ୍ତକଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ତୁମେ ହିଁ ନୀଳମଣି

ସଂପାଦନା: ପୀତାମ୍ବର ମହାପାତ୍ର



ଆଷାଢ଼
ଆନନ୍ଦ ବଜାର, ହନୁମନ୍ତ ବ୍ରହ୍ମପୁର
ଜଗତସିଂହପୁର
ପ୍ରଥମ ସଂସ୍କରଣ: ୨୦୨୬

ବିଶିଷ୍ଟ ସାମ୍ବାଦିକ ତଥା ଲେଖକ ନୀଳମଣି ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ 'ବହୁମୁଖୀ ପ୍ରତିଭାର ଉଜ୍ଜ୍ୱଳମଣି: ତୁମେ ହିଁ ନୀଳମଣି' ସ୍ମରଣିକା ପ୍ରକାଶ ପାଇଛି। ପୀତାମ୍ବର ମହାପାତ୍ରଙ୍କ ସଂପାଦନାରେ ପ୍ରକାଶିତ ଏହି ସ୍ମରଣିକାରେ ସ୍ୱର୍ଗତ ନୀଳମଣିଙ୍କ ଜୀବନ, ବୃତ୍ତି, କୃତି, ବ୍ୟକ୍ତିତ୍ୱ ଆଦି ସଂପର୍କରେ ଆଲୋଚନା କରାଯାଇଛି। ସ୍ୱର୍ଗତ ସାହୁ ଏକାଧାରରେ ଥିଲେ ଜଣେ ନିର୍ଭିକ ଓ ସତ୍ୟନିଷ୍ଠ ସାମ୍ବାଦିକ, କବି, ଲେଖକ, ସ୍ତମ୍ଭକାର। ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ ରଚିତ କବିତା, ପ୍ରବନ୍ଧ, ଫିଚର୍ ଆଦି ପ୍ରକାଶିତ ହୋଇ ବେଶ୍ ପାଠକୀୟ ଆଦୃତି ଲାଭ କରିଛି। ବାବା ଅରକ୍ଷିତ ଦାସ, ଡକ୍ଟର ଅଜୟ କୁମାର ମିଶ୍ର, ପ୍ରାଧ୍ୟାପକ ଦୁର୍ଗାଚରଣ ଆଚାର୍ଯ୍ୟ, ଡକ୍ଟର ଶ୍ରୀଚରଣ ଦାସ, ପ୍ରଶାନ୍ତ ମୁଦୁଲି, ରବି ନାରାୟଣ ଜେନା, ଡକ୍ଟର ଅରବିନ୍ଦ ରାୟ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ସ୍ମୃତିଚାରଣ କରିଛନ୍ତି। ଜଣେ ସରଳ, ନମ୍ର ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଭାବେ ସେ ଜଣାଶୁଣା ଥିଲେ। ଏଥିରେ ପ୍ରକାଶିତ ଲେଖାଗୁଡ଼ିକରେ ଲେଖକମାନେ ସ୍ୱର୍ଗତ ସାହୁଙ୍କ ବ୍ୟକ୍ତିତ୍ୱ ଓ ପ୍ରତିଭାର ବିଭିନ୍ନ ଉପରେ ଆଲୋକପାତ କରିଛନ୍ତି। ■

## ୧୦ ଦଫା ଦାବିରେ ଆନ୍ଦୋଳନ ଚେତାବନୀ ଦେଲା ଓମସା

# ୩୦ ସୁଦ୍ଧା ଦାବି ପୂରଣ ନହେଲେ ୧ରେ କାର୍ଯ୍ୟବନ୍ଦ

## ମାଲକାନଗିରିରେ ଡାକ୍ତରଙ୍କୁ ଆକ୍ରମଣ ପ୍ରତିବାଦ, ବୁଧବାର ଘଣ୍ଟାକ ପାଇଁ ବନ୍ଦ ରହିବ ଓପିଡି ସେବା

ଭୁବନେଶ୍ୱର,୨୦।୬(ସମିସ): ଆସନ୍ତା ଜୁଲାଇ ୧ ତାରିଖରେ ରାଜ୍ୟବ୍ୟାପୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) । ଆସନ୍ତା ଜୁନ୍ ୩୦ ତାରିଖ ମଧ୍ୟରେ ଦାବି ପୂରଣ ନହେଲେ ଜୁଲାଇ ୧ରେ ୧୦ ଦଫା ଦାବିରେ ଓମସା ପକ୍ଷରୁ ଦିନକ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ । ଏହାର ମାସକ ମଧ୍ୟରେ ଯଦି ସରକାର ସମସ୍ତ ଦାବି ପୂରଣ ନକରନ୍ତି, ତାହେଲେ ରାଜ୍ୟର ସମସ୍ତ ଡାକ୍ତର ସମୂହ ଇସ୍ତଫା ପ୍ରଦାନ ପରି ଚରମ ନିଷ୍ପତ୍ତି ନେବେ ବୋଲି ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି ।

ଶନିବାର ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଡାକ୍ତର ମିଶ୍ର କହିଛନ୍ତି ଯେ ଗତ ଜାନୁଆରୀରେ ୯ ତାରିଖରେ ସରକାରଙ୍କ ସହ ଓମସା ଶେଷଥର ପାଇଁ ଆଲୋଚନା କରିଥିଲା । ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ୩ ମାସ ମଧ୍ୟରେ ଓମସାର ସମସ୍ତ ଦାବି ପୂରଣ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଇତିମଧ୍ୟରେ ୫ ମାସ ପୂରଣ ହୋଇ ୬ ମାସ ଚାଲିବାକୁ ଆରମ୍ଭ ହୋଇଥିଲେ ହେଁ ସରକାର ଦାବି ପୂରଣ କଲେନାହିଁ । ଏହାର ପ୍ରତିବାଦରେ ଆସନ୍ତା ଜୁଲାଇ ପହିଲାରେ ଦିନକ ପାଇଁ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ରଖାଯିବ । ଏହାସହ ସରକାରଙ୍କୁ ଆଉ ଏକ ମାସ ମହଲତ ଦିଆଯିବ । ଏହାସତ୍ତ୍ୱେ ସରକାର ଯଦି ଦାବି ପୂରଣ ନକରନ୍ତି, ତାହେଲେ ସମସ୍ତ ଡାକ୍ତର ସମୂହ ଇସ୍ତଫା ଦେବେ ବୋଲି ଡାକ୍ତର ମିଶ୍ର ଚେତାବନୀ ଦେଇଛନ୍ତି । ସେହିପରି ମାଲକାନଗିରି ଜିଲ୍ଲା କାର୍ଯ୍ୟାଳୟରେ ଜଣେ ଡାକ୍ତରଙ୍କୁ ଆକ୍ରମଣ ପ୍ରତିବାଦରେ ସାରା ରାଜ୍ୟରେ ଘଣ୍ଟିକିଆ ଓପିଡି ବନ୍ଦ କରାଯିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଗତ ଜାନୁଆରୀ ମାସ ପ୍ରାରମ୍ଭରେ ଓମସା ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ଆରମ୍ଭ ହୋଇଥିଲା । ଏପରିକି ରାଜ୍ୟ ସରକାର ଜାନୁଆରୀ ୬ ତାରିଖରେ ଡାକ୍ତରଙ୍କ ଆନ୍ଦୋଳନ ବିରୋଧରେ ଏସ୍‌ମା ଲଗାଇଥିଲେ । ପରେ ଜାନୁଆରୀ ୮ ତାରିଖରେ ଏନେଇ ଏକ ବୈଠକ ହୋଇଥିବା ବେଳେ ଏଥିରେ ସମାଧାନର ରାସ୍ତା ବାହାରିଥିଲା । ଡାକ୍ତରଙ୍କ ଦାବି ପୂରଣ ପାଇଁ ସରକାର ଏକ କମିଟି ଗଠନ କରିଥିବା ବେଳେ ଦାବି ପୂରଣ ନେଇ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା । ମାତ୍ର ଏହା ଏଯାବତ୍ ପୂରଣ ହୋଇନଥିବବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ସଂଘର ୧୦ ଦଫା ଦାବି ମଧ୍ୟରେ ଡାକ୍ତରଙ୍କୁ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳ, ସରକାରୀ କ୍ୱାର୍ଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ଅନ୍ତର୍ଭୁକ୍ତ ରହିଛି ।


### ଘୋଷଣା ନାମା

ମୁଁ ସସ୍ମିତା ମହାପାତ୍ର, ସ୍ୱାମୀ- ମନୋଜ କୁମାର ମହାପାତ୍ର, ବାସସ୍ଥାନ- ଗୋପାଳପୁର, ପୋ- କାଲଦାଲ, ଥାନା- ଯାଜପୁର, ଜିଲ୍ଲା- ଯାଜପୁର, ଓଡ଼ିଶା ଏହିଠାରେ ଘୋଷଣା କରୁଛି କି ମୁଁ ଗତ ୧୮/୦୧/୨୦୨୬ ଦିନ ୧.୩୦ ସମୟରେ ବାଇକ ଯୋଗେ ଯାଜପୁର ରୁ ଭୁବନେଶ୍ୱର ଯାଉଥିବାବେଳେ ବାଟରେ ମୋ ପାଖରେ ଥିବା ଅସଲ ପଞ୍ଜିକୃତ ଦଲିଲ ନଂ ୧୦୭୮୨୧୦୦୦୭୫ ତା ୧୧/୦୧/୨୦୧୧, ମଉଜା ଅହ୍ଲା, ଖାତା ନଂ ୧୧୫, ପ୍ଲଟ ନଂ ୨୮୮୫ କାଗଜ ଗୁଡିକ ଜିବା ସମୟରେ କେଉଁଠାରେ ହଜିଯାଇ ଅଛି । କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ସସ୍ମିତା ମହାପାତ୍ର ମୋବାଇଲ ନଂ - ୯୪୩୭୭୫୩୮୬୭, କିମ୍ବା ଆଡ୍‌ ଭୋକେଟ ଦିପ୍ତି ରଞ୍ଜନ ଦଲାଇ ମୋବାଇଲ ନଂ ୭୦୦୮୪୭୪୮୬୧ ରେ ଜଣାଇବାକୁ ଅନୁରୋଧ ।



### AFFIDAVIT

By virtue of an affidavit (CF No. 04, date: 17/06/2026) sworn before The Executive Magistrate, Padampur. I, Khageswar Suna(new name), S/o - Sadhu Suna, Permanent & current resident of AT: Sargipali, PO: Dahita, PS: Buden, Dist: Bargarh, PIN: 768036, State: Odisha declare that I have changed my name from Khage Suna to Khageswar Suna. Henceforth, I shall be known as **Khageswar Suna** (new name) for all purposes.



### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 968, dated 18-06-2026, I, JAGESWAR BHATRA, S/o - Budu Bhatra, Permanent Resident of Village - Bhandri, PO - Kukudisemla, PS - Kodinga, Dist - Nabarangpur, Odisha, Pin - 764061, declare that I have changed the name of my SON from MONAHARA BHATRA to LAKUNATH BHATRA. Henceforth, he shall be known as **LAKUNATH BHATRA** for all purposes.

**Sd/- Jageswar Bhatra**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ପୂର୍ବୋଦୟର...

ଦୁଇଟି ପ୍ରମୁଖ ରେଳ ଭିତ୍ତିଭୂମି ପ୍ରକଳ୍ପ ଯଖପୁର-ଯାଜପୁର କେନ୍ଦୁଝର ରୋଡ୍/ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ଓ ହିଣ୍ଡୋଳ ରୋଡ୍/ମେରାମଣ୍ଡଳି ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ ଉଦଘାଟନ କରିଥିଲେ ।

ନିଜ ଅଭିଭାଷଣରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜ ଜନ୍ମମାଟି ଓଡ଼ିଶା ଓ ମୟୂରଭଞ୍ଜର ବିକାଶ ପାଇଁ ଆନନ୍ଦ ବ୍ୟକ୍ତ କରିଥିଲେ । ସେ ନିଜ ଗ୍ରାମ ପାହାଡ଼ପୁରର ଏସଏଲସି ଟ୍ରଷ୍ଟ ବିଦ୍ୟାଳୟ ପରିଦର୍ଶନର ସ୍ମୃତିଚାରଣ କରି ଶିକ୍ଷା ଓ ପ୍ରଶିକ୍ଷଣ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ମୟୂରଭଞ୍ଜ ପାଇଁ ନୂତନ ଉପହାର ସ୍ୱରୂପ ରାଇରଙ୍ଗପୁରରେ ଏକ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଜନଜାତୀୟ ଗବେଷଣା ଓ ବିକାଶ କେନ୍ଦ୍ର, ଇଗ୍ନୋର ଆଞ୍ଚଳିକ କେନ୍ଦ୍ର, ଇଣ୍ଡୋର ବ୍ୟାଡମିଣ୍ଟନ ଷ୍ଟାଡିୟମ, ଆୟୁର୍ବେଦ ହସ୍ପିଟାଲ ଓ କଲେଜ ସହିତ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାର ଶିଳାନ୍ୟାସ ଓ କାର୍ଯ୍ୟ ଚାଲିଥିବା ସେ ପ୍ରକାଶ କରିଥିଲେ । ଏଥିସହିତ ମୟୂରଭଞ୍ଜ ଜିଲ୍ଲାର ବୃହତ ଆକାରକୁ ଦୃଷ୍ଟିରେ ରଖି ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ପାଇଁ ଏକ ସ୍ୱତନ୍ତ୍ର ରାଇରଙ୍ଗପୁର ପୁଲିସ ଜିଲ୍ଲାର ଶୁଭାରମ୍ଭ କରାଯାଇଥିବା ସେ ଘୋଷଣା କରିଥିଲେ । ଆଦିବାସୀ ସମାଜକୁ ଜଳ, ଜଙ୍ଗଲ, ଜମି ଓ ପ୍ରକୃତିର ପ୍ରକୃତ ପୂଜାରୀ ବୋଲି ବର୍ଣ୍ଣନା କରି ସେ ଆଗାମୀ ପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀ ଛାଡ଼ିଯିବାକୁ ଓ ପ୍ରକୃତିର ସୁରକ୍ଷା କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।

ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ପୂର୍ବ ଭାରତର ବିକାଶ ବିନା ଦେଶର ସାମଗ୍ରିକ ବିକାଶ ଅସମ୍ଭବ । ଓଡ଼ିଶା ଏହି ପ୍ରଗତିର ମୁଖ୍ୟ ପ୍ରବେଶ ଦ୍ୱାର । ଆଦିବାସୀ ସଂସ୍କୃତି ପ୍ରତି ସମ୍ମାନ ଜଣାଇ ସେ ସାନ୍ତାଳୀ ଭାଷା ଓ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁ, ଡକ୍ଟର ଦମୟନ୍ତୀ ବେସ୍ରା, ଶ୍ରୀଚରଣ ହେମ୍ବ୍ରମଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କୁ ପ୍ରଣାମ ଜଣାଇବା ସହ କେନ୍ଦ୍ର ସରକାର ସାନ୍ତାଳୀ ଭାଷାରେ ସମ୍ବିଧାନ ପ୍ରସ୍ତୁତ କରିଥିବା କଥା ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଗରିବ କଲ୍ୟାଣ ଯୋଜନାରେ ସାମାନ୍ୟ ଭାବେ ମଣିଷର ଜୀବନଜୀବିକା ବଦଳୁଛି । ଓଡ଼ିଶାର ଆର୍ଥିକ ଗତିବିଧି, ନିବେଶ ଓ ଉଦ୍ୟୋଗକୁ ଆକର୍ଷିତ କରିବାର ନଜର ହେଉଛି । ପୂର୍ବ ଭାରତର ବିକାଶରେ ଭାରତର ବିକାଶ ଲକ୍ଷ୍ୟ ରଖି କେନ୍ଦ୍ର ସରକାର ପୂର୍ବ ଭାରତର ବିକାଶ କରୁଛନ୍ତି । ଯେଉଁ ପୂର୍ବ ଭାରତକୁ କଂଗ୍ରେସ ସମୟରେ ପଛୁଆ ବର୍ଗ ଭାବେ ପରିଣତ କରାଯାଇଥିଲା; ଏବେ ତାହା ପ୍ରଗତୀର ପ୍ରବେଶ ଦ୍ୱାରା ସୃଷ୍ଟି କରାଯାଇଛି । ଏହି ପରିବର୍ତ୍ତନରେ ଓଡ଼ିଶା ସାକ୍ଷୀ ହୋଇଛି । ଓଡ଼ିଶାରେ ସମୁଦ୍ର, ଖଣିଜ ସମ୍ପଦ, କୃଷି ଓ ଯୁବ ପ୍ରତିଭାର ପୂର୍ଣ୍ଣ ବିକାଶ ପାଇଁ ମିଳିମିଶି କାର୍ଯ୍ୟ କରାଯାଉଛି । ବିଜୁଳି, ରେଳ ପ୍ରକଳ୍ପ, ନୂଆ ସଡ଼କ, ଆର୍ଥିକ କରିଡର ତିଆରି ହେବା ସହ ବିସ୍ତାର ହେଉଛି । ଓଡ଼ିଶାର ପର୍ଯ୍ୟାପ୍ତ ସମ୍ବଳକୁ ସମ୍ଭାବନାରେ ପରିଣତ କରାଯାଉଛି । ଓଡ଼ିଶାକୁ ବଡ଼ ନିବେଶ ଆସିବା ଓ ଉଦ୍ୟୋଗ ସୃଷ୍ଟି ପାଇଁ ଉତ୍ତର ଓଡ଼ିଶାରୁ ବଡ଼ ଅଭିଯାନ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୨୦ ଲକ୍ଷ କୋଟି ନିବେଶ ପ୍ରସ୍ତାବ ମିଳିସାରିଛି । ସାଢେ ୩ ଲକ୍ଷ କୋଟି ଟଙ୍କାର ଅନେକ ମେଗା ଯୋଜନାର କାର୍ଯ୍ୟ ଜାରି ରହିଛି । ଉଦ୍ୟୋଗ ପାଇଁ ଅନୁକୂଳ ବାତାବରଣ ପାଇଁ ଓଡ଼ିଶାର ସାମଗ୍ରିକ ବିକାଶ ପ୍ରତି ଧ୍ୟାନ ଦିଆଯାଉଛି । ପାୱାର ସେକ୍ଟର ପାଇଁ ୬ ହଜାର କୋଟି ଟଙ୍କା ନିବେଶ କରାଯାଉଛି । ସହରୀ ଯୋଜନାରେ ସହରୀବିକାଶ କରାଯାଉଛି । ଡବଲଇଞ୍ଜିନ ସରକାରରେ ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ଗୁରୁତ୍ୱ ଦିଆଯାଉଛି । ଏହି ଅବସରରେ ମଞ୍ଚରୁ ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ଆନ୍ତରିକ ଶୁଭକାମନା ଜଣାଇ କହିଥିଲେ, ଆଜି ରାଷ୍ଟ୍ରପତିଙ୍କ ସଫଳ ସଂଘର୍ଷ ଓ ଶୀର୍ଷ ସ୍ଥାନକୁ ଦେଖି ଦେଶର ପ୍ରତିଟି ଶିଶୁ ଓ ବଞ୍ଚିତ ଶ୍ରେଣୀର ଲୋକେ ବଡ଼ ହେବାର ସ୍ୱପ୍ନ ଦେଖୁଛନ୍ତି । ଏଥିସହ ଜନଜାତି ଗୌରବକୁ ସମ୍ମାନ ଜଣାଇ ଆମ ସରକାର ସାନ୍ତାଳୀ ଭାଷାରେ ଭାରତୀୟ ସମ୍ବିଧାନର ଏକ ସ୍ୱତନ୍ତ୍ର ସଂସ୍କରଣ ପ୍ରସ୍ତୁତ କରିଛନ୍ତି, ଯାହା ଆଦିବାସୀ ସମାଜ ପାଇଁ ଏକ ବଡ଼ ସମ୍ମାନ କହିଥିଲେ । ପ୍ରଧାନମନ୍ତ୍ରୀ ଓଡ଼ିଶାରେ ଚାଲିଥିବା 'ସ୍ୱଚ୍ଛତା ଅଭିଯାନ'କୁ ମଧ୍ୟ ଉଚ୍ଚ ପ୍ରଶଂସା କରିବା ସହ ସ୍ୱଚ୍ଛତା ଅଭିଯାନରେ ଯୋଡ଼ି ହୋଇଥିବା ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ ଅଭିଭାଷଣରେ ରାଷ୍ଟ୍ରପତିଙ୍କ ୬୮ତମ ଜନ୍ମଦିନ ପଡୁଥିବାରୁ ମଞ୍ଚରେ ତାଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ସମ୍ମାନ ଜ୍ଞାପନ କରିଥିଲେ । ଶ୍ରୀ ମାଝୀ ଓଡ଼ିଶାର ଦୁଇବର୍ଷର ସଫଳତା ଓ କେନ୍ଦ୍ର ସରକାରଙ୍କ ଅକୁଣ୍ଠ ସହଯୋଗର ଏକ ବିସ୍ତୃତ ଚିତ୍ର ଉପସ୍ଥାପନ କରିଥିଲେ । ଭିତ୍ତିଭୂମି ବିକାଶରେ ରାଜ୍ୟରେ ଏକ ଦ୍ୱିତୀୟ ଶିଳ୍ପ ବିପ୍ଳବ ଚାଲିଛି । ଯେଉଁଥିରେ କେନ୍ଦ୍ର ପକ୍ଷରୁ ୯୦,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ ଓ ୪୦,୦୦୦ କୋଟି ଟଙ୍କାର ସଡ଼କ ପ୍ରକଳ୍ପ ମିଳିଛି । ଏଥିସହ ଭଦ୍ରକ, ଗଞ୍ଜାମ ଅଞ୍ଚଳରେ ବାହୁଦା ବନ୍ଦର ପାଇଁ ୨୫,୦୦୦ କୋଟି, ଆଇଓସିଏଲ ପକ୍ଷରୁ ପେଟ୍ରୋକେମିକାଲ୍ସ ପ୍ରକଳ୍ପ ପାଇଁ ୮୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହେଉଛି, ଯାହା ମୋଟ ୩.୧୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୨.୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହାବ୍ୟତୀତ ପିଏମ ଜନମନ ଯୋଜନା ଜରିଆରେ ପଛୁଆ ଜନଜାତି ଗ୍ରାମର ବିକାଶ, ଦେଶରେ ୫୦୦ରୁ ଅଧିକ ଏକଲବ୍ୟ ମଡେଲ ବିଦ୍ୟାଳୟ ପ୍ରତିଷ୍ଠା, ସିକଲ୍ ସେଲ୍ ଏନିମିଆ ରୋଗର ନିରାକରଣ ପାଇଁ ୪ କୋଟିରୁ ଅଧିକ ହେଲଥ୍ କାର୍ଡ ବଣ୍ଟନ କରାଯାଇଥିବା ସେ ସୂଚନା ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା, ରାଜ୍ୟସଭା ସାଂସଦ ମନମୋହନ ସାମଲ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ପାତ୍ର, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଉପସ୍ଥିତ ଥିବାବେଳେ ସଭାରେ ବାଚସ୍ପତି, ରାଜ୍ୟର ବହୁ ମନ୍ତ୍ରୀ ଓ ବିଧାୟକ ଯୋଗଦେଇଥିଲେ ।

### ସରକାରଙ୍କ ବର୍ଷପୂର୍ତ୍ତିରେ...

ସ୍ୱୀକାର ନ କରି ସାଧାରଣ ଉତ୍ତେଜନାମୂଳକ ଅପରାଧ ବୋଲି ବିବେଚନା କରୁଛି । ଯାହାଫଳରେ ଆଇନକୁ ଚ୍ୟାଲେଞ୍ଜ କରି ସ୍ୱଷ୍ଟ ଦିବାଲୋକରେ ଅପରାଧ ଘଟାଉଥିବା ଦୁର୍ବୃତ୍ତମାନେ ଉପଯୁକ୍ତ ଦଣ୍ଡ ନ ପାଇ ଅନାୟାସରେ ଖସିଯିବାରେ ସକ୍ଷମ ହେଉଛନ୍ତି । ରାଜ୍ୟର ଏ ପ୍ରକାର ସ୍ଥିତିକୁ ନେଇ ଓଡ଼ିଶା ଆଜି ସାରା ଦେଶରେ ବଦନାମ୍ ମୁଣ୍ଡାଉଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

ଘଟଣାକୁ ନେଇ ସୁମନ ଗଣମାଧ୍ୟମ ଆଗରେ ଘଟିଥିବା ସମସ୍ତ ବିଷୟରେ ପ୍ରକାଶ କରିଥିବା ବେଳେ ସେମାନେ ଲୋକଙ୍କ ପାଇଁ କାମ କରିବାକୁ ଆସିଛନ୍ତି, ପିଲା ଚୋର ଭଳି କୌଣସି ଅପରାଧରେ ସମ୍ପୃକ୍ତ ନ ଥିବା କୋହ ଭରା କଣ୍ଠରେ କହିଥିଲେ । ଘଟଣାକୁ ନେଇ କଲ୍ୟାଣସିଂହପୁର ଥାନାରେ ମୋଟ ଚାରିଟି ମାମଲା ରୁଜୁ ହୋଇଥିବା ବେଳେ ପ୍ରାରମ୍ଭିକ ତଦନ୍ତରୁ ୪୦ରୁ ୫୦ ଜଣ ବ୍ୟକ୍ତି ଏହି ଆକ୍ରମଣରେ ସମ୍ପୃକ୍ତ ଥିବା ଜଣାପଡ଼ିଛି । ସିସିଟିଭି ଫୁଟେଜ, ଭିଡିଓ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ପୁଲିସ ପୂର୍ବରୁ ୧୬ ଜଣଙ୍କୁ ଗିରଫ କରିଥିବା ବେଳେ ଗତ କାଲି ଶୁକ୍ରବାର ପୁଣି ମାମଲାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବର୍ତ୍ତମାନ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଉଥିବା ବେଳେ ଭିଡ଼ ହିଂସାରେ ସମ୍ପୃକ୍ତ ଥିବା ଅନେକ ଗାଁର ପୁରୁଷମାନେ ଏବେ ପୁଲିସ ଗିରଫ ଭୟରେ ଗାଁରେ ରହୁ ନ ଥିବା ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି । ତେବେ ସମସ୍ତ ଦୋଷୀଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାୟଗଡ଼ ଏସଡିପିଓ ଗୌରହରୀ ସାହୁ ସୂଚନା ଦେଇଛନ୍ତି । ଏସପି ରାଜପ୍ରସାଦ ମଧ୍ୟ କହିଛନ୍ତି ଯେ ଘଟଣାର ସମସ୍ତ ଦିଗକୁ ଗୁରୁତ୍ୱର ସହ ତଦନ୍ତ କରାଯାଉଛି । କୌଣସି ଅଭିଯୁକ୍ତଙ୍କୁ ଛଡାଯିବ ନାହିଁ ଏବଂ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯିବ । ଆଗକୁ ଗିରଫଦାରୀ ସଂଖ୍ୟା ବଢିବ ବୋଲି ସେ କହିଛନ୍ତି ।

### ଓଡ଼ିଶା ବିଚଳିତ...

ଘଟିଥିବା ବିଭତ୍ସ, ନାରକୀୟ କାଣ୍ଡ ମାନବିକତା ଏବଂ ଆମ ଅସ୍ମିତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ସରକାର ତୁରନ୍ତ ତତ୍ପରତାର ସହ କାର୍ଯ୍ୟାନୁଷ୍ଠାନ ନେବା ଦରକାର । କାହିଁକି ଓଡ଼ିଶାର ଛବି କଳୁଷିତ ହେବାକୁ ଛାଡ଼ି ଦିଆଯାଇଛି? ଏ ସରକାର, ଏ ପୁଲିସ ପ୍ରଶାସନ ଏତେ ଅସହାୟ କ'ଣ ପାଇଁ? ସମସ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରିବା କ'ଣ ଏ ସରକାରଙ୍କ ଉତ୍ତରଦାୟିତ୍ୱ ନୁହେଁ କି? ସମ୍ବେଦନଶୀଳ ଘଟଣାରେ ସରକାରଙ୍କ ଷ୍ଟାଣୁତା ଓ ଅସମ୍ଭବ ନୀରବତା ଏପରି ବିଭତ୍ସ କାଣ୍ଡ ଘଟିବାକୁ ପ୍ରଶ୍ରୟ ଦେଉନାହିଁ କି ବୋଲି ନବୀନ ପ୍ରଶ୍ନ କରିଛନ୍ତି । ନାରୀ ନିର୍ଯାତନା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହେଉଥିବା ବେଳେ ସରକାର କେଉଁ ମୁହଁରେ 'ବିକାଶର ଧାରା ଓଡ଼ିଶା ସାରା' କହି ଉତ୍ସବରେ ମାତିଛନ୍ତି? ସରକାର ତୁରନ୍ତ କଠୋରରୁ କଠୋର ପଦକ୍ଷେପ ଗ୍ରହଣ କରି ରାଜ୍ୟରେ ମା' ଭଉଣୀଙ୍କ ସୁରକ୍ଷା ଓ ଆଇନଶୃଙ୍ଖଳା ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି ।

### ଚାଲିଗଲା ଶିଶୁ...

ସ୍ଥାନାନ୍ତର କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁର ମୃତ୍ୟୁ ଘଟିଛି । ଏହି ଘଟଣା ପରେ ଉତ୍ତ୍ୟକ୍ତ ପରିବାର ଲୋକ ଓ ସ୍ଥାନୀୟ ବାସିନ୍ଦା ଧର୍ମଗଡ଼ ମେଡିକାଲ ଛକରେ ଶବ ରଖି ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି । ଯାହାଫଳରେ ରାସ୍ତାର ଦୁଇ ପାଖରେ ଗାଡ଼ି ମୋଟର ଅଟକି ରହିବା ସହ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ମୃତକଙ୍କ ପରିବାରକୁ କୌଣସି କ୍ଷତିପୂରଣ ଦାବି ନ କରି ଧର୍ମଗଡ଼ସ୍ଥିତ ରକ୍ତଭଣ୍ଡାର ଶୀଘ୍ର କାର୍ଯ୍ୟକ୍ଷମ କରିବା ଦାବିରେ ଅଡ଼ି ବସିଛନ୍ତି । ଘଟଣାସ୍ଥଳରେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭର୍ସିଥା ଆଡେପ୍ପୁ, ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନ ପହଞ୍ଚି ପରିବାର ଓ ଲୋକଙ୍କୁ ବୁଝାସୁଝା କରିବା ସହ ଆଲୋଚନା କରିଛନ୍ତି । ୨ଦିନ ମଧ୍ୟରେ ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ ହେବା ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଥିଲା ।

### ପାଗ ଭିଡୁଛି...

ହେବା ପାଇଁ ପାଗ ଅନୁକୂଳ ହେବାର ସମ୍ଭାବନା ରହିଛି । ବର୍ତ୍ତମାନ ମୌସୁମୀ ଓଡ଼ିଶା ଛୁଇଁଥିଲେ ମଧ୍ୟ ଏହାର ପ୍ରଭାବ ପୂର୍ଣ୍ଣ ଭାବେ ଦେଖାଯାଉନାହିଁ । ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରୁଥିବା ବେଳେ ଗରମ ଓ ଆର୍ଦ୍ରତା ଜନିତ ସ୍ଥିତି ଲାଗି ରହୁଛି । ତେବେ ୨୩ ତାରିଖ ପରେ ମୌସୁମୀ ସକ୍ରିୟ ହେବା ପରେ ଆକାଶରେ ମେଘ ବଢ଼ିବ ଏବଂ ବିଜୁଳି, ଘଡ଼ଘଡ଼ି ସହ ଭାରି ବର୍ଷା ଆରମ୍ଭ ହେବାର ସମ୍ଭାବନା ରହ÷ଛି । ଗତ ଦୁଇ ଦିନ ଧରି ରାଜ୍ୟ ଉପରେ ଟ୍ରଫଲାଇନ ସକ୍ରିୟ ରହିବା କାରଣରୁ ଏହା ମୌସୁମୀକୁ ପ୍ରଭାବିତ କରୁଛି । ତେବେ ମୌସୁମୀ ନିମ୍ନ ଚାପରେଖା ସ୍ୱାଭାବିକ ଅବସ୍ଥାରେ ନ ଥିବା ହେତୁ ସମଗ୍ର ଓଡ଼ିଶାରେ ଏହି ବର୍ଷାର ପରିମାଣ ଦେଖିବାକୁ ମିଳୁନାହିଁ । ୨୪ ବେଳକୁ ମୌସୁମୀ ନିମ୍ନ ଚାପରେଖା ସ୍ୱାଭାବିକ ସ୍ଥିତିକୁ ଫେରିବା ପରେ ବର୍ଷା ବଢ଼ିବ ବୋଲି ଆକଳନ କରାଯାଉଛି । ଅନ୍ୟପଟେ ଆସନ୍ତା ଜୁଲାଇ ପ୍ରଥମ ସପ୍ତାହ ଅର୍ଥାତ ୧ କିମ୍ବା ୨ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାଦ୍ୱାରା ମୌସୁମୀ ବାୟୁ ଅତ୍ୟନ୍ତ ଶକ୍ତିଶାଳୀ ହେବା ସହ ମୌସୁମୀ ବାୟୁ ଏହି ସମୟରେ ସାରା ଦେଶକୁ ଆଚ୍ଛାଦିତ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଉଛି ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨-୩ ଦିନ ମଧ୍ୟରେ ରାଜ୍ୟରେ ମୌସୁମୀ ବାୟୁ ପ୍ରବାହ ସାମାନ୍ୟ ଶକ୍ତିଶାଳୀ ହେବ । ଜୁନ୍ ଶେଷ ଆଡ଼କୁ ରାଜ୍ୟରେ ବ୍ୟାପକ ବର୍ଷା ସହ କେତେକ ସ୍ଥାନରେ ଭାରୀ ବର୍ଷାର ସମ୍ଭାବନା ରହିଛି । ରବିବାର ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି । ଗତ ୩୬ ଘଣ୍ଟାରେ କଟକରେ ସର୍ବାଧିକ ୯୧ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ପୁରୀ ୪୨, ଅନୁଗୋଳ ୪୧, ଚାନ୍ଦବାଲି ୩୩, ବାରିପଦା ୨୯, ତାଳଚେର ୨୩, ଛତ୍ରପୁର ୨୨ ଓ ଭଦ୍ରକରେ ୩୫ ମିମି ବର୍ଷା ରେକର୍ଡ କରାଯାଇଛି ।


### KASTURBA GANDHI BALIKA VIDYALAYA MANDOSIL

BLOCK-PAIKMAL, DIST-BARGARH PIN 768050

Letter No- 184 Date-22.06.2026

**SHORT TENDER CALL NOTICE**

Sealed Tender are invited from the registered/reputed firms and manufacturer having valid Pan, valid Goods and service Tax (GST) registration certificate for supply of following items like Grocery, Cosmetics , Dress material ,Course Book,, Medicine, Non-Veg items, Milk Product, Toilet items, Vegetable, Fruits to the Kasturba Gandhi Balika Vidyalaya ,Mandosil Block- Paikmal, Dist –Bargarh Pin-768050 for the year 2026-27.

Last date of receipt of tender form is 07.07.2026 at 4.00 PM . For details contact the undersigned with in office hours.

Sd/- Headmaster Cum convenor
KGBV, Mandosil, Paikmal,Bargarh



### KASTURBA GANDHI BALIKA VIDYALAYA GAISILAT

AT/PO/BLOCK- GAISILAT,DIST- BARGARH,PIN-768037

Notice No- 01/2026-27 Dated- 21.06.2026

**SHORT TENDER CALL NOTICE**

Sealed tenders are invited from the registered/reputed firms and manufacturer having valid PAN, valid GST registration certificate for supply of following items like Grocery, Cosmetics, Dress materials, Course books, Medicines, Vegetables, Non Veg items, Bread bakery & milk items,Toilet items,Fruits,sweets & snacks items to the Kasturba Gandhi Balika Vidyalaya, Gaisilat,Block-Gaisilat,Dist- Bargarh for the year **2026-27**.

Last date of receipt of duly filled in tender form is **01.07.2026 upto 4PM**.

For details contact the undersigned within the office hours and to download the tender forms and relevant documents go to google drive link https://surl.li/mxmlbp

Sd/-
Secretary cum Headmaster
**KGBV GAISILAT,Dist-Bargarh**
**Mob- 9777733411**



### ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

13001/933/2627

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୨୮୫୬/ ଭୁ.ଉ.କ., ଭୁବନେଶ୍ୱର **ସୂଚନା** ତା. ୧୨.୦୬.୨୦୨୬ରିଖ
CPM-II-1408/81

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-MIG-II-F-10/7 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୪୮୨୭ ତା-୧୯.୦୬.୨୦୧୯ ରିଖ ଅନୁଯାୟୀ ଶ୍ରୀମତୀ ସସ୍ମାରାଣି ଜେନା, ସ୍ୱାମୀ - ସୁଜିତ କୁମାର ବୋନିକ, ବାସସ୍ଥାନ – କ୍ୱାଟର ନଂ –ଏଲ/୫୯, ଛେଣ୍ଡ କଲୋନୀ, ପୋଷ୍ଟ - ଛେଣ୍ଡ କଲୋନୀ, ଥାନା - ରାଉରକେଲା, ଜିଲ୍ଲା - ସୁନ୍ଦରଗଡ, ଓଡିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଅଛି ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ସସ୍ମାରାଣି ଜେନା ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସୁଷମା ଶତପଥି, ସ୍ୱାମୀ-ରଣଜିତ ଶତପଥି, କ୍ୱାଟର ନଂ-ଏଫ୍/ଇଇ-୧୮୨, ବାସନ୍ତି କଲୋନୀ, ଆଇସ ଫ୍ୟାକ୍ଟ୍ରି ନିକଟସ୍ଥ, ପୋଷ୍ଟ/ଥାନା-ରାଉରକେଲା, ଜିଲ୍ଲା-ସୁନ୍ଦରଗଡ, ଓଡିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନ ର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ, ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13001/13033/1/26-27/0065



### KORAPUT CENTRAL CO-OPERATIVE BANK LTD.

HEAD OFFICE: N.K.T. ROAD, JEYPORE – 764003, DIST: KORAPUT (ODISHA)
Phone No.: (06854) 241159 / 232714
Email: ceo@koraputccb.com
Letter No.: 1028 / P&S / 2026-27, Date: 17.06.2026

**QUOTATION CALL NOTICE**

Sealed quotations are invited from the intending registered firms for procurement of various Insurance Policies for Koraput Central Co-operative Bank Ltd., Jeypore for the period from **01.07.2026 to 30.06.2027.**

Interested vendors/agencies are requested to submit their sealed quotations to the undersigned on or before **24.06.2026 (3.00 PM)**. The quotations will be opened on the same date at **4.00 PM** in the presence of authorized representatives.

| Sl. No. | Particulars | Description | Amount to be Insured (In Rs.) |
|---|---|---|---|
| 1 | Bankers Indemnity | Basic Sum Insured | 5,00,000 |
| | | Additional Sum Insured | 6,00,00,000 |
| | | Money in Transit | 2,30,00,000 |
| | | ATM (7 Nos.) | 35,00,000 |
| 2 | Standard Fire Policy | Furniture | 30,76,000 |
| | | Computer & Peripherals | 55,00,000 |
| | | Electrical Installation | 37,00,000 |
| 3 | Burglary | Furniture | 30,76,000 |
| | | Computer & Peripherals | 55,00,000 |
| | | Electrical Installation | 37,00,000 |
| 4 | Electrical Equipment | Computer & Peripherals | 55,00,000 |
| | | Electrical Installation | 37,00,000 |
| 5 | Fidelity Guarantee | 93 Staffs | 5,00,000 |
| | | 23 Branches & Head Office | |
| 6 | Building | Jeypore HO (Old) | 50,00,000 |
| | | Jeypore HO (New) | 1,50,00,000 |
| | | Koraput | 15,00,000 |
| | | Rayagada | 15,00,000 |
| | | Nabarangpur | 20,00,000 |
| | | Main Branch (ATM Counter) | 5,00,000 |
| | | Mahila Branch | 10,00,000 |
| 7 | Mobile ATM | ATM (4 Nos.) | 8,00,000 |
| 8 | Customer Locker | Locker (6 Nos.) | 30,00,000 |

**Terms & Conditions**

1. Standard Bankers Indemnity Policy with add-on coverage for Earthquake, Storm, Tempest, Flood, Inundation and Terrorism. ATM extension to cover Machine: ₹20 lakh and Cash: ₹35 lakh.
2. Standard Fire Special Perils Policy with add-on coverage for Earthquake, Storm, Tempest, Flood, Inundation and Terrorism.
3. Burglary, Housebreaking and Robbery coverage required.
4. Standard Electrical Equipment Policy with Mechanical & Electrical Breakdown coverage.
5. Standard Fidelity Guarantee Policy covering Forgery, Fraud and Dishonesty with Floater Cover.
6. Standard Fire Special Perils Policy with add-on coverage for Earthquake, Storm, Tempest, Flood, Inundation and Terrorism.
7. Four Mobile ATMs (Machine & Cash) mounted on moving vehicles to be covered under risk cash for ₹8 lakh.
8. Six customer locker units of branch banks to be covered for cash, gold and other valuable items/documents up to ₹30 lakh.

The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.

For any queries, please contact **Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.**

Secretary
K.C.C. Bank Ltd., Jeypore



### S.V. GOVT. SCHOOL OF ART & CRAFTS

3001/36/2627

*(+2 Vocational Junior College)*
Main Road, PO: Jeypore, Ph: (06854) 230041, PIN No: 764001, Odisha
(Affiliated to Council of Higher Secondary Education, Odisha, Bhubaneswar)

**Advertisement**

Applications are invited from eligible candidates with self-attested photocopy of the certificates and marksheet of all examinations starting from HSC onwards along with latest Character Certificate from any Gazetted Officer for the post of Guest faculties in S.V. Govt. School of Art & Crafts, Jeypore for the session 2026-27 as following subjects.

1. Guest Instructor, Graphic Art – (01)
2. Guest Instructor, Painting – (01)
3. Guest Instructor in Applied Art/Commercial Art – (01)
4. Guest Craft Teacher in Traditional Art and Crafts – (01)

**Qualification: A candidate must have Bachelor's Degree in Fine Art - Graphic Art, Painting, Applied Art/Commercial Art, Traditional Art & Crafts in the concerned subject from any recognised Govt. Art Colleges.**

Applications in the following proforma complete in all respect documents should reach the office of the **Instructor, S.V. Govt. School of Art & Crafts, Main Road, Jeypore, Koraput-764001** by **Registered Post / Speed Post within 20 days of publishing of this advertisement.**

The applicant will have superscribe **"Application for the post of Instructor in Graphic Art/Painting/Applied Art/Crafts Teacher"** on the top of the envelope. No application will be received after the last date as mentioned.

**Terms & Conditions: The engagement of the Guest faculties is purely temporary and may be terminated at any time without giving any notice or assigning any reason thereof. Selection of the candidate by the selection committee is final and binding. The engagement will not confirm any right for regular appointment in future.**

The date and time of interview will be notified later in the Notice Board of Art School, Jeypore and communicated in their mobile numbers/e-mail IDs. Accordingly, the applicants will have to attend the interview in the scheduled venue with their original certificates. No TA/DA will be paid to the candidate for attending the interview.

For further details, the candidates may contact the **Instructor, S.V. Govt. School of Art & Crafts, Jeypore, Koraput, Mobile No.: 9078994830 / 9438221159**

Instructor
S.V. Govt. School of Art & Crafts, Jeypore

OIPR-3001/3032/1/26-27/0001



### AFFIDAVIT

By virtue of an affidavit sworn before the Executive Magistrate, Anandapur, dtd- 01/06/2026. I, **Nirakar Mohapatra,** aged about 46 years, S/o Kartik Chandra Mohapatra, resident of At/Po-Rambhila, Ps- Bhadrak Rural, Dist- Bhadrak, Odisha, PIN-756111 do hereby solemnly affirm & state that my son's name is incorrect in Aadhaar Card vide No. 586350272181, **Arnav Mohapatra**. But in birth certificate name is mentioned as **Ankit Mohapatra.** Henceforth, correction in my son Aadhaar Name.

**Nirakar Mohapatra**



### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 966, dated 18-06-2026, I, RINA HARIJAN, W/o - Kamalu Harijan, Permanent Resident of Village - Pilibasini, PO - Patraput, PS - Tentulikhunti, Dist - Nabarangpur, Odisha, Pin - 764049, declare that I have changed the name of my Daughter from MANI HARIJAN to RUKMANI HARIJAN. Henceforth, she shall be known as **RUKMANI HARIJAN** for all purposes.

**Sd/- Rina Harijan**



### AFFIDAVIT

I, Hemanta Dash, aged about 57 years, S/o- Jaya Krushna Dash, resident of At- Surya Nagar, Po- Gurujanga, Ps- Khurda, Dist - Khurda, Pin- 752057, Odisha declared by this affidavit No. 1286, dtd- 20/06/2026 that now onwards I shall be known as **HEMANTA KUMAR DASH** for all future purposes.



### AFFIDAVIT

By virtue of an affidavit sworn before The Notary Public, Titilagarh, on dated- 20/06/2026. I, **Doleswari Deep** (new name), D/o Utar Deep, permanent & current resident of AT: Belpadar, PO: Sirol, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Archana Bishi** (old name) to **Doleswari Deep** (new name). Henceforth, I shall be known as **Doleswari Deep** (new name) for all future purposes.

**Doleswari Deep**



### DOCUMENT LOST

I, **Ajit Kumar Dash,** S/o-Minaketan Dash, aged 43 years, R/O At/PO- Talpali, P.S/Tah- Gaisilat, Bargarh, Pin- 768037, Odisha declare that I have purchased lands of Mutation Khata No. 133/143 of Mouza Khuntpali, P.S. No. 2, PS Gaisilat from Rajkumar Sahu which has been mutated and recorded in my name in Mutation Khata No. 133/155 of Mouza Khuntpali.

That its previous original link Registered Sale Deed No. 11932200043, dated-28.1.2022 executed by Lobhabati Meher in favour of Rajkumar Sahu, its original Mutation Khata No. 133/143 of Mouza Khuntpali recorded in the name of Rajkumar Sahu and original Mutation Khata No. 133/140 of Mouza Khuntpali recorded in the name of Lobhabati Meher were lost some where on dt. 15.5.2026 when I was going from Talapali to Gaisilat by Motorcycle. Further I declare that I have never mortgaged the above noted link RSD and RORs in any Bank, F.I.. Now I am applying for a loan from State Bank of India, Talpali branch At Talpali, P.O. Talpali, P.S./Tahasil Gaisilat, Dist. Bargarh by mortgaging the property. If anybody has any objection may kindly draw notice before above mentioned Bank within 7 days of publication of this notice. Later on no objection or claim will be acceptable in any circumstances.

## ପ୍ରସ୍ତାବିତ ଜେଲ୍ ନିର୍ମାଣକୁ ନେଇ ବିଧାୟକଙ୍କ ସାମ୍ବାଦିକ ସମ୍ମିଳନୀ

# ପ୍ରକଳ୍ପ ବାତିଲ୍ ନ ହେଲେ ଆନ୍ଦୋଳନ ଚେତାବନୀ



**ଯାଜପୁର,୨୦।୬(ସମିସ)**

ଯାଜପୁର ବ୍ଲକ ଅନ୍ତର୍ଗତ ତଥା ବରୀ ନିର୍ବାଚନ ମଣ୍ଡଳୀ ଏରବାଙ୍କ ପଞ୍ଚାୟତର ଛତରିଆ ପଡ଼ିଆରେ ପ୍ରସ୍ତାବିତ ମଡେଲ ଜେଲ ନିର୍ମାଣକୁ ବିରୋଧ ଜାରି ରହିଛି। ଗତ ୭ ଦିନ ହେଲା ସ୍ଥାନୀୟ ଅଞ୍ଚଳବାସୀ ଏହି ଜେଲ ନିର୍ମାଣକୁ ବିରୋଧ କରୁଛନ୍ତି। ତୁରନ୍ତ ଏହି ପ୍ରକଳ୍ପକୁ ବନ୍ଦ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତିବ୍ରତର କରିବାକୁ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଆଜି ଛତରିଆ ପଡ଼ିଆ ସୁରକ୍ଷା ମଞ୍ଚ ପକ୍ଷରୁ ଆହୁତ ସାମ୍ବାଦିକ ସମ୍ମିଳନୀରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗ ଦେଇ ଜନ ବିରୋଧି ଯୋଜନା ନ କରିବାକୁ ଜିଲ୍ଲା ପୁଲିସ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏରବାଙ୍କ ପଞ୍ଚାୟତର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ମାନେ ଉପସ୍ଥିତ ଥିଲେ। ଏରବାଙ୍କ ତଥା ଆଖ ପାଖ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରୁ ଶତକଡା ୮୦ ପ୍ରତିଶତ କୃଷକ। ଛତରିଆ ପଡ଼ିଆ ଗୋଚର ଜମିରେ ଆଖ ପାଖ ଅଞ୍ଚଳର ଗାଈ ଗୋରୁ, ଛେଳି ମେଣ୍ଢା ଆଦି ପଶୁ ମାନଙ୍କର ଚାରଣ ଭୂମି ଭାବେ ବ୍ୟବହାର କରାଯାଏ। ଏହା ବ୍ୟତୀତ କୋମଳମତି ଶିଶୁ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀ ଏହାକୁ ଖେଳପଡିଆ ଭାବେ ବ୍ୟବହାର କରୁଥିବାବେଳେ ବିଭିନ୍ନ ପର୍ବପର୍ବାଣୀରେ ଏହି ପଡ଼ିଆରେ ଜାଗଯଜ୍ଞ, ଦୋଳ ମେଳଣ ପାଇଁ ଏକମାତ୍ର ପଡ଼ିଆ। ରାଜ୍ୟ ସରକାର ଏହି ପଡିଆକୁ ଅତି ଅନ୍ୟାୟ ଭାବେ ଏକ ମଡେଲ ଜେଲ ନିର୍ମାଣ କରି କୁଖ୍ୟାତ ଅପରାଧୀ ମାନଙ୍କ ପାଇଁ ବାସସ୍ଥାନ ଭାବେ ବ୍ୟବହାର କରିବାକୁ ଦିଆଯିବ ନାହିଁ ବୋଲି ରୋକ୍‌ଠୋକ୍ ଭାବେ ବିଧାୟକ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ରାଜ୍ୟରେ ଶାସନ କରୁଥିବା ଲୋକଙ୍କ ସରକାର ଯଦି ଏହାର ପୁନର୍ବିଚାର ନକରନ୍ତି ତେବେ ସମଗ୍ର ବରୀ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରୀ ବ୍ଲକ ବିଜୁ ଜନତା ଦଳର ସଭାପତି କେଦାର ନାଥ ସାମଲ, ଜିଲ୍ଲା ପରିଷଦ ସଦସ୍ୟ ଦିଲ୍ଲୀପ ମହାନ୍ତି, ଅଶୋକ ସାମଲଙ୍କ ବ୍ୟତୀତ ଦଳଗତ ନିର୍ବିଶେଷରେ ଆଖ ପାଖ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ସିମେଣ୍ଟ କାରଖାନାରେ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ

**ଧର୍ମଶାଳା,୨୦।୬(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର ସ୍ଥିତ ରାମକୋ ସିମେଣ୍ଟ କାରଖାନାରେ ଜଣେ ଡ୍ରାଇଭରଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଡ୍ରାଇଭର ଭଦ୍ରକ ଜିଲ୍ଲା ଅଗରପଡା ଥାନା ଜୟସିଂପୁର ଗ୍ରାମର ମାୟାଧର ସାମଲଙ୍କ ପୁଅ ଶିଶିର ସାମଲ (୪୮) ବୋଲି ଜଣାପଡିଛି। ସୂଚନା ମୁତାବକ ରାମକୋ ସିମେଣ୍ଟ କାରଖାନାରୁ ସିମେଣ୍ଟ ବୋଝେଇ କରିବା ଲାଗି ଗାଡି ଉପରେ ଚଢି ଥିବା ସମୟରେ ସେଠାରେ ଥିବା ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଜଣାଯାଇଛି। ରାମକୋ ସିମେଣ୍ଟ କାରଖାନାରେ କାର୍ଯ୍ୟରତ ଅନ୍ୟ କର୍ମଚାରୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଧର୍ମଶାଳା ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଚଳାଇଛି।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

**ସୁକିନ୍ଦା,୨୦।୬(ସମିସ):** ସୁକିନ୍ଦା ସଦର ମହକୁମାର ଜଣେ କଲେଜ ଛାତ୍ରୀଙ୍କୁ ସେହି ଗ୍ରାମର ଅଶ୍ୱିନୀ ଦାସ (ବୁନିଆ, ୫୫) ନାମକ ବ୍ୟକ୍ତି ଲିଫ୍ଟ ଦେବା ବାହାନାରେ ଅସଦାଚରଣ କରିଥିବା ସୁକିନ୍ଦା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ସୁକିନ୍ଦା ତ୍ରିଲୋଚନ ମହାରଣାଙ୍କ ଝିଅ ଗତ ଶୁକ୍ରବାର କଲେଜରୁ ଘରକୁ ଏକାକି ଫେରୁଥିବା ସମୟରେ ବୁନିଆ ସ୍କୁଟି ଅଟକାଇ ଛାତ୍ରୀଙ୍କୁ ଘରେ ଛାଡ଼ି ଦେବାକୁ କହି ଲିଫ୍ଟ ଦେଇଥିଲା। ପରେ ସ୍କୁଟି ଶିଖାଇ ଦେବାକୁ କହି ଗ୍ରାମରୁ କିଛି ଦୂରକୁ ନେଇଯାଇଥିଲେ। ସଂପୃକ୍ତ ବ୍ୟକ୍ତି ନିଛାଟିଆ ସ୍ଥାନରେ ଅସଦାଚରଣ କରିଥିବା ନେଇ ଛାତ୍ରୀ ଫେରିବା ପରେ ପରିବାର ନିକଟରେ କହିଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ଅବଗତ ହେବାକୁ ସଂପୃକ୍ତ ବୁନିଆ ଘରକୁ ଯିବାବେଳେ ପରିବାର ଲୋକେ ସେମାନଙ୍କୁ ଅସଭ୍ୟ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଛାତ୍ରୀଙ୍କ ପକ୍ଷରୁ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ୧୨୫/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ନିଶା ନିବାରଣ କେନ୍ଦ୍ରରେ ମୃତ୍ୟୁ ଘଟଣା

## ଥାନାରେ ୨୦ ଜଣ ଅଟକ

**ଧର୍ମଶାଳା,୨୦।୬(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ଏକ ନିଶା ନିବାରଣ କେନ୍ଦ୍ରରେ ଗତକାଲି ଜଣେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣାରେ ପୁଲିସ ୨୦ ଜଣଙ୍କୁ ଥାନାକୁ ଆଣି ପଚରା ଉଚରା କରୁଥିବା ଜଣାଯାଇଛି। ସୂଚନା ମୁତାବକ ଏହି ଥାନା ଭଗବାନପୁର ଅଞ୍ଚଳର ରାଜୀବ ବାରିକ (୩୮)ଙ୍କୁ ବୁଟିକାଟିବା ଲାଗି ନିଶାନିବାରଣ କେନ୍ଦ୍ରର କର୍ମଚାରୀମାନେ ଫୋନ୍ କରି ଡକାଇଥିଲେ। ତେବେ ବୁଟି କାଟିବା ପରେ ପାଇସା ନେଣ ଦେଣକୁ ନେଇ କର୍ମଚାରୀ ଓ ରାଜୀବଙ୍କ ମଧ୍ୟରେ ପାଟିଗୋଳ ହୋଇଥିଲା। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକେ ଖବର ପାଇ ଡାକ୍ତରଖାନାରେ ରାଜୀବର ମୃତଦେହ ପଡିଥିବା ଦେଖି ନିଶା ନିବାରଣ କେନ୍ଦ୍ର କର୍ମଚାରୀମାନେ ତାଙ୍କୁ ମାରିଦେଇଥିବା ସନ୍ଦେହ କରିଥିଲେ। ରାଜୀବଙ୍କ ଏଭଳି ସନ୍ଦେହଜନକ ମୃତ୍ୟୁ ପାଇଁ ନିଶା ନିବାରଣ କେନ୍ଦ୍ରର କର୍ମଚାରୀମାନଙ୍କୁ ଦାୟୀ କରି ତାଙ୍କ ପତ୍ନୀ ତୁଳସୀ ବାରିକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଧର୍ମଶାଳା ପୁଲିସ ୨୫୦/୨୬ରେ ଏକ ମାମଲା ରୁଜୁ କରିବା ସହିତ ନିଶା ନିବାରଣ କେନ୍ଦ୍ରରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ୨୦ଜଣଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରା ଉଚରା କରୁଛି ବୋଲି ପୁଲିସ ସୂଚନା ଦେଇଛି।

## ନାବାଳିକାକୁ ଅପହରଣ; ୨ ଗିରଫ

**ବନ୍ତ/ଆଗରପଡ଼ା,୨୦।୬(ସମିସ):** ଜନୈକା ନାବାଳିକାକୁ ଅପହରଣ କରିବାର କିଛି ଘଣ୍ଟା ନ ପୂରୁଣୁ ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ ଅପହର୍ତ୍ତା ଓ ତାଙ୍କ ସହଯୋଗୀଙ୍କୁ ଠାବ କରି ଗିରଫ କରିବାରେ ସମର୍ଥ ହେବା ସହ ଅପହୃତାଙ୍କୁ ଉଦ୍ଧାର କରିଛନ୍ତି। ଆଗରପଡ଼ା ଥାନା ଅନ୍ତର୍ଗତ ଏକ ଗ୍ରାମର ଜନୈକା ନାବାଳିକାକୁ କେହି ଅପହରଣ କରି ନେଇଥିବାର ଅଭିଯୋଗ ଥାନାରେ ହୋଇଥିଲା। ଥାନା କେସ୍ ନଂ ୧୪୨/୨୬ରେ ଏକ ମାମଲା ରୁଜୁ କରି ଥାନାଧିକାରୀ ତୁରନ୍ତ ଅନୁସନ୍ଧାନ ଆରମ୍ଭ କରିଥିଲେ। ସ୍ଥାନୀୟ ତ୍ରିସାଲିଆ ଗ୍ରାମରେ ନାବାଳିକାକୁ ଆଣି ଅପହର୍ତ୍ତା ତାଙ୍କ ସମ୍ପର୍କୀୟଙ୍କ ଘରେ ରଖିଛନ୍ତି ବୋଲି ଥାନାଧିକାରୀ ଖବର ପାଇ ଚଢ଼ଉ କରି ଅପହର୍ତ୍ତା ଭଦ୍ରକ ଗ୍ରାମାଞ୍ଚଳ ଥାନା ମିଟୁଆଣି ଗ୍ରାମର ରାମଚନ୍ଦ୍ର ବେହେରା ଓ ସେହି ଗ୍ରାମର ସୁରେଶ ବେହେରାଙ୍କୁ ଗିରଫ କରିବା ସହ ଅପହୃତାଙ୍କୁ ଉଦ୍ଧାର କରିଥିଲେ।

## ବ୍ୟବସାୟୀଙ୍କଠାରୁ ୫ ଲକ୍ଷ ୨୪ ହଜାର ଲୁଟ୍

**କୁଆଖିଆ,୨୦।୬(ସମିସ):** ବଡ଼କଇଁଚି ଗୋପିନାଥପୁର ଗ୍ରାମର ଦୈତାରୀ ସାହୁଙ୍କ ପୁଅ ରମେଶ ଚନ୍ଦ୍ର ସାହୁ ପ୍ରତିଦିନ ପରି କୁଆଖିଆ- ଯାବରା ରୋଡ଼ କୋଲଥଳ ଛକ ନିକଟରେ ଥିବା ଗୋଦାମରୁ ନିଜର ବ୍ୟବସାୟ ଟଙ୍କା ପଇସା ଧରି ଘରକୁ ଫେରୁଥିଲେ। ଘର ନିକଟରେ ପହଞ୍ଚି ଗାଡିକୁ ଘରକୁ ନେବା ସମୟରେ ଦୁଇଜଣ ଯୁବକ ଏକ କଳା ପଲସରରେ ଆସି ବାଇକ୍‌ରେ ଆଗପଟୁ ଆଡ଼ା ପକେଇ ବ୍ୟବସାୟୀ ରମେଶ ସହିତ ଜୁଲମ କରି ଟଙ୍କା ଛଡ଼େଇବା ପାଇଁ ଉଦ୍ୟମ କରିଥିଲେ। ରମେଶ ସେମାନଙ୍କୁ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ଏକ କଟୁରିରେ ରମେଶଙ୍କହାତକୁ ହାଣି ତାଙ୍କ ନିକଟରେ ଥିବା ୫ ଲକ୍ଷ ୨୪ ହଜାର ଟଙ୍କା ଛଡ଼େଇ ନେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ରମେଶ କୁଆଖିଆ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

## ପ୍ରଧାନଶିକ୍ଷକ ନରେନ୍ଦ୍ର ପରିଡ଼ାଙ୍କ ପରଲୋକ



**କାଳିଆପାଣି,୨୦।୬(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ପଞ୍ଚାୟତର ବାମ୍ବିଲୋ ଭାସ୍କର ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ପରିଡା (୫୯)ଙ୍କର ଗତକାଲି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କ ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ସମଗ୍ର ସୁକିନ୍ଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ମୃତ୍ୟୁ ସମୟରେ ତାଙ୍କ ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ନିଜ ଗାଁକୁ ଅଣାଯାଇଥିଲା। ଗାଁରେ ଖୋଳ-କୀର୍ତ୍ତନ ସହ ପାର୍ଥିବ ଶରୀରକୁ ପରିକ୍ରମା କରାଯାଇଥିଲା। ଶେଷ ଦର୍ଶନ ପାଇଁ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ, ସହକର୍ମୀ ଏବଂ ଅଞ୍ଚଳବାସୀଙ୍କ ଭିଡ଼ ଜମିଥିଲା।ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ, ଏବିଓ ଗୋବର୍ଦ୍ଧନ ପ୍ରଧାନ, ଜେମଦେଇପୁରର ପ୍ରଧାନ ଶିକ୍ଷକ ବିବେକାନନ୍ଦ ନାୟକ, ସୁକିନ୍ଦା ବ୍ଲକ ଶିକ୍ଷକ ସଂଘ ସମେତ ଆଖପାଖ ଅଞ୍ଚଳର ବହୁ ଶିକ୍ଷାବିତ୍, ସମାଜସେବୀ ଓ ପ୍ରଭାବଶାଳୀ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଥିଲେ।

## ବାସୁଦେବପୁର ପୌରପାଳିକାର ବିକାଶ ପାଇଁ ସହରାଞ୍ଚଳ ଜନସମ୍ପର୍କ ଭାଗିଦାରୀ କାର୍ଯ୍ୟକ୍ରମ

# ସ୍ମାର୍ଟ ପାର୍କ ଓ ବାଇପାସ୍ ରାସ୍ତା ନିର୍ମାଣ ଆବଶ୍ୟକ



**ବାସୁଦେବପୁର,୨୦।୬(ସମିସ):** ବାସୁଦେବପୁର ପୌରପାଳିକା ସଭାଗୃହ ପରିସରରେ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ପୌରପାଳିକାର ଅଧ୍ୟକ୍ଷ ନିବେଦିତା ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ବାସୁଦେବପୁର ବୁଦ୍ଧିଜୀବୀ ଦୁଃଶାସନ ରାଉତ ଯୋଗଦେଇ କହିଥିଲେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଗାଡ଼ିମୋଟର ଚଳାଚଳ ବୃଦ୍ଧି ପାଉଛି। ସହରାଞ୍ଚଳ ଟ୍ରାଫିକ୍ ଜାମ୍ ହେଉଥିବାରୁ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ବାଇପାସ୍ ରୋଡ୍‌ର ଆବଶ୍ୟକତା ରହିଛି। ରାସ୍ତାର ଦୁଇ ପାଶ୍ୱର୍ର ତଝୁପୁଡ଼ି ପଟି ଦୋକାନ ଉଚ୍ଛେଦ କରିବା, ବାସୁଦେବପୁରକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ, ପାର୍କିଂ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା, ବାସୁଦେବପୁର ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ହେଲେ ବିଭିନ୍ନ ସ୍ଥାନରେ ଅବରୋଧ ସରକାରୀ ଜମିକୁ ହଟାଇ ମାର୍କେଟ କମ୍ପ୍ଲେକ୍ସ କିମ୍ବା ପ୍ରକଳ୍ପ କରିବାକୁ ପ୍ରସ୍ତାବ ଦେଇଥିଲେ। ଧାନ ମିଲ୍‌ରୁ ନିର୍ଗତ ଦୂଷିତ ପାଣି ନାଳରେ ଆସିବାରୁ ଆଖପାଖ ଅଞ୍ଚଳ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ରାଇସ୍ ମିଲ୍‌ର ପାଉଁଶ ଉଡୁଥିବାରୁ ଯାତାୟାତ କଷ୍ଟକର ହୋଇପଡୁଛି ବୋଲି ଗଗନ ବିହାରୀ କଳା ଅଭିଯୋଗ ଆଣିଥିଲେ।

ସେହିପରି ବୁଲା ଗୋରୁଗାଈଙ୍କ ସମସ୍ୟାର ସମାଧାନ ଦାବି କରାଯାଇଛି। ନଚେତ୍ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିସହ ଚାଟେରୀ ଛକରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ବିଷ୍ଣୁ ଦାସ ଦାବି କରିଥିଲେ। ଜାଗା ଚିହ୍ନଟ ହୋଇ ନ ପାରିବାରୁ ମିଶନ ଶକ୍ତିର ଘର, ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ହୋଇପାରୁନାହିଁ। ସରକାରୀ ଜାଗା ବାହାର କରି ବିକାଶମୂଳକ କାର୍ଯ୍ୟରେ ଲଗାଇବାକୁ ରତ୍ନାକର ମଲ୍ଲିକ କହିଥିଲେ। ବାସୁଦେବପୁର ବଡ଼ ବଡ଼ ସଭାସମିତି ପାଇଁ ଏକମାତ୍ର ଯାଦବ ପଡ଼ିଆରେ ଜଳ ନିଷ୍କାସନ ମୁଖ୍ୟ ସମସ୍ୟା ହୋଇ ଉଭା ହୋଇଛି। ବର୍ଷ ବର୍ଷ ଧରି କାମ ନ ହେଉଛି ସ୍ମାର୍ଟ ପାର୍କ ପଡ଼ି ରହିଛି। ଫଳରେ ପୌରପାଳିକାର ଜନସାଧାରଣ ଚିତ୍ତବିନୋଦନ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ଭାଗିରଥି ପଲାଇ କହିଥିଲେ। ବାସୁଦେବପୁର ପୌରପାଳିକାର ଜନସାଧାରଣ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଥିଲେ। ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତି ଅଭିଯୋଗ ନେଇ ବିଡିଓଙ୍କ ନିକଟରେ ଫେରାଦ



ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି

**ଧାମନଗର,୨୦।୬(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ ବୟାଙ୍ଗଡିହି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ନେଇ ଗ୍ରାମବାସୀମାନେ ଧାମନଗର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ସହ ଠିକାଦାର ତଥା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ଖବର ଅନୁଯାୟୀ, ନୂଆଗାଁ ଖଗେଶ୍ୱର ମହାପାତ୍ରଙ୍କ ବାଡ଼ିଠାରୁ ଖେଳ ପଡ଼ିଆ ପର୍ଯ୍ୟନ୍ତ ରାସ୍ତାରେ ମାଟି କାମ ହୋଇ ନ ଥିବାବେଳେ ପ୍ରାୟ ୧ ଲକ୍ଷ ୪୦ ହଜାର ଟଙ୍କାର ବିଲ୍ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି ନୂଆହାଟଠାରୁ ବିଷ୍ଣୁ ମହାନ୍ତିଙ୍କ ଘର ପର୍ଯ୍ୟନ୍ତ ନାଳ ଖନନ କାର୍ଯ୍ୟରେ ମଧ୍ୟ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କିଛି ବ୍ୟକ୍ତିଗତ ଜମିରେ କାମ କରାଯାଇ ପ୍ରାୟ ୭ ଲକ୍ଷ ଟଙ୍କାର ବିଲ୍ କରିବାକୁ ଉଦ୍ୟମ ହେଉଥିବା ମଧ୍ୟ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଶୁକ୍ରବାର ବିଜେଡି ଜିଲ୍ଲା ପରିଷଦ ସଭ୍ୟା ଟୁନିବାଳା ବିଶ୍ୱାଳ, ବ୍ଲକ୍ ସଭାପତି ପ୍ରତାପ ସାମଲଙ୍କ ସମେତ ଅନେକ ଗ୍ରାମବାସୀ ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଡିଓ ବନ ବିହାରୀ ଦିଦା କହିଛନ୍ତି। ତେବେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି। ଏନେଇ ଧାମନଗର ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ପ୍ରଭାତ ବେହେରା କହିଛନ୍ତି ଯେ, ଉକ୍ତ କାର୍ଯ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ ଏବଂ କୌଣସି ଅର୍ଥ ଉଠାଯାଇନାହିଁ। ମଷ୍ଟରରୋଲ୍ ପାଇଁ ଡିମାଣ୍ଡ ହୋଇଥିବାରୁ ସିଷ୍ଟମ୍‌ରେ ଲେବର କଷ୍ଟ ଦେଖାଯାଉଛି। କାମ ଶେଷ ହେବା ପରେ ଜିଓ-ଟ୍ୟାଗ୍ ଫଟୋ ଓ ଅନ୍ୟାନ୍ୟ ତଥ୍ୟ ଅପ୍‌ଲୋଡ୍ କରାଯିବା ପରେ ହିଁ ମଜୁରି ପ୍ରଦାନ କରାଯିବ ବୋଲି ସେ ସ୍ପଷ୍ଟ ସୂଚନା ଦେଇଛନ୍ତି। ବିଡିଓଙ୍କ ଏହି ଅଭିଯୋଗ ପ୍ରଦାନ ସମୟରେ ଗ୍ରାମବାସୀଙ୍କ ସହ ସ୍ଥାନୀୟ ଜିଲ୍ଲା ପରିଷଦ, ବିଜେଡି ବ୍ଲକ୍ ସଭାପତି ଓ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ହିତାଧିକାରୀ ସମାବେଶ



**ଦୋଳସାହି,୨୦।୬(ସମିସ):** ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉପଲକ୍ଷେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମର ଚତୁର୍ଥ ଦିନ ଶନିବାର ପୂର୍ବାହ୍ଣରେ ତିହିଡ଼ି ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ନୀଳମଣି ସଭାଗୃହରେ ହିତାଧିକାରୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତଙ୍କ ସଞ୍ଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ନିରଞ୍ଜନ ବାରିକ ସୂଚନା ଦେଇ କହିଥିଲେ ଯେ, ୧୭୦ ଜଣ ନୂତନ ହିତାଧିକାରୀଙ୍କୁ ଭିନ୍ନକ୍ଷମ ଭତ୍ତା, ୫୦ହଜାର ୫୮୮ ପରିବାରକୁ ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଳ, ୯୬ଜଣଙ୍କୁ ଅନ୍ତ୍ୟୋଦୟ ଗୃହ, ଖାଦ୍ୟ ସୁରକ୍ଷା ଯୋଜନାରେ ୩୩୫ ଜଣଙ୍କୁ ରାସନ କାର୍ଡ ଏବଂ ୨୦୦ ନୂତନ ହିତାଧିକାରୀଙ୍କୁ ଶ୍ରମକାର୍ଡ ବଣ୍ଟନ କରାଯିବ ବୋଲି ସୂଚନା ଦେଇଥିଲେ। ତେବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୪ମାସ ମଧ୍ୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କଲେ ୨୦ହଜାର ଟଙ୍କା ବୋନସ୍ ସହିତ ଭିବିଜି ରାମ୍‌ଜୀରେ ୨୪ହଜାର ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ସରକାରଙ୍କ ନିର୍ଦ୍ଧାରିତ ସମୟ ମଧ୍ୟରେ ସହାୟତା ରାଶି ବିନିଯୋଗ କରି ଯୋଜନାର ସୁଫଳ ପାଇବାକୁ ସେ ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥିଭାବେ ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ଏବିଡିଓ ମୀନକେତନ ବାରିକ ଯୋଗଦେଇ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତିରେ ସରକାରଙ୍କ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ପରେ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ଓ କାର୍ଡ ବଣ୍ଟନ କରାଯାଇଥିଲା। ଏହି ସମାବେଶରେ ବ୍ଲକ୍ ସହ ଶ୍ରମ ଅଧିକାରୀ ଲୋକନାଥ ଦାସ, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, କୁନ୍ତଳା ମଲ୍ଲିକ, ସୁପ୍ରଭା ପାଣି, ନିହାରିକା ବିଶ୍ୱାଳ, ଚକ୍ରଧର ଦାସ, ସମିତିସଭ୍ୟ ଦେବେନ୍ଦ୍ର ଦାସ, ଅଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିପିସି କୌଶିକ ଗିରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରସ୍ତାବିତ ମଦ ଦୋକାନକୁ ନେଇ ବିବାଦ

# ଗ୍ରାମବାସୀଙ୍କ ଅବକାରୀ କାର୍ଯ୍ୟାଳୟ ଘେରାଉ



**ଯାଜପୁର,୨୦।୬(ସମିସ):** ଯାଜପୁର ବ୍ଲକ ପଣସା ପଞ୍ଚାୟତ ଆଙ୍କୁଲା ମୌଜାରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନକୁ କେନ୍ଦ୍ର କରି ବିରୋଧ ଜାରି ରହିଛି। ଏହି ଅଞ୍ଚଳରେ ସ୍କୁଲ, କଲେଜ୍, ମେଡିକାଲ ଥିବା ବେଳେ ଏଠାରେ ମଦ ଦୋକାନ ଖୋଲିବା ନିଷ୍ପତିକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଏଠାରେ ଏକ ମଦ ଦେକାନ ଖୋଲିବା ପାଇଁ ଲଟେରି ଉଠାଣ ସରିଥିବା ବେଳେ ମଦ ଦୋକାନକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଏହାକୁ କୌଣସି ପରିସ୍ଥିତିରେ କରିବାକୁ ଦିଆଯିବ ନାହିଁ ବୋଲି ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ଏହାର ତଦନ୍ତ ପାଇଁ ଆଜି ପ୍ରଶାସନିକ ଅଧିକାରୀ ମାନେ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ପୂର୍ବରୁ ଉପସ୍ଥିତ ରହିଥିବା ଗ୍ରାମବାସୀ ଏହି ମଦ ଦୋକାନ ବିରୋଧରେ ନାରାବାଜି କରିଥିଲେ। ମଦ ଦୋକାନ ହେଲେ ଏଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହିତ ସାମାଜିକ ବିଶୃଙ୍ଖଳା ଦେଖାଦେବାର ଆଶଙ୍କା ଦେଖାଦେଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ଏଭଳି ହୋ ହାଲ୍ଲା ଫଳରେ ପ୍ରଶାସନିକ ଅଧିକାରୀ ମାନେ କୌଣସି ତଦନ୍ତ କରିପାରିନଥିଲେ। ପରେ ଗ୍ରାମବାସୀ ମାନେ ଅବକାରୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରି ସେଠାରେ ତୁରନ୍ତ ମଦ ଦେକାନ ବନ୍ଦ କରିବାକୁ ଦାବି କରିଥିଲେ। ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ବୈତରଣୀ ନଦୀବନ୍ଧ ସୁଦୃଢ଼ୀକରଣ ନାମରେ ବ୍ୟାପକ ହରିଲୁଟ୍

# ୩ କୋଟି ଟଙ୍କା ହଡ଼ପ ଲକ୍ଷ୍ୟରେ ଜଳ ସମ୍ପଦ ବିଭାଗ ଓ ଠିକାଦାର



ଭିଜିଲାନ୍ସ ତଦନ୍ତ ଦାବି କଲେ ସ୍ଥାନୀୟ ବାସିନ୍ଦା

**ଅସୁରାଳି,୨୦।୬(ସମିସ)**

ଆଖୁଆପଦା ଜଳ ସମ୍ପଦ ବିଭାଗର କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଠିକାଦାରଙ୍କ ସଲାସୁତରା ଯୋଗୁଁ ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ଏବେ ଦୁର୍ନୀତିର ପେଣ୍ଠସ୍ଥଳୀ ପାଲଟିଛି। ଆଖୁଆପଦା ଜଳ ସମ୍ପଦ ବିଭାଗ ଅଧୀନ ବୈତରଣୀ ନଦୀର ବାମ ପାର୍ଶ୍ୱ ନଦୀବନ୍ଧ ସୁଦୃଢ଼ୀକରଣ ନାମରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଅର୍ଥକୁ ପାଣି ଭଳି ବୁହାଇ ଠିକାଦାର ଓ ଯନ୍ତ୍ରୀ ମାଲାମାଲ୍ ହେଉଥିବାବେଳେ ବନ୍ଧ ସୁରକ୍ଷା ଏବେ ବିପନ୍ନ ହେବାକୁ ବସିଛି। ସୂଚନା ମୁତାବକ, ବୈତରଣୀ ନଦୀର ବାମ ପାଶ୍ୱର୍ରେ ଥିବା ପାଳସାହି ପଞ୍ଚାୟତର ତେଲିପାଟଣାଠାରୁ ଆରମ୍ଭ କରି ସୁନ୍ଦରପୁର ଦୋହରା ପର୍ଯ୍ୟନ୍ତ ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ପ୍ରାୟ ୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମାତ୍ର ଅଭିଯୋଗ ଅନୁଯାୟୀ, କାର୍ଯ୍ୟକ୍ଷେତ୍ରରେ କୌଣସି ନିୟମ ଓ ଗୁଣବତ୍ତା ରକ୍ଷା କରାଯାଉନାହିଁ। ନିମ୍ନମାନର ସାମଗ୍ରୀ ବ୍ୟବହାର କରି କେବଳ ଲୋକଦେଖାଣିଆ ଭାବେ କାମ ସାରିଦେଇ ସମ୍ପୂର୍ଣ୍ଣ ୩ କୋଟି ଟଙ୍କା ହରିଲୁଟ୍ କରିବାକୁ ଜଳ ସମ୍ପଦ ବିଭାଗ ଏବଂ ସମ୍ପୃକ୍ତ ଠିକାଦାର ଯୋଜନା କରିଥିବା ଅଭିଯୋଗ ହୋଇଛି। ଆଗକୁ ବର୍ଷା ଋତୁ ଆସୁଥିବାବେଳେ ଏଭଳି ଦୁର୍ବଳ କାର୍ଯ୍ୟ ଯୋଗୁଁ ନଦୀବନ୍ଧ ଭାଙ୍ଗିବା ଏବଂ ଅଞ୍ଚଳବାସୀ ଜଳବନ୍ଦୀ ହେବାର ଆଶଙ୍କା ଦ୍ୱିଗୁଣିତ ହୋଇଯାଇଛି।

ଏହି ମହାଦୁର୍ନୀତି ବିରୋଧରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ସଂଗଠକ ଏବେ ସ୍ୱର ଉତ୍ତୋଳନ କରିଛନ୍ତି। ବ୍ଲକ୍ କଂଗ୍ରେସର ପୂର୍ବତନ ସଭାପତି ତଥା ଆଇନଜୀବୀ ରମେଶ ଚନ୍ଦ୍ର ବେହେରା ଏବଂ ବରିଷ୍ଠ ସଂଗଠକ ତଥା ସମାଜସେବୀ ନିରାକାର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏହି କାର୍ଯ୍ୟର ତୀବ୍ର ନିନ୍ଦା କରିଛନ୍ତି। ଏହି ଦୁର୍ନୀତିର ପର୍ଦ୍ଦାଫାଶ୍ କରିବା ପାଇଁ ସେମାନେ ତୁରନ୍ତ ଭିଜିଲାନ୍ସ ତଦନ୍ତ କରିବାକୁ ଦୃଢ଼ ଦାବି କରିଛନ୍ତି। ଏହି ଦାବି ସପକ୍ଷରେ ଅଞ୍ଚଳର ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ତଥା ମାର୍କଣ୍ଡ କୁମାର ଯେନା, ସୁରେନ୍ଦ୍ର କୁମାର ମଳିକ, ଗଜାନନ ମିଶ୍ର, ମୃତ୍ୟୁଞ୍ଜୟ ଦାସ, ଦୟାନିଧି ମଳିକ, ସୁଜିତ୍ କୁମାର ସାହୁ, ସୁରେଶ ଚନ୍ଦ୍ର ଯେନା ଏବଂ ମନୋଜ କୁମାର ଯେନାଙ୍କ ସମେତ ଶତାଧିକ ସ୍ଥାନୀୟ ବାସିନ୍ଦା ସାମିଲ୍ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଜନସାଧାରଣଙ୍କ ସୁରକ୍ଷା ପାଇଁ ଆସିଥିବା ସରକାରୀ ପାଣ୍ଠିକୁ କିଛି ଅସାଧୁ ଅଧିକାରୀ ଓ ଠିକାଦାର ନିଜ ପକେଟ୍ ଗରମ କରିବାରେ ବ୍ୟବହାର କରୁଛନ୍ତି। ଯଦି ଏହି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜପଥକୁ ଓହ୍ଲାଇବା ସହ ବ୍ୟାପକ ଆନ୍ଦୋଳନ ହେବ। ଦୁର୍ନୀତିର ଗନ୍ଧ ଏତେ ପ୍ରଖର ଯେ ସରକାରୀସ୍ତରରେ ତୁରନ୍ତ ହସ୍ତକ୍ଷେପ ନ ହେଲେ ବୈତରଣୀ କୂଳବର୍ତ୍ତୀ ହଜାର ହଜାର ଲୋକଙ୍କ ଜୀବନ ଜୀବିକା ବିପଦରେ ପଡ଼ିବା ନିଶ୍ଚିତ ବୋଲି ଆଲୋଚନା ହେଉଛି। ତେବେ ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଏଡ଼ାଇଯାଇ କହିଛନ୍ତି ଯେ, "କାମ ଚାଲିଛି, କାମ ସରିନାହିଁ। ଯାହା ଯେପରି ହେବା କଥା ନିୟମାନୁସାରେ ସେପରି ହିଁ କରାଯିବ।' ଯନ୍ତ୍ରୀଙ୍କ ଏଭଳି ହାଲୁକା ପ୍ରତିକ୍ରିୟା ସ୍ଥାନୀୟ ଲୋକଙ୍କ ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଛି। ସରକାର ଏହି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ଦୃଷ୍ଟି ଦେଇ ତୁରନ୍ତ ନିରପେକ୍ଷ ତଦନ୍ତ କରାଇବାକୁ ସାଧାରଣରେ ଦାବି ହେଉଛି।

**ବମକୁରା ସେବା ସମବାୟ ସମିତି**

# ତହସିଲ୍‌ଦାରଙ୍କ ଉପସ୍ଥିତିରେ ଖୋଲିଲା ତାଲା



ଧାମନଗର,୨୦।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ବମକୁରା ସୋସାଇଟିରେ ଗତ ଗୁରୁବାର ଜଣେ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା ପରେ ସମବାୟ ସମିତିରେ ପଡ଼ିଥିଲା ତାଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଧାମନଗର ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ଯୋଗାଣ ଇନ୍ସପେକ୍ଟର ସୁବ୍ରତ ଶତପଥୀ, ଧୂଷୁରୀ ଥାନା ଅଧିକାରୀ ଅଜୟ ବେଜ, ଧାମନଗର ବ୍ଲକ୍ ଯୋଗାଣ ଅଧିକାରୀ ପ୍ରୀତିଶ ରଞ୍ଜନ ସାମଲ ପ୍ରମୁଖ ସମବାୟ ସମିତିରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା ବୁଝାସୁଝା ପରେ ପଡ଼ିଥିବା ଚାବି ଖୋଲାଯାଇଥିଲା। ଚାଷୀଙ୍କ ଧାନ ବିକ୍ରି ସମସ୍ୟାର ସମାଧାନ ଲାଗି ପ୍ରଶାସନ ପକ୍ଷରୁ ଏକ ନୂତନ ପିପି ରାଇସ୍ ମିଲ୍‌କୁ ଏହି ସୋସାଇଟି ସହ ଅଟାଚ୍ କରାଯାଇଛି। ଯେଉଁ ଚାଷୀମାନଙ୍କର ଟୋକନ ଲାପ୍ସ ହୋଇଯାଇଥିଲା, ସେମାନଙ୍କ ନାମକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପୁଣିଥରେ ଯୋଡ଼ାଯାଇଛି ଏବଂ ଏଥିଲାଗି ଦୁଇ ହଜାର କ୍ୱିଣ୍ଟାଲ ଟାର୍ଗେଟ୍ ମଧ୍ୟ ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ, ସୋସାଇଟିର କର୍ମଚାରୀମାନେ ଅନୁପସ୍ଥିତ ରହିବା ଏବଂ କାର୍ଯ୍ୟରେ ଅବହେଳା କରୁଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ଏହାକୁ ଗମ୍ଭୀରତାର ସହ ନେଇ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଆଗକୁ ଯଦି କୌଣସି ଅନିୟମିତତା କିମ୍ବା ଭୁଲ୍ ଦେଖାଯାଏ, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ତାଗିଦ୍ କରାଯାଇଛି। ଅବହେଳା ଲାଗି କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

**ଆସୁଛି ବର୍ଷା ଋତୁ**

# ମୁକୁଳା ପଡ଼ିଛି ବୈତରଣୀ ଓ କୋଚିଲା ନଦୀ ବନ୍ଧ

ଅସୁରାଳି,୨୦।୬(ସମିସ)

ଆଉ ମାତ୍ର ୧ ମାସ ପରେ ଆରମ୍ଭ ହେବ ବର୍ଷା ଋତୁ। କିନ୍ତୁ ଏବେ ବି ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ନଦୀ ବନ୍ଧ ସୁରକ୍ଷିତ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ହସନାବାଦ ପଞ୍ଚାୟତ ଦେଇ ପ୍ରବାହିତ ବୈତରଣୀ ଓ କୋଚିଲା ନଦୀର ମୁକୁଳା ବନ୍ଧ ଯୋଗୁଁ ଚଳିତ ବର୍ଷ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ତୁରନ୍ତ ଘେରି ବନ୍ଧ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

ସମସ୍ୟାର ମୂଳ କାରଣ ଭାବେ ଗାନ୍ଧୀ ଘାଟ ନିକଟରେ ବୈତରଣୀ ନଦୀର ପ୍ରାୟ ୨୦୦ ମିଟର ଅଞ୍ଚଳ ସମ୍ପୂର୍ଣ୍ଣ ମୁକୁଳା ପଡ଼ିଛି। କୌଣସି ସ୍ଥାୟୀ ବନ୍ଧ କିମ୍ବା ଆନିକଟ ନ ଥିବାରୁ ବନ୍ୟା ଜଳ ସହଜରେ ହସନାବାଦ ପଞ୍ଚାୟତ ମଧ୍ୟକୁ ପ୍ରବେଶ କରୁଛି।



**ତୁରନ୍ତ ଘେରି ବନ୍ଧ ନିର୍ମାଣ ପାଇଁ ବଢୁଛି ଦାବି**

ବନ୍ୟା ଜଳ ପ୍ରବେଶ କରିବା ଫଳରେ ହସନାବାଦ ପଞ୍ଚାୟତର ତଳ ଅସ୍ତକ, ଉପର ଅସ୍ତକ, ଗୋପବନ୍ଧୁ ନଗର, ବନବାଗ, ମଠସାହି ସମେତ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ତରେକ ସାହି ଓ ମମାଦୁଲା ଆଦି ଗ୍ରାମ ପ୍ରତିବର୍ଷ ଜଳମଗ୍ନ ହେଉଛି। ହସନାବାଦ ଏକ କୃଷି ପ୍ରଧାନ ଅଞ୍ଚଳ। ଖରିଫ୍ ଫସଲ ସହ ପନିପରିବା ଓ ମୁଗ ଚାଷ ଉପରେ ଏଠାକାର ଲୋକେ ନିର୍ଭର କରନ୍ତି। ବନ୍ୟା ଯୋଗୁଁ ଚାଷ ଜମିରେ ବାଲି ଚରିଯିବା ସହ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ଗତ ବର୍ଷ ବୈତରଣୀରେ ୨ଟି ବଡ଼ ବନ୍ୟା ଓ ୩-୪ଟି ଛୋଟ ବନ୍ୟା ଆସି ଅଞ୍ଚଳର ବ୍ୟାପକ କ୍ଷତି କରିଥିଲା। ପ୍ରଶାସନ ପକ୍ଷରୁ ସ୍ଥାୟୀ ପ୍ରତିକାର ପାଇଁ କେବଳ ପ୍ରତିଶ୍ରୁତି ମିଳୁଥିଲେ ହେଁ କ୍ଷେତ୍ରସ୍ତରରେ କୌଣସି କାର୍ଯ୍ୟ ହେଉନାହିଁ। ଏହି ସମସ୍ୟାର ସମାଧାନ ପାଇଁ ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାମ୍ୟବାଦୀ ନେତା ଚନ୍ଦ୍ରଶେଖର ନାୟକ, ସରପଞ୍ଚ ଅଜୟ ମଲ୍ଲିକ, ସନ୍ତୋଷ ରାଏଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଏକତ୍ରିତ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଯଦି ବର୍ଷା ଦିନ ପୂର୍ବରୁ ଘେରି ବନ୍ଧ କାର୍ଯ୍ୟ ଆରମ୍ଭ ନ ହୁଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସ୍କୁଲ୍ ଛାତରୁ ଫ୍ୟାନ୍ ଖସି ଛାତ୍ର ଆହତ



ବାରିକପୁର,୨୦।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ କହରାପୋଖରୀସ୍ଥିତ ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାଳୟରେ ଫ୍ୟାନ୍ ଖସି ପଡ଼ିବାରୁ ଜଣେ ଛାତ୍ର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ପ୍ରାର୍ଥନା ପରେ ପିଲାମାନେ ଶ୍ରେଣୀ ଗୃହରେ ଥିବାବେଳେ ଏଭଳି ଦୁର୍ଘଟଣା ଘଟିଛି। ହଠାତ୍ ସ୍କୁଲ ଛାତରୁ ଫ୍ୟାନ୍‌ଟି ଜଣେ ଛାତ୍ରଙ୍କ ଉପରେ ପଡ଼ିଯାଇଥିଲା। ଅନ୍ୟମାନେ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଆହତ ଅବସ୍ଥାରେ ସ୍କୁଲ୍ କର୍ତ୍ତୃପକ୍ଷ ଛାତ୍ର ଜଣଙ୍କୁ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭଦ୍ରକ ମେଡିକାଲ ନେଇଥିଲେ। ସେଠାରେ ତାଙ୍କର ଚିକିତ୍ସା ହୋଇଥିବା ଜଣାପଡ଼ିଛି। ଛାତ୍ର ଜଣଙ୍କର ନାକ ଓ ମୁହଁରେ ଗଭୀର କ୍ଷତ ହୋଇଥିବା ଜଣାଯାଇଛି। କେଉଁ ପରିସ୍ଥିତିରେ ଛାତରୁ ଫ୍ୟାନ୍‌ଟି ଖସି ପଡ଼ିଛି ତାହା ସଠିକ୍ ଭାବେ ଜଣାପଡ଼ିନାହିଁ।

# ସାନମାଳଦାଠାରୁ ନାଗ ସାପ ଉଦ୍ଧାର



ବାରିକପୁର,୨୦।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସାନମାଳଦାଠାରୁ ଶନିବାର ଏକ ନାଗସାପ ଉଦ୍ଧାର ହୋଇଛି। ସକାଳେ ଗ୍ରାମର ସନ୍ତୋଷ ଦାସଙ୍କ ବାଡ଼ି ଅଗଣାରୁ ସାପଟି ହଠାତ୍ ବାସଗୃହକୁ ପ୍ରବେଶ କରିଥିଲା। ଏଥିଯୋଗୁଁ ପରିବାର ଲୋକେ ଭୟଭୀତ ହୋଇଥିଲେ। ଏନେଇ ବାରିକପୁରସ୍ଥିତ ବେଲମଲା ଗାଁର ସାପ ଧରାଳି ପ୍ରଶାନ୍ତ ନାଥଙ୍କୁ ଖବର ଦିଆଯାଇଥିଲା। ଖବର ପାଇ ସାପ ଧରାଳି ଜଣଙ୍କ ଗ୍ରାମରେ ପହଞ୍ଚି ଅକ୍ଷୁଣ୍ଣ ଅବସ୍ଥାରେ ନାଗକୁ ଉଦ୍ଧାର କରି ପାଖ ଜଙ୍ଗଲରେ ଛାଡ଼ିଥିବା ସୂଚନା ମିଳିଛି। ସମ୍ପ୍ରତି ବିଭିନ୍ନ ସରୀସୃପଙ୍କ ପ୍ରଜନନ ସମୟ ହୋଇଥିବାବେଳେ ସେମାନେ ଏବେ ବିଭିନ୍ନ ସ୍ଥାନରେ ଦେଖାଯିବା ସ୍ୱାଭାବିକ ଅଟେ। ତେଣୁ ଜନସାଧାରଣ ଏଥିପ୍ରତି ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି।

**■ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା**

# ବାଣୀକଲ୍ୟାଣ ଥିଲେ ଦରଦୀ, ହୃଦୟବାନ୍ ଓ ପରୋପକାରୀ




ତିହିଡ଼ି,୨୦।୬(ସମିସ): ସେ ଜଣେ ଦରଦୀ, ହୃଦୟବାନ ଓ ପରୋପକାରୀ ମଣିଷ ଥିଲେ। ତାଙ୍କ ଭିତରେ ଥିବା ଆପଣାପଣ ଓ ବନ୍ଧୁବତ୍ସଳତା ଗୁଣ ଯୋଗୁଁ ସେ ସମସ୍ତଙ୍କର ପ୍ରିୟପାତ୍ର ହେବା ସହିତ ବେଶ୍ ଲୋକପ୍ରିୟତା ଅର୍ଜନ କରିପାରିଥିଲେ ବୋଲି ବକ୍ତାମାନେ ମତ ପ୍ରକାଶ କରିବା ସହିତ ତାଙ୍କ ପରି ଜଣେ ସହିଷ୍ଣୁ, ନୀତିନିଷ୍ଠ ଓ ସଂସ୍କୃତିସମ୍ପନ୍ନ ମଣିଷ ଏ ମାଟିରେ ଜନ୍ମ ନେବା ଏତେ ସହଜ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଜନ୍ମମାଟି ତିହିଡ଼ି ବ୍ଲକ୍ ଅନ୍ତର୍ଗତ ତାଳପଦାରେ ସ୍ୱର୍ଗତ ବାଣୀକଲ୍ୟାଣ ମହାପାତ୍ର(ଗୁଟୁ ଭାଇ)ଙ୍କ ଏକାଦଶାହ ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଉକ୍ତ ମତବ୍ୟକ୍ତ କରିଥିଲେ। କବି ତଥା ବରିଷ୍ଠ ରାଜନେତା ଦୀନବନ୍ଧୁ ପତିଙ୍କ ଅଧ୍ୟକ୍ଷତା ଓ ସାହିତ୍ୟିକ ଯଦୁମଣି ପାଣିଗ୍ରାହୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ବିଷ୍ଣୁବ୍ରତ ରାଉତରାୟ, ସମାଜସେବୀ ଅଜୟ କୁମାର ନାୟକ, ପ୍ରାକ୍ତନ ପ୍ରାଧ୍ୟାପକ କବି ହୃଦାନନ୍ଦ ପାଣିଗ୍ରାହୀ, ବରିଷ୍ଠ ନେତା ସୁରେନ୍ଦ୍ର ନାୟକ ଓ ଅଧ୍ୟାପକ ଡ.ବିଶ୍ୱରଞ୍ଜନ ଦାସ, ପ୍ରାକ୍ତନ ଅବକାରୀ ଅଧୀକ୍ଷକ ଶ୍ରୀହର୍ଷ ସ୍ୱାଇଁ ପ୍ରମୁଖ ଯୋଗଦେଇ କାନ୍ତକବିଙ୍କ ଦାୟାଦ ଭାବରେ ସ୍ୱର୍ଗତ ମହାପାତ୍ରଙ୍କ ଦୃଷ୍ଟିଭଙ୍ଗୀ ସର୍ବଦା ସକାରାତ୍ମକ ଓ ସମାଜ ଉପଯୋଗୀ ଥିଲା ବୋଲି କହିବା ସହିତ କାନ୍ତମାଟି ଆଉ କାନ୍ତମାଟିର ମଣିଷଙ୍କ ପ୍ରତି ତାଙ୍କ ହୃଦୟରେ ଗଭୀର ଦରଦ ଓ ଭଲପାଇବା ଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ତିହିଡ଼ି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ, ବରିଷ୍ଠ ନେତା ଚିନ୍ତାମଣି ଦାସ, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ପ୍ରାକ୍ତନ ସରପଞ୍ଚ କୀର୍ତ୍ତନ ରାଉତ, ସମାଜସେବୀ ଗଣେଶ ନାୟକ, ହିମାଦ୍ରୀ ରାଉତରାୟ, ଯୁବନେତା ରାଜେନ୍ଦ୍ର ଯେନା, ସୁଧାଂଶୁ ନାୟକ, ମନୋଜ ତ୍ରିପାଠୀ, ରତିକାନ୍ତ ଦାସ, ଶିକ୍ଷାବିତ୍ ପ୍ରଫୁଲ୍ଲ ରାଉତ, ଦୀନରଞ୍ଜନ ପାଢ଼ୀ, କାନ୍ତ ସ୍ମୃତି ପରିଷଦର ସମ୍ପାଦକ ବିଶ୍ୱନାଥ କିଙ୍କର ରାଉତ, ନିର୍ମଳ ନାୟକ, ସମାଜସେବୀ ନୀଳମାଧବ ସେନାପତି ଓ ହରିଶ୍ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ମହାପାତ୍ର ପରିବାରର ସୁଯୋଗ୍ୟ ଦାୟାଦ ଭାବରେ ସ୍ୱର୍ଗତ ମହାପାତ୍ର ନିଜ ପଞ୍ଚାୟତର ସର୍ବାଙ୍ଗିଣ ବିକାଶଠାରୁ ଆରମ୍ଭ କରି କୃଷି ଓ କୃଷକର ଉନ୍ନତି, କାନ୍ତକବିଙ୍କ ସ୍ମୃତିରକ୍ଷା, ଐତିହାସିକ କାଳିମେଘା ମେଳଣର ମର୍ଯ୍ୟାଦା ବୃଦ୍ଧି ଆଦି ଦିଗରେ ବହୁ କାର୍ଯ୍ୟ କରିଯାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ସ୍ୱର୍ଗତ ମହାପାତ୍ରଙ୍କ ଜ୍ୟେଷ୍ଠଭ୍ରାତା ତଥା ବରିଷ୍ଠ ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ୍‌କୁ ଧକ୍କା ଦେଲା ବସ୍; ଜଣେ ମୃତ


ବାରିକପୁର,୨୦।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଆଖୁଆପଦା ନିକଟରେ ଏକ ବାଇକ୍‌କୁ ଗୋଟିଏ ଦ୍ରୁତଗାମୀ ବସ୍ ଧକ୍କା ଦେବାରୁ ଜଣେ ଯୁବକଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପାଟୁଳି ପଞ୍ଚାୟତ ଲୁଣପଦୀ ଗାଁର ନିରାକାର ସ୍ୱାଇଁ(୪୨)। ସୂଚନା ମୁତାବକ, ଗତ ଶୁକ୍ରବାର ଦିନ ପ୍ରାୟ ୩ଟା ବେଳେ ନିରାକାର ଏକ ମୋଟର ସାଇକଲରେ ଦୁଇ ସାଙ୍ଗଙ୍କୁ ଧରି ଯାଜପୁରରୁ ଘରକୁ ଫେରୁଥିଲେ। ଏହି ସମୟରେ ଭୁବନେଶ୍ୱରରୁ ବାରିପଦା ବାଲେଶ୍ୱର ଯାଉଥିବା ଏକ ଦ୍ରୁତଗାମୀ ଯାତ୍ରୀବାହୀ ବସ୍ ବାଇକ୍‌ଟିକୁ ଶକ୍ତ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ବସ୍‌ଟି ମୋଟର ସାଇକଲଟିକୁ କିଛି ବାଟ ଘୋଷାରି ନେଇଥିଲା। ଫଳରେ ବାଇକ୍‌ରେ ଯାଉଥିବା ତିନିଜଣ ଯୁବକ ଆହତ ହୋଇଥିଲେ। ସମସ୍ତଙ୍କୁ ମେଡିକାଲ ନିଆଯାଇଥିବା ବେଳେ ସେଠାରେ ନିରାକାରଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବସ୍‌ଟି ଫେରାର୍ ଥିବାବେଳେ ଏନେଇ ଥାନାରେ ଅଭିଯୋଗ ହୋଇଛି।

# ଟ୍ରେନ୍‌ରେ କଟିଗଲା ଯୁବକଙ୍କ ଗୋଡ଼



ବାରିକପୁର,୨୦।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସାନଶାସନ ପଞ୍ଚାୟତ ବଡ଼ କଣ୍ଟାପଡ଼ା ଗ୍ରାମର ଜଣେ ଯୁବକ ଟ୍ରେନ୍‌ଲାଇନ୍‌ରେ ପଡ଼ି ତାଙ୍କ ଗୋଡ଼ କଟିଯାଇଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନା ମୁତାବକ, ଗ୍ରାମର ପ୍ରଦ୍ୟୁମ୍ନ ଘୋଷ ଗତ ବୁଧବାର ନିଜ ସମ୍ପର୍କୀୟଙ୍କୁ ଟ୍ରେନ୍‌ରେ ବସାଇବା ପାଇଁ ଚରମ୍ପା ଷ୍ଟେସନ ଯାଇଥିଲେ। ବନ୍ଧୁଙ୍କୁ ଟ୍ରେନ୍‌ରେ ବସାଇବା ପରେ ତଳକୁ ଓହ୍ଲେଇବା ବେଳେ ପ୍ରଦ୍ୟୁମ୍ନ ହଠାତ୍ ଖସି ପଡ଼ିଥିଲେ। ଏହି ସମୟରେ ଟ୍ରେନ୍ ଗତି ଆରମ୍ଭ କରୁଥିବାବେଳେ ପ୍ରଦ୍ୟୁମ୍ନଙ୍କ ଗୋଡ଼ ଲାଇନ୍‌ରେ ପଡ଼ିଥିଲା। ଫଳରେ ଆଣ୍ଠୁ ତଳକୁ ଗୋଟିଏ ଗୋଡ଼ କଟି ଯାଇଥିବା ସୂଚନା ମିଳିଛି। ସେ ଏବେ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଟିକିଏ ଅସାବଧାନତା ଯେ କେତେ ଭୟଙ୍କର ହୋଇପାରେ ତାହା ଉକ୍ତ ଘଟଣାରୁ ଜଣାପଡ଼ିଛି।

# ବନ୍ଧୁବତ୍ସଳ ବାଣୀକଲ୍ୟାଣ



ଓଡ଼ିଶାର ଯଶସ୍ୱୀ କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନାତି ତଥା ଶିକ୍ଷକ, ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ରଙ୍କ ପୁଅ ସମାଜସେବୀ ସ୍ୱର୍ଗତ ବାଣୀକଲ୍ୟାଣ ମହାପାତ୍ର ଜଣେ ଦରଦୀ, ନିଷ୍କପଟ ଓ ପରୋପକାରୀ ମଣିଷ ଭାବେ ସମସ୍ତଙ୍କ ହୃଦୟକୁ ଜିଣିପାରିଥିଲେ। କେବଳ ନିଜ ଅଞ୍ଚଳରେ କାହିଁକି ବନ୍ଧୁତା ଆଧାରରେ ସମଗ୍ର ଭଦ୍ରକ ଜିଲ୍ଲାରେ ତାଙ୍କର ଗୋଟେ ସ୍ୱତନ୍ତ୍ର ପରିଚୟ ରହିଥିଲା। ଯେକୌଣସି ସମସ୍ୟାର ସହଜ ସମାଧାନ କରିବାରେ ସେ ସର୍ବଦା ସୂତ୍ରଧର ସାଜିଥିଲେ। ତାଙ୍କ ଚେହେରା, କଥାବାର୍ତ୍ତା ଓ ବ୍ୟବହାର ଅନ୍ୟମାନଙ୍କୁ ଆପଣାଛାଏଁ ଆକୃଷ୍ଟ କରୁଥିଲା। ତାଙ୍କ ଭିତରେ ଥିବା ଆପଣାପଣ ଗୁଣ ତାଙ୍କୁ ଅନ୍ୟମାନଙ୍କ ନିକଟତର ହେବାରେ ସହାୟକ ହେଉଥିଲା। ଯୁବକ ଅବସ୍ଥାରେ ସେ ଥିଲେ ଯେମିତି ସାହସୀ ସେମିତି ପରାକ୍ରମୀ। ଯେକୌଣସି ପରିସ୍ଥିତି ସହିତ ଏକାକୀ ଲଢ଼ିବାର ଦୁର୍ବାର ସାହସ ଓ ପରାକ୍ରମ ତାଙ୍କ ଭିତରେ ଭରପୂର ହୋଇ ରହିଥିଲା। ନିଜ ଜୀବନରେ ସେ କେବେ କୌଣସି କ୍ଷେତ୍ରରେ ହାର୍ ମାନି ନାହାନ୍ତି କି ହାରି ବି ଯାଇ ନାହାନ୍ତି। ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କର ସେ ଥିଲେ ଅତି ପ୍ରିୟ ମଣିଷ। ଗୁଟୁ ମହାପାତ୍ର ନାମରେ ସବୁଠି ବେଶ୍ ପରିଚିତ। ଅତ୍ୟନ୍ତ ସ୍ନେହୀ, ନିଷ୍କପଟ, ଶ୍ରଦ୍ଧାଶୀଳ ଓ ବନ୍ଧୁବତ୍ସଳ ମଣିଷଟେ। ସେ ଯେମିତି ଦରଦୀ ଥିଲେ ସେମିତି ହୃଦୟବାନ ଆଉ ପରୋପକାରୀ ମଧ୍ୟ। ନିଜ ଗାଁଠାରୁ ପୁଣି ପଞ୍ଚାୟତ ପର୍ଯ୍ୟନ୍ତ ସୁବିଧା ଅସୁବିଧାରେ ଯିଏ ତାଙ୍କ ସହଯୋଗ ଲୋଡ଼ିଛି  ତାକୁ କେବେ ବି ନିରାଶ ହେବାକୁ ପଡ଼ିନି। କିଏ କ'ଣ ଚାହୁଁଛି, କାହାକୁ କେମିତି ସନ୍ତୁଷ୍ଟ କରିବାକୁ ପଡ଼ିବ ସେ କଥା ସେ ଭଲ ଭାବେ ଜାଣିଥିଲେ।

ସେହି ଅନୁସାରେ ମନ ଜାଣି ନିଜର କର୍ତ୍ତବ୍ୟ ନିର୍ବାହ କରୁଥିଲେ। ତାଙ୍କ ମନରେ କେବେ ବି ସାମାନ୍ୟ ଗର୍ବ କି ଅହଙ୍କାରର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁ ନ ଥିଲା। ତାଙ୍କଠାରେ ଥିବା ସବୁଠୁ ଭଲ ଗୁଣଟି ହେଉଛି ଅନ୍ୟର ପେଟକୁ ଚିହ୍ନିବା। ମାର୍ଜିତ ଓ ରୁଚିପୂର୍ଣ୍ଣ ବ୍ୟବହାରରେ ଅନ୍ୟଙ୍କୁ ନିଜ ପ୍ରତି ଆକୃଷ୍ଟ କରିବାକୁ ସକ୍ଷମ ହୋଇଥିଲେ। କାନ୍ତକବିଙ୍କ ପରି ଛାତ୍ର ଅବସ୍ଥାରେ ସେ ଥିଲେ ଖୁବ୍ ଖେଳ ପ୍ରିୟ। କୁସ୍ତି କସରତରେ ବି ଖୁବ୍ ଅଧିକ ରୁଚି ରଖୁଥିଲେ। ଶିକ୍ଷା ସମାପ୍ତି ପରେ ଚାକିରି ନ କରି ଗାଁରେ ରହି ଚାଷବାସ କଥା ବୁଝିବା ସହିତ କୁଳଦେବତା ଗୋପୀନାଥଙ୍କ ସେବକ ଭାବରେ ତାଙ୍କର ନୀତିକାନ୍ତି ସଠିକ୍ ଭାବେ ପରିଚାଳନା କରୁଥିଲେ। ସେହିପରି ତାଙ୍କ ପରିବାର ପକ୍ଷରୁ ପ୍ରତି ବର୍ଷ ଅନୁଷ୍ଠିତ ଦୁର୍ଗାପୂଜାକୁ ବି ସେ ଅତ୍ୟନ୍ତ ନିଷ୍ଠାର ସହିତ ଓ ଯଥାବିଧି ସମ୍ପନ୍ନ କରାଉଥିଲେ। ପାଣି ପଞ୍ଚାୟତର ସଭାପତି ଭାବେ କୃଷି ଓ କୃଷକର ଉନ୍ନତି ଲାଗି ହେଉ ଅଥବା କାନ୍ତ ସ୍ମୃତି କମିଟିର ସଭାପତି ଭାବେ ତାଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଉତ୍ସବ ପାଳନ ସାଙ୍ଗକୁ ତାଙ୍କ ସ୍ମୃତିକୁ ସୁରକ୍ଷିତ ଓ ଉଜ୍ଜୀବିତ କରି ରଖିବା ଦିଗରେ ସେ ସଦାସର୍ବଦା ପ୍ରୟାସ ଜାରି ରଖିଥିଲେ। ସେହିପରି ଗତ ୨୬ ବର୍ଷ ଧରି ସେ ନିରବଚ୍ଛିନ୍ନ ଭାବେ ଇତିହାସ ପ୍ରସିଦ୍ଧ କାଳିମେଘା ମେଳଣ କମିଟିର ସଭାପତି ରହି ପ୍ରତିବର୍ଷ  ମେଳଣଟିକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରାଇ ଆସୁଥିଲେ। ତାଙ୍କ ଉଦ୍ୟମରେ ତାଙ୍କ ଗାଁ ତଥା ତାଳପଦା ପଞ୍ଚାୟତରେ ଅନେକ ବିକାଶମୂଳକ କାର୍ଯ୍ୟ ସାଧିତ ହୋଇପାରିଥିଲା। ସେ ସର୍ବଦା ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନିଜକୁ ଜଡ଼ିତ ରଖିଥିଲେ। ନିଜ ପରିବାର ଲୋକ ହୁଅନ୍ତୁ କି ବାହାରର ଲୋକ ସମସ୍ତଙ୍କ ଲାଗି ସେ ଥିଲେ ଏକ ଖୋଲାବହି ସଦୃଶ। ଛନ୍ଦ କି କପଟ ତାଙ୍କୁ ସ୍ପର୍ଶ କରି ନ ଥିଲା। ଜୀବନ ତମାମ କାହାରି କ୍ଷତି ଚାହୁଁ ନ ଥିବା ଅଥଚ ସମସ୍ତଙ୍କ ଖୁସିରେ ଖୁସି ବ୍ୟକ୍ତ କରିବା ଥିଲା ତାଙ୍କ ଜନ୍ମଗତ ସ୍ୱଭାବ। ତାଙ୍କ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଓ ସାର୍ବଜନୀନ ବିଚାରଧାରା ତାଙ୍କୁ ଅନନ୍ୟ କରି ଗଢ଼ି ତୋଳିଥିଲା। ସତରେ ତାଙ୍କ ପରି ମଣିଷଟେ ଆଉ ସଂସାରରେ ଜନ୍ମନେବା ସହଜ ନୁହେଁ। ତାଙ୍କ ଅମର ଆତ୍ମାର ସଦ୍‌ଗତି ପ୍ରାପ୍ତ ହେଉ ଏତିକି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଯଦୁମଣି ପାଣିଗ୍ରାହୀ, ତିହିଡ଼ି, ଭଦ୍ରକ**

# ଚାନ୍ଦବାଲି ବ୍ଲକ୍‌ରେ ୨ ବର୍ଷର ଜନସମ୍ପର୍କ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଭଦ୍ରକ,୨୦।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଓ ଜନସମ୍ପର୍କ କାର୍ଯ୍ୟକ୍ରମ ଚାନ୍ଦବାଲି ବ୍ଲକ୍ ପକ୍ଷରୁ ଜୁନ୍ ୧୨ ତାରିଖରୁ ଆରମ୍ଭ ହୋଇ ଶନିବାର ଉଦ୍‌ଯାପନୀ ଉତ୍ସବ ସହ ସମାପ୍ତ ହୋଇଛି। ଚାନ୍ଦବାଲି ବିଜୁ ସ୍ମୃତି ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ବ୍ଲକ୍ ଅଧ୍ୟକ୍ଷା ମିନତୀ ସୁତାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ସରୋଜ ବଳ, ସିଡିପିଓ-୨ ମନସ୍ୱିନୀ ବେହେରା, ଏବିଡିଓ ଲକ୍ଷ୍ମୀକାନ୍ତ ମହାରଣା, ବିଏସ୍‌ଏସ୍‌ଓ ରାଜକିଶୋର ଦାସ, ବିଇଓ ଧନେଶ୍ୱର ନାୟକ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମାନସ ରଞ୍ଜନ ନାୟକ ଓ ଜିପିଇଓ କମଳାକାନ୍ତ କର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଉପେନ୍ଦ୍ର ରାଉଳ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ସଫଳତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରାଯାଇଥିଲା। ଦିବ୍ୟାଙ୍ଗ, ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା ଓ ବିଧବାମାନଙ୍କୁ ମଧୁବାବୁ ପେନସନ ଯୋଜନାର ସୁବିଧା ପ୍ରଦାନ କରାଯାଇଥିବା ବେଳେ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ, ଅଙ୍ଗନବାଡ଼ି କର୍ମୀମାନଙ୍କୁ ମୋବାଇଲ୍ ଫୋନ୍, ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ଏବଂ ଆନ୍ତଃଜାତି ବିବାହ କରିଥିବା ଦମ୍ପତିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ହିତାଧିକାରୀ ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ଶେଷରେ ବିପିସି ବନଜ ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**ଭଦ୍ରକ ଇନ୍‌ଟାକ୍ ଶାଖାର ବୈଠକ**

# ୮ ଆଜୀବନ ସଦସ୍ୟଙ୍କୁ ପରିଚୟପତ୍ର ବଣ୍ଟନ

ଭଦ୍ରକ,୨୦।୬(ସମିସ)




ଭଦ୍ରକ ଇନ୍‌ଟାକ୍ ଚାପ୍ଟରର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କନ୍‌ଭେନର ଦିଗମ୍ବର ମହାନ୍ତିଙ୍କ ସଭାପତିତ୍ୱରେ ଭଦ୍ରକ କୁଆଁସସ୍ଥିତ ନିତ୍ୟାନନ୍ଦ ଭବନଠାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଭ୍ୟ ହରମୋହନ କୁଅଁର, ଡ. ଗୋଲକ ବିହାରୀ ସାହୁ, ଡ. ଭାଗବତ ପ୍ରସାଦ ତ୍ରିପାଠୀ, ଅଜିତ୍ କୁମାର ନାୟକ ଓ ମୁକ୍ତିକାନ୍ତ ମହାପାତ୍ର ମଞ୍ଚାସୀନ ହୋଇଥିଲେ। ବୈଠକ ଆରମ୍ଭରେ ଦିବଂଗତ ସଭ୍ୟ ଅଚ୍ୟୁତାନନ୍ଦ ସାମଲ, ଡ. ମାନସ ରଞ୍ଜନ ଲେଙ୍କା, ଡ. ପ୍ରଭାତ ନଳିନୀ ମହାପାତ୍ର ଓ ଅନାଦି ଚରଣ ଦାସଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସେମାନଙ୍କ ଗୁଣାବଳୀ ଆଲୋଚିତ ହୋଇଥିଲା ଏବଂ ନୂଆ ସଭ୍ୟ ଅକ୍ଷୟ କୁମାର ହୋତା, ରବୀନ୍ଦ୍ର କୁମାର ମହାରଣା ଓ ଦିଲ୍ଲୀପ କୁମାର ନାୟକଙ୍କୁ ସ୍ୱାଗତ କରାଯାଇଥିଲା। ଇନ୍‌ଟାକ୍ ଶାଖାର ୮ ଜଣ ଆଜୀବନ ସଭ୍ୟ ହରମୋହନ କୁଅଁର, ଗୟାଧର ପଣ୍ଡା, ଆଦିତ୍ୟ କୁମାର ନାୟକ, ପ୍ରଦୀପ୍ତ କୁମାର ଦାସ, ସଂଗ୍ରାମ କେଶରୀ ସାହୁ, ସତ୍ୟବ୍ରତ ମହାନ୍ତି, ଜଗନ୍ନାଥ ନାୟକ ଓ ଲକ୍ଷ୍ମଣ କୁମାର ମହାନ୍ତିଙ୍କୁ ଲୋଗୋ ଓ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଇନ୍‌ଟାକ୍ ସଂଗଠନର ପ୍ରକୃତ ଉଦ୍ଦେଶ୍ୟ ଆମ ଜାତୀୟ ସମ୍ପତ୍ତିର ସୁରକ୍ଷା ତଥା ଐତିହାସିକ ସ୍ଥଳୀଗୁଡ଼ିକର ପୁନରୁଦ୍ଧାର ସକାଶେ ଦୃଷ୍ଟିପାତ କରିବା ସହିତ ଏହାର ସଂରକ୍ଷଣ ପାଇଁ ୧୩ ଜଣ ବିଶିଷ୍ଟ ସବ୍‌କମିଟି ଗଢ଼ାଯାଇଥିଲା ଏବଂ ଏହାର ଆବାହକ ମନୋନୀତ ହୋଇଥିଲେ ଡ. ଭାଗବତ ତ୍ରିପାଠୀ। ଅନ୍ୟ ସଦସ୍ୟମାନେ ହେଲେ ଡ. ମନୀନ୍ଦ୍ର ମହାନ୍ତି, ଡ. ଗୋଲକ ବିହାରୀ ସାହୁ, ଡ. କ୍ଷୀରୋଦ କୁମାର ସାମଲ, ଲକ୍ଷ୍ମଣ କୁମାର ମହାନ୍ତି, ବାବୁଲାଲ୍ ଦାସ, ମୁକ୍ତିକାନ୍ତ ମହାପାତ୍ର, ଅଜିତ୍ କୁମାର ନାୟକ, ହରମୋହନ କୁଅଁର, ଆଦିତ୍ୟ କୁମାର ଗୋସ୍ୱାମୀ, ବିଜୟ କୁମାର ମହାନ୍ତି, ଗୟାଧର ପଣ୍ଡା ଓ ମଦନ ମୋହନ ନାୟକ। ସବ୍‌କମିଟିର କାର୍ଯ୍ୟାନୁଷ୍ଠାନ ପାଇଁ ୫ ହଜାର ଟଙ୍କା ଇନ୍‌ଟାକ୍ ଫଣ୍ଡରୁ ଅଗ୍ରୀମ ପ୍ରଦାନ ପାଇଁ ପ୍ରସ୍ତାବ ଅନୁମୋଦନ କରାଗଲା।

ଆଗାମୀ ବାର୍ଷିକ ଉତ୍ସବ ଡିସେମ୍ବର ମାସରେ କରାଯିବା ସହିତ ବିଶ୍ୱ ହେରିଟେଜ୍ ଦିବସ ପ୍ରତିବର୍ଷ ଏପ୍ରିଲ୍ ୧୮ ତାରିଖରେ ପାଳନ କରାଯିବା ପାଇଁ ସ୍ଥିର କରାଗଲା। ସମ୍ପ୍ରତି ଭଦ୍ରକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଚାନ୍ଦବାଲିଠାରେ ମେରିଟାଇମ୍ ମ୍ୟୁଜିୟମ୍, ଐତିହାସିକସ୍ଥଳ ଗୋହିରାଟିକିରୀର ପୁନରୁଦ୍ଧାର ଓ ଆଗରପଡ଼ାଠାରେ ହରେକୃଷ୍ଣ ମହତାବଙ୍କ ସ୍ମାରକୀ ଗୃହର ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଭଦ୍ରକ ଇନ୍‌ଟାକ୍ ଶାଖା ସନ୍ତୋଷ ପ୍ରକାଶ କରିଥିଲା। ଉପସ୍ଥିତ ସଭ୍ୟମାନଙ୍କୁ ପ୍ରସାଦସେବନରେ ଆପ୍ୟାୟିତ କରିଥିଲେ ମଦନ ମୋହନ ନାୟକ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ପଣ୍ଡା। ସଭା କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ ଅଜିତ କୁମାର ଦାସ, ଶାନ୍ତନୁ କୁମାର ରାଉତ, ସ୍ନେହଲତା ବେହେରା, ଯୁଧିଷ୍ଠିର ବାରିକ୍, ଚନ୍ଦ୍ରମୋହନ ମହାନ୍ତି, ଅଶୋକ କୁମାର ଦାସ, ଉଦୟନାଥ ମହାନ୍ତି, ସୁରେଶ କୁମାର ସାହୁ, ରତିକାନ୍ତ ମହାନ୍ତି, କଳ୍ପନା ବେହେରା, ବାଦଲ କିଶୋର ମହାପାତ୍ର, ଏସ୍.କାମିଲା ଓ ହୃଷୀକେଶ ମହାନ୍ତି ପ୍ରମୁଖ।

### ବର୍ଷାରେ ଜାତୀୟ ରାଜପଥରେ ଚାଲିଛି ପିଚୁ କାମ

# ୨୦ନଂ ଜାତୀୟ ରାଜପଥରେ ଠିକାସଂସ୍ଥାର ମନମାନି

ଆନନ୍ଦପୁର,୨୦।୬ (ସମିସ)

କେନ୍ଦୁଝର ଜିଲ୍ଲାର ଲାଇଫଲାଇନ୍ କୁହାଯାଉଥିବା ୨୦ ନଂ ଜାତୀୟ ରାଜପଥରେ ଠିକା ସଂସ୍ଥାର ମନମାନି ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରବଳ ବର୍ଷା ମଧ୍ୟରେ ରାଜପଥର ଖାଲଖମା ମରାମତି ପାଇଁ ପିଚୁ ପଡୁଥିବା ଅଭିଯୋଗ ହୋଇଛି। ବର୍ଷା ବେଳେ ହୋଇଥିବା ଏହି କାମକୁ ନେଇ ସାଧାରଣ ଲୋକ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମୌସୁମୀ ଆସିବା ପୂର୍ବରୁ ହେବାକୁ ଥିବା ପିଚୁ କାର୍ଯ୍ୟ ବର୍ଷାଦିନେ କାହିଁକି? ତାହାକୁ ନେଇ ଉଠିଛି ପ୍ରଶ୍ନ।

ସୂଚନା ଅନୁଯାୟୀ, ଘଷିପୁରା ଥାନା ଅନ୍ତର୍ଗତ ବାରିଗାଁ ନିକଟରୁ ବେଲବାହାଳି ବାଇପାସ୍ ପର୍ଯ୍ୟନ୍ତ ୨୦ ନଂ ଜାତୀୟ ରାଜପଥରେ ଥିବା ଖାଲଖମାକୁ ମରାମତି କରିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପିଚୁ ପକାଯାଉଛି।



ଗତକାଲି ଅପରାହ୍ନରେ ଆନନ୍ଦପୁର ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଥିବା ବେଳେ ମଧ୍ୟ ଏହି କାମ ଚାଲିଥିଲା। ବର୍ଷା ମଧ୍ୟରେ ପିଚୁ ପଡ଼ିବା ଦ୍ୱାରା କାମର ସ୍ଥାୟିତ୍ୱ ଓ ଗୁଣବତ୍ତାକୁ ନେଇ ଏବେ ବଡ଼ ପ୍ରଶ୍ନ ଉଠିଛି। ପିଚୁ କେତେ ଦିନ ଟିକିବ, କେଉଁ ମାନକ ଅନୁଯାୟୀ କାମ କରାଯାଉଛି ଏବଂ କେଉଁ ଅଧିକାରୀ କିମ୍ବା ଯନ୍ତ୍ରୀ ଏହାର ତଦାରଖ କରୁଛନ୍ତି, ସେନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଖରାଦିନେ ରାସ୍ତାର ଦୁରବସ୍ଥାକୁ ଅଣଦେଖା କରିଥିବା କର୍ତ୍ତୃପକ୍ଷ ବର୍ଷା ମଧ୍ୟରେ କାହିଁକି ଏଭଳି ତରବରିଆ ଭାବେ କାମ କରୁଛନ୍ତି, ତାହାକୁ ନେଇ ଲୋକମାନଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି ଯେ ବର୍ଷା ବେଳେ ପିଚୁ ପକାଇଲେ ତାହା କେତେଦିନ ରହିବ? ସରକାରୀ ଅର୍ଥର ଅପଚୟ ହେଉନି କି? ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦାବି କରାଯାଇଛି। ବର୍ଷା ମଧ୍ୟରେ ଜାତୀୟ ରାଜପଥରେ ପିଚୁ ପଡ଼ିବା ଘଟଣା ଏବେ ଜନସାଧାରଣଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। କାମର ଗୁଣବତ୍ତାର ଯାଞ୍ଚ ସହ ଏହାର ତଦନ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ବାହାନଡ଼ା ଦୁର୍ଗାମଣ୍ଡପ ପଛପଟୁ ସନ୍ଦିଗ୍ଧ ବାଇକ୍ ଜବତ

ବେତନଟୀ, ୨୦।୬(ସମିସ): ବେତନଟୀ ଉପକଣ୍ଠ ବାହାନଡ଼ା ଗ୍ରାମର ଦୁର୍ଗାମଣ୍ଡପ ପଛପଟେ ଚାରିଦିନ ଧରି ପାର୍କିଂ ହୋଇଥିବା ଏକ ନୀଳ ରଙ୍ଗର ଟିଭିଏସ୍ ଆପାଚି ବାଇକ୍‌କୁ ବେତନଟୀ ପୁଲିସ୍ ଜବତ କରିଛି। ବାଇକ୍‌ର ରେଜିଷ୍ଟ୍ରେସନ୍ ଓଡ଼ିଶାର ହେଲେ ଏହା ଉତ୍ତରପ୍ରଦେଶର ବୋଲି ପୁଲିସ୍ ତଦନ୍ତରେ ଜାଣିବାକୁ ପାଇଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଓଡି-୦୨ସିଜେ-୫୦୧୪ ନମ୍ବର ପ୍ଲେଟ୍ ଲଗାଥିବା ବାଇକ୍‌ଟି ଗତ ଚାରିଦିନ ହେଲା ସେଠାରେ ପାର୍କିଂ ହୋଇଥିଲା। କୌଣସି ଲୋକ ନେବାକୁ ନ ଆସିବାରୁ ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ଦେଖାଦେବା ପରେ ସେମାନେ ପୁଲିସ୍‌କୁ ଖବର ଦେଇଥିଲେ। ଏସ୍‌ଆଇ ମଦନମୋହନ ପରିଡ଼ାଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ବାଇକ୍‌କୁ ଜବତ କରି ଥାନାକୁ ଆଣିଥିଲା। ତଦନ୍ତ ସମୟରେ ଇଞ୍ଜିନ୍ ଓ ଚେସିସ୍ ନମ୍ବର ଯାଞ୍ଚ କରିବା ପରେ ଜଣାପଡ଼ିଛି ଯେ ଗାଡ଼ିଟି ଉତ୍ତରପ୍ରଦେଶର। ଓଡ଼ିଶା ନମ୍ବର ପ୍ଲେଟ୍ ଲଗାଇ ଏହାକୁ ବ୍ୟବହାର କରାଯାଇଥିବା ସନ୍ଦେହ କରାଯାଉଛି।



ପୁଲିସ୍ ଅନୁସନ୍ଧାନରେ ଜଣାପଡ଼ିଛି ଯେ ଉକ୍ତ ବାଇକ୍ ବାରିପଦା ସମେତ ବିଭିନ୍ନ ସ୍ଥାନରେ ଲୁଟ୍ ଓ ଛିନତାଇ ଘଟଣାରେ ବ୍ୟବହୃତ ହୋଇଛି। ପୁଲିସକୁ କିଛି ଠୋସ୍ ପ୍ରମାଣ ମଧ୍ୟ ମିଳିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଉତ୍ତରପ୍ରଦେଶରୁ ଗାଡ଼ି ଆଣି ଓଡ଼ିଶାରେ ନକଲି ନମ୍ବରପ୍ଲେଟ୍ ଲଗାଇ ଅପରାଧ କରିବା ପରେ ବାହାନଡ଼ା ଭଳି ଗ୍ରାମାଞ୍ଚଳରେ ଛାଡ଼ି ପଳାଇବା ପଛରେ କୌଣସି ସ୍ଥାନୀୟ ଲିଙ୍କ୍ ରହିଛି ତାହା ଠିକ୍ କି ନାହିଁ ତାହା ପୁଲିସ୍ ର ତଦନ୍ତ ସରିଲା ପରେ ଜଣାପଡ଼ିବ।

## ଟ୍ରେନ୍‌ରେ କଟିଗଲା ଯୁବକଙ୍କ ଗୋଡ଼

ବାରିକପୁର,୨୦।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସାନଶାସନ ପଞ୍ଚାୟତ ବଡ଼ କଣ୍ଟାପଡ଼ା ଗ୍ରାମର ଜଣେ ଯୁବକ ଟ୍ରେନ୍‌ଲାଇନ୍‌ରେ ପଡ଼ି ତାଙ୍କ ଗୋଡ଼ କଟିଯାଇଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନା ମୁତାବକ, ଗ୍ରାମର ପ୍ରଦ୍ୟୁମ୍ନ ଘୋଷ ଗତ ବୁଧବାର ନିଜ ସମ୍ପର୍କୀୟଙ୍କୁ ଟ୍ରେନ୍‌ରେ ବସାଇବା ପାଇଁ ଚରମ୍ପା ଷ୍ଟେସନ ଯାଇଥିଲେ। ବନ୍ଧୁଙ୍କୁ ଟ୍ରେନ୍‌ରେ ବସାଇବା ପରେ ତଳକୁ ଓହ୍ଲେଇବା ବେଳେ ପ୍ରଦ୍ୟୁମ୍ନ ହଠାତ୍ ଖସି ପଡ଼ିଥିଲେ। ଏହି ସମୟରେ ଟ୍ରେନ୍ ଗତି ଆରମ୍ଭ କରୁଥିବାବେଳେ ପ୍ରଦ୍ୟୁମ୍ନଙ୍କ ଗୋଡ଼ ଲାଇନ୍‌ରେ ପଡ଼ିଥିଲା। ଫଳରେ ଆଣ୍ଠୁ ତଳକୁ ଗୋଟିଏ ଗୋଡ଼ କଟି ଯାଇଥିବା ସୂଚନା ମିଳିଛି। ସେ ଏବେ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଟିକିଏ ଅସାବଧାନତା ଯେ କେତେ ଭୟଙ୍କର ହୋଇପାରେ ତାହା ଉକ୍ତ ଘଟଣାରୁ ଜଣାପଡ଼ିଛି।

## ବାଇକ୍‌କୁ ଧକ୍କା ଦେଲା ବସ୍; ଜଣେ ମୃତ

ବାରିକପୁର,୨୦।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଆଖୁଆପଦା ନିକଟରେ ଏକ ବାଇକ୍‌କୁ ଗୋଟିଏ ଦ୍ରୁତଗାମୀ ବସ୍ ଧକ୍କା ଦେବାରୁ ଜଣେ ଯୁବକଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପାଟୁଳି ପଞ୍ଚାୟତ ଲୁଣପଦୀ ଗାଁର ନିରାକାର ସ୍ୱାଇଁ(୪୨)। ସୂଚନା ମୁତାବକ, ଗତ ଶୁକ୍ରବାର ଦିନ ପ୍ରାୟ ୩ଟା ବେଳେ ନିରାକାର ଏକ ମୋଟର ସାଇକଲରେ ଦୁଇ ସାଙ୍ଗଙ୍କୁ ଧରି ଯାଜପୁରରୁ ଘରକୁ ଫେରୁଥିଲେ। ଏହି ସମୟରେ ଭୁବନେଶ୍ୱରରୁ ବାରିପଦା ବାଲେଶ୍ୱର ଯାଉଥିବା ଏକ ଦ୍ରୁତଗାମୀ ଯାତ୍ରୀବାହୀ ବସ୍ ବାଇକ୍‌ଟିକୁ ଶକ୍ତ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ବସ୍‌ଟି ମୋଟର ସାଇକଲଟିକୁ କିଛି ବାଟ ଘୋଷାରି ନେଇଥିଲା। ଫଳରେ ବାଇକ୍‌ରେ ଯାଉଥିବା ତିନିଜଣ ଯୁବକ ଆହତ ହୋଇଥିଲେ। ସମସ୍ତଙ୍କୁ ମେଡିକାଲ ନିଆଯାଇଥିବା ବେଳେ ସେଠାରେ ନିରାକାରଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବସ୍‌ଟି ଫେରାର୍ ଥିବାବେଳେ ଏନେଇ ଥାନାରେ ଅଭିଯୋଗ ହୋଇଛି।

## ଫୁଟିଲା ବ୍ରହ୍ମକମଳ; ଠାକୁରଙ୍କୁ ସମର୍ପଣ

ତୁରୁମୁଙ୍ଗା, ୨୦।୬(ସମିସ): ପ୍ରକୃତିର ଏକ ଅପୂର୍ବ ସୃଷ୍ଟି ଭାବେ ପରିଚିତ ଦୁର୍ଲଭ ବ୍ରହ୍ମକମଳ ଫୁଲ ଫୁଟିବା ପରେ ସାହାରପଡା ବ୍ଲକ କୁଣ୍ଡୁଳା ଗ୍ରାମରେ ଉତ୍ସାହର ପରିବେଶ ଦେଖିବାକୁ ମିଳିଛି। ଗ୍ରାମର ଫକୀର ଚରଣ ମହାନ୍ତଙ୍କ ଘରେ ଏହି ବିରଳ ଫୁଲ ଫୁଟିଥିବା ବେଳେ ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ରାତିରେ ଫୁଟି ସକାଳ ସୁଦ୍ଧା ମଉଳିଯାଉଥିବା ବ୍ରହ୍ମକମଳ ଫୁଲକୁ ଅନେକେ ଶୁଭ ଓ ପବିତ୍ରତାର ପ୍ରତୀକ ବୋଲି ମନେ କରନ୍ତି। ଏହା ଫୁଟିବା ଖବର ପ୍ରଚାର ହେବା ପରେ ଆଖପାଖ ଅଞ୍ଚଳର ଲୋକେ ଫକୀର ମହାନ୍ତଙ୍କ ଘରକୁ ଆସି ଫୁଲ ଦର୍ଶନ କରିଥିଲେ। ଫକୀରଙ୍କ ପରିବାର ଫୁଟିଥିବା ପ୍ରଥମ ଫୁଲକୁ ଠାକୁରଙ୍କୁ ସମର୍ପଣ କରିବା ପରେ ଏବେ ଆହୁରି ୨୪ଟି ଫୁଲ କଢ଼ ଫୁଟିବା ଅପେକ୍ଷାରେ ଅଛନ୍ତି। ବ୍ରହ୍ମକମଳର ମନୋମୁଗ୍ଧକର ସୌନ୍ଦର୍ଯ୍ୟ ଓ ସୁଗନ୍ଧ ଦେଖି ସମସ୍ତେ ଖୁସି ବ୍ୟକ୍ତ କରିଥିଲେ। ଗ୍ରାମରେ ଏଭଳି ଦୁର୍ଲଭ ଫୁଲ ଫୁଟିବା ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆଲୋଚନା ଦେଖାଦେଇଛି।



## ● ବମକୁରା ସେବା ସମବାୟ ସମିତି
## ତହସିଲ୍‌ଦାରଙ୍କ ଉପସ୍ଥିତିରେ ଖୋଲିଲା ତାଲା

ଧାମନଗର,୨୦।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ବମକୁରା ସୋସାଇଟିରେ ଗତ ଗୁରୁବାର ଜଣେ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା ପରେ ସମବାୟ ସମିତିରେ ପଡ଼ିଥିଲା ତାଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଧାମନଗର ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ଯୋଗାଣ ଇନ୍ସପେକ୍ଟର ସୁବ୍ରତ ଶତପଥୀ, ଧୂଷୁରୀ ଥାନା ଅଧିକାରୀ ଅଜୟ ବେଜ, ଧାମନଗର ବ୍ଲକ୍ ଯୋଗାଣ ଅଧିକାରୀ ପ୍ରୀତିଶ ରଞ୍ଜନ ସାମଲ ପ୍ରମୁଖ ସମବାୟ ସମିତିରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା ବୁଝାସୁଝା ପରେ ପଡ଼ିଥିବା ଚାବି ଖୋଲାଯାଇଥିଲା। ଚାଷୀଙ୍କ ଧାନ ବିକ୍ରି ସମସ୍ୟାର ସମାଧାନ ଲାଗି ପ୍ରଶାସନ ପକ୍ଷରୁ ଏକ ନୂତନ ପିପି ରାଇସ୍ ମିଲ୍‌କୁ ଏହି ସୋସାଇଟି ସହ ଅଟାଚ୍ କରାଯାଇଛି। ଯେଉଁ ଚାଷୀମାନଙ୍କର ଟୋକନ ଲାପ୍ସ ହୋଇଯାଇଥିଲା, ସେମାନଙ୍କ ନାମକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପୁଣିଥରେ ଯୋଡ଼ାଯାଇଛି ଏବଂ ଏଥିଲାଗି ଦୁଇ ହଜାର କ୍ୱିଣ୍ଟାଲ ଟାର୍ଗେଟ୍ ମଧ୍ୟ ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ, ସୋସାଇଟିର କର୍ମଚାରୀମାନେ ଅନୁପସ୍ଥିତ ରହିବା ଏବଂ କାର୍ଯ୍ୟରେ ଅବହେଳା କରୁଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ଏହାକୁ ଗମ୍ଭୀରତାର ସହ ନେଇ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଆଗକୁ ଯଦି କୌଣସି ଅନିୟମିତତା କିମ୍ବା ଭୁଲ୍ ଦେଖାଯାଏ, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ତାଗିଦ୍ କରାଯାଇଛି। ଅବହେଳା ଲାଗି କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

## ରାଇକମା ଜଙ୍ଗଲରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାରେ ପୁଲିସ ହାତ ଖାଲି

ବୈଶିଙ୍ଗା,୨୦।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ରାଇକମା ଗ୍ରାମ ଜଙ୍ଗଲରୁ ସୋମବାର ସକାଳେ ସନ୍ଦେହଜନକ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିବା ଘଟଣାରେ ଆଜି ଶୁକ୍ରବାର ସୁଦ୍ଧା କେହି ବି ଅଭିଯୁକ୍ତ ଧରାପଡିନାହାଁନ୍ତି। ମାତ୍ର ପୁଲିସର ତଦନ୍ତ ଜାରି ରହିଛି। ସୋମବାର ସକାଳେ ଉକ୍ତ ଜଙ୍ଗଲ ଭିତରକୁ କିଛି ବ୍ୟକ୍ତି ଯାଇଥିବାବେଳେ ଜଣେ ମହିଳାଙ୍କ ଗଳିତ ମୃତଦେହ ଦେଖିବାକୁ ପାଇଥିଲେ। ସେମାନେ ଗ୍ରାମବାସୀଙ୍କୁ ଖବର ଦେବା ସହ ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବାରିପଦାରୁ ସାଇଣ୍ଟିଫିକ ଟିମ ମଧ୍ୟ ମଧ୍ୟାହ୍ନରେ ପହଞ୍ଚି ଘଟଣାର ଛାନଭିନ କରିଥିଲା। ମୃତଦେହ ପ୍ରାୟ ଦୁଇତିନି ଦିନ ଧରି ଏଠାରେ ପଡ଼ି ରହିଥିବା ଯୋଗୁଁ ଶରୀରଟି ସମ୍ପୂର୍ଣ୍ଣ ପଚିଯାଇଥିଲା। ମହିଳାଙ୍କ ଶରୀରକୁ ଚିହ୍ନଟ କରିବା ସମ୍ଭବପର ହୋଇପାରୁ ନ ଥିଲା। ତଦନ୍ତ ପୂର୍ବକ ପରବର୍ତ୍ତୀ ସମୟରେ ଜାଣିବାକୁ ମିଳିଥିଲା କି ମୃତ ମହିଳା ଜଣକ ସ୍ୱର୍ଗତ ଦୁଲା ହାଁସଦାଙ୍କ ସ୍ତ୍ରୀ ମଙ୍ଗୁଳି ହାଁସଦା। ତାଙ୍କର ନିଜର ପିଲାମାନେ ଘଟଣାସ୍ଥଳରେ ପହଞ୍ଚି ମଙ୍ଗୁଳିର ମୃତଦେହକୁ ଚିହ୍ନିଥିଲେ। ପରେ ବୈଶିଙ୍ଗା ଥାନାରେ ୨୯/୨୦୨୬ରେ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି ବୈଶିଙ୍ଗା ପୁଲିସ। ମାତ୍ର କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା, କିଏ ମାରିଲା ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ଏହି ହତ୍ୟା ଘଟଣାରେ ଆଜି ପର୍ଯ୍ୟନ୍ତ କେହି ଜଣେ ହେଲେ ବି ଅଭିଯୁକ୍ତ ଧରା ନ ପଡିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ବୋଲି କୁହାଯାଉଛି।

## ଥାନା ସମ୍ମୁଖରେ ଯୁବକଙ୍କ ଆତ୍ମହତ୍ୟା

କୁଳିଅଣା,୨୦।୬(ସମିସ): କୁଳିଅଣା ଥାନା ସମ୍ମୁଖରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। କୁଳିଅଣା ଥାନା ଅନ୍ତର୍ଗତ କାମତା ଗ୍ରାମର ଶିବପ୍ରସାଦ ବାରିକଙ୍କୁ ଆଜି ସନ୍ଧ୍ୟାରେ ଥାନା ସମ୍ମୁଖରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ସେ ଓ ତାଙ୍କ ସ୍ତ୍ରୀ ଆଜି ଥାନାକୁ ଆସିଥିଲେ। କିଛି ସମୟ ପରେ ସେ ଥାନାରୁ ବାହାରି ଥାନା ସମ୍ମୁଖରେ ଥିବା ପୁରୁଣା ଫରେଷ୍ଟ ଅଫିସ ପଛ ପଟେ ଏକ ଗଛରେ ଗାମୁଛାରେ ଝୁଲି ପଡ଼ିଥିଲେ। ଏହାର କାରଣ ଏବେବି ସ୍ପଷ୍ଟ ହୋଇ ନ ଥିବାବେଳେ ବୋଲେରୋ ଚୋରି ଘଟଣା ପାଇଁ ହିଁ ଆତ୍ମହତ୍ୟା କରିଥିବା ନେଇ ସବୁଆଡେ ଚର୍ଚ୍ଚା ହେଉଛି। ଗତ କିଛିଦିନ ତଳେ କୁଳିଅଣା ଅଞ୍ଚଳରୁ ଏକ ବୋଲେରୋ ଚୋରି ହୋଇଥିଲା। ଏହି ଗାଡ଼ିଟି ତାଙ୍କ ସମ୍ପର୍କୀୟଙ୍କ ଯାହାକି ଲିଜ ସୂତ୍ରରେ କୁଳିଅଣା ଅଞ୍ଚଳର ଯୁବକଙ୍କୁ ଶିବପ୍ରସାଦଙ୍କ ମାର୍ଫତରେ ଦେଇଥିଲେ। ଚୋରି ହୋଇଯିବା ପରେ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ଗାଡ଼ିକୁ ଖୋଜି ପାଇବାରେ ପୁଲିସ ସମର୍ଥ ହୋଇ ନ ଥିବାବେଳେ ସେ ବିରକ୍ତ ହୋଇ ଥାନାରେ ମଧ୍ୟ ଧାରଣାରେ ବସିଥିଲେ। ଗାଡ଼ିକୁ ଖୋଜିବାରେ ପୁଲିସ ଭରସା ଦେଇଥିଲେ। ମାତ୍ର ଆଜି ହଠାତ୍ କ'ଣ ପାଇଁ ଶିବପ୍ରସାଦ ଏତେବଡ ପଦକ୍ଷେପ ନେଲେ ତାହା ସମସ୍ତଙ୍କ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବଜ୍ରାଘାତରେ ୫ ମଇଁଷୀ ମୃତ



ତେଲକୋଇ, ୨୦।୬(ସମିସ): ତେଲକୋଇ ଥାନା ତାଳପଦା ପଞ୍ଚାୟତ ଗୁଡ଼ିନର୍ଦ୍ଦା ଗ୍ରାମରେ ବଜ୍ରାଘାତ ଯୋଗୁଁ ୫ଟି ମଇଁଷୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଶିବ ମହାକୁଡଙ୍କ ମଇଁଷୀ ଗତ ଶୁକ୍ରବାର ନିକଟସ୍ଥ ଗୁମ୍ଫା ଚଟିରି ଜଙ୍ଗଲରେ ଚରୁଥିବା ବେଳେ ବଜ୍ରାଘାତରେ ଶିକାର ହୋଇଥିଲେ। ଏଥିରେ ୪ଟି ମଇଁଷୀ ଓ ଗୋଟିଏ ପଣ୍ଡାର ମୃତ୍ୟୁ ହୋଇଛି। ମଇଁଷୀ ଚରାଉଥିବା ବଗୁଲୁ ମହ୍ଲାର ଓ ନାଲୁ ମହାକୁଡ଼ ବଜ୍ରାଘାତରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ଶିବ ମହାକୁଡ଼ ୧୦ ବର୍ଷ ହେବ ଗୁଡ଼ିନର୍ଦ୍ଦାରେ ରହି ମଇଁଷୀ ଚାଷ କରୁଥିବା ବେଳେ ଏହି ପ୍ରାକୃତିକ ବିପର୍ଯ୍ୟୟ ତାଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଏଥିରେ ତାଙ୍କର ଲକ୍ଷାଧିକ ଟଙ୍କା କ୍ଷତି ହୋଇଥିବା ସେ ଅଭିଯୋଗ ଆଣିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

## ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ତେଲକୋଇ, ୨୦।୬(ସମିସ): ତେଲକୋଇ ଥାନା ଓରିଆ ବିରିଡା ପଞ୍ଚାୟତ ଓରିଆ କିଶାନ ସାହିରେ ଜଣେ ମହିଳା ବିଷାକ୍ତ ଚେର ମୂଳି ଖାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପାରିବାରିକ କଳହ ଯୋଗୁଁ ମହିଳା ଜଣଙ୍କ ଆତ୍ମହତ୍ୟା କରିଥିବା କୁହାଯାଉଛି। ମୃତକ ହେଲେ ନୂତନ କିଶାନଙ୍କ ପତ୍ନୀ ଜାନକୀ କିଶାନ (୩୨)। ପରିବାର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଥିଲା। ତେଲକୋଇ ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହିତ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

### ଚିତ୍ରଡା ଫାଣ୍ଡି ଅଞ୍ଚଳରୁ ମୋରଡ଼ା ଥାନାର ୬୦ ପ୍ରତିଶତ ମାମଲା

# ଚିତ୍ରଡାରେ ଥାନା ଓ ମୋହନପୁରରେ ଫାଣ୍ଡି ପ୍ରତିଷ୍ଠା ଦାବି

ମୋରଡ଼ା,୨୦।୬(ସମିସ)

ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅନ୍ତର୍ଗତ ଚିତ୍ରଡା ଫାଣ୍ଡି ଅଞ୍ଚଳରେ ବଢ଼ିଚାଲିଛି ଅପରାଧିକ କାର୍ଯ୍ୟକଳାପ। ଚୋରି, ଡକାୟତି, ମଦୁଆ ଓ ଲୁଟେରାଙ୍କ ପାଇଁ ପ୍ରତ୍ୟେକ ଦିନ ଛୋଟବଡ଼ ଅପରାଧିକ କାର୍ଯ୍ୟକଳାପ ହେଉଛି। ଚିତ୍ରଡା-ବାରିପଦା ୬୧ନଂ ରାଜ୍ୟ ରାଜପଥର ବିଭିନ୍ନ ନିଛାଟିଆ ରାସ୍ତାରେ ଉଭୟ ମହିଳା ଓ ପୁରୁଷଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇ ଲୁଟ୍ ତରାଜ ହେଉଥିବା ଖବର ମଧ୍ୟ ରହିଛି। ଏପରିକି ଚାଷଜମିରେ ଲାଗିଥିବା ମୋଟର ପମ୍ପ, ଟ୍ରାନ୍ସଫର୍ମର, ସୋଲାର ସିଷ୍ଟମ୍, ସାଇକଲ, ବାଇକ୍ ସହିତ ଟ୍ରାକ୍ଟର ବ୍ୟାଟେରିକୁ ଦୁର୍ବୃତ୍ତ ଚୋରି କରିନେଉଛନ୍ତି। ମାରଣାସ୍ତ୍ରରେ ଲୋକଙ୍କୁ ଆକ୍ରମଣ ଘଟଣା ଦୀର୍ଘ ବର୍ଷ ହେଲା ଏଭଳି ଅପରାଧିକ କାର୍ଯ୍ୟକଳାପ ଚିତ୍ରଡା ଫାଣ୍ଡି ଅଞ୍ଚଳରେ ଘଟି ଚାଲିଛି। ମୋରଡ଼ା ନିର୍ବାଚନମଣ୍ଡଳୀର ମୁଖ୍ୟ ସ୍ଥାନ ଭାବେ ଚିତ୍ରଡ଼ା ଜଣାଶୁଣା ରହିଛି। ଉକ୍ତ ନିର୍ବାଚନମଣ୍ଡଳୀ ଖୋଦ କ୍ୟାବିନେଟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ବାଚନମଣ୍ଡଳୀ ହୋଇଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀ ଫାଣ୍ଡିକୁ ସରକାରଙ୍କ ଆଦର୍ଶ ଥାନା ଯୋଜନାରେ ସାମିଲ କରାଇ ନୂତନ ଥାନା ନିର୍ମାଣ ପାଇଁ ପ୍ରଶାସନ ଜରିଆରେ ବାରମ୍ବାର ଦାବି କରିଆସୁଛନ୍ତି। କିନ୍ତୁ କୌଣସି ସୁଫଳ ମିଳିପାରୁ ନ ଥିବା ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଦିନକୁ ଦିନ ଏଠି ଚୋର, ଡ଼କାୟତ, ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଫଳରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। କୌଣସି ଲୋକ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ତେଣୁ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଚିତ୍ରଡା ଫାଣ୍ଡିକୁ ଥାନାରେ ପରିବର୍ତ୍ତନ ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି।

### ସେମାନେ ଯାହା କୁହନ୍ତି...




ଚିତ୍ରଡା ଫାଣ୍ଡି ଅଞ୍ଚଳରେ ଦୀର୍ଘ ବର୍ଷଠାରୁ ଚୋରି, ଡକାୟତି, ହତ୍ୟା, ଅପହରଣ ଓ ନିଶା କାରବାର ଭଳି ଜଘନ୍ୟ ଅପରାଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ସରକାରଙ୍କୁ ବହୁବାର ଦାବି ଜଣାଇଆସୁଛୁ। ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ସରକାରଙ୍କ ପର୍ଯ୍ୟନ୍ତ ଫାଣ୍ଡିକୁ ଥାନାରେ ପରିବର୍ତ୍ତନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଭଳି ସ୍ଥିତି ଜାରି ରହିଲେ ଅଞ୍ଚଳବାସୀ ଶାନ୍ତିରେ ରହିପାରିବେ ନାହିଁ ଓ ଘରୁ ବାହାରିବାକୁ ଭୟ କରିବେ।

**ଅସିତ କୁମାର ବେହେରା, ଯୁବ କଂଗ୍ରେସ ନେତା**

ମୋରଡ଼ା ବ୍ଲକ୍‌ର ସଦର ମହକୁମା ଚିତ୍ରଡା ହୋଇଥିବାବେଳେ ଚିତ୍ରଡା ଫାଣ୍ଡି ଅଞ୍ଚଳରେ ଗତ କିଛିଦିନ ପୂର୍ବେ ଅଧିକାଂଶ ଟ୍ରାକ୍ଟର ଗାଡ଼ିରୁ ବ୍ୟାଟେରି ଚୋରି ସହ ବିଭିନ୍ନ ଟ୍ରାନ୍ସଫର୍ମରରୁ କୋଏଲ ଚୋରି କରି ଦୁର୍ବୃତ୍ତମାନେ ଆତଙ୍କ ଖେଳାଇଥିଲେ। ଏତଦ୍‌ବ୍ୟତୀତ ନୂତନ ସରକାର ସମୟରେ କିଛିମାସ ପୂର୍ବେ ଜଣେ ଲୋଧା ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରି ଫାଣ୍ଡିରୁ ୩ ଶହ ମିଟର ଦୂର ଜଙ୍ଗଲରେ ଫିଙ୍ଗିଥିବା ଖବର ଅଞ୍ଚଳବାସୀଙ୍କୁ ଭୟଭୀତ କରିଥିଲା। ତେଣୁ ଚିତ୍ରଡା ଫାଣ୍ଡିକୁ ଥାନା ରେ ରୂପାନ୍ତରିତ କରାଯିବା ଆବଶ୍ୟକତା ରହିଛି।

**ସେକ ମୁସ୍ତୋଫା, ବରିଷ୍ଠ ସମାଜସେବୀ**

ଐତିହାସିକ ଗ୍ରାମ ଚିତ୍ରଡା ଆଜି ଚୋର, ତସ୍କର, ଡକାୟତଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଯାହା ଏକ ଦୁଃଖର ବିଷୟ। ତେବେ ମୋରଡ଼ା ବ୍ଲକର ଚିତ୍ରଡା ହେଉଛି ୨୦ଟି ପଞ୍ଚାୟତର ଏକ ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ଓ ସଦର ମହକୁମା। ଏ ଅଞ୍ଚଳରେ ବାରମ୍ବାର ବିଭିନ୍ନ ପ୍ରକାର ଅପରାଧିକ କାର୍ଯ୍ୟକଳାପ ହେଉଥିବାରୁ ହାଟକୁ ମଧ୍ୟ ବାହାର ବ୍ୟବସାୟୀ ଆସୁନାହାନ୍ତି। ଚିତ୍ରଡା ଓ ୧୨ଟି ପଞ୍ଚାୟତର ଲୋକ ସରକାରଙ୍କୁ ଚିତ୍ରଡା ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ଦାବି କରିଆସୁଥିଲେ ସୁଦ୍ଧା ଦାବି ପୂରଣ କରାନଯିବା ପରିତାପର ବିଷୟ।

**ସଞ୍ଜୟ ବେହେରା, ଚିତ୍ରଡା ବଜାର ବ୍ୟବସାୟୀ**

### ବସ୍‌ଷ୍ଟପ, ବିଦ୍ୟାଳୟ, ମନ୍ଦିର ଓ ଜନବସତି ପ୍ରଭାବିତ

# ବ୍ରିଜ୍ ଛକରୁ ମଦ ଦୋକାନ ସ୍ଥାନାନ୍ତର ଦାବି

ଆନନ୍ଦପୁର, ୨୦।୬(ସମିସ): ଆନନ୍ଦପୁର ବ୍ରିଜଛକ ରାସ୍ତାପାର୍ଶ୍ୱରେ ଥିବା ବିଦେଶୀ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ନିମନ୍ତେ ସ୍ଥାନୀୟ ଜନସାଧାରଣ ବାରମ୍ବାର ଦାବି କରୁଥିଲେ ମଧ୍ୟ ପ୍ରଶାସନିକ ନିରବତା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦେଶୀ ମଦ ଦୋକାନ ମାଧ୍ୟମରେ ସରକାର ରାଜସ୍ୱ ଆୟ କରୁଛନ୍ତି। ଏହି ରାଜସ୍ୱ ଆମର ବିକାଶ କାର୍ଯ୍ୟରେ ଲାଗୁଛି। ବିଦେଶୀ ମଦ ଦୋକାନକୁ ବିରୋଧ କରୁନାହୁଁ। ହେଲେ ଏହାକୁ ଜନଗହଳିଠାରୁ ଅନ୍ୟତ୍ର ସ୍ଥାନାନ୍ତର ଦାବି କରୁଛୁ ବୋଲି ଅଞ୍ଚଳବାସୀ ଲିଖିତ ଅଭିଯୋଗ କରିଛନ୍ତି। ଏହି ମଦ ଦୋକାନଠାରୁ ମାତ୍ର ୫୦ ମି. ଦୂରରେ ବ୍ରଜବନ୍ଧୁ ବିଦ୍ୟାପୀଠ ରହିଛି। ମଦ ଦୋକାନ ସଂଲଗ୍ନ ଆନନ୍ଦପୁର ପୌରପରିଷଦର କଲ୍ୟାଣ ମଣ୍ଡପ ରହିଛି। ଏହି ମଦ ଦୋକାନ ସଂଲଗ୍ନ ରାସ୍ତା ଦେଇ ନୈକିକ ଶ୍ରଦ୍ଧାଳୁମାନେ ଉତରେଶ୍ୱର ଶୈବ ପିଠକୁ ଯାତାୟତ କରିଥାନ୍ତି। ଏପରିକି ବ୍ରଜଛକ ଏକ ଗୁରୁତ୍ୱପୂର୍ଣ୍ଣ ଛକ ଭାବେ ସବୁ ସମୟରେ ଜନଗହଳିପୂର୍ଣ୍ଣ ହୋଇ ରହୁଛି। ଏସବୁ କାରଣରୁ ୫୩ ନଂ ରାଜପଥ ପାର୍ଶ୍ୱରେ ଲାଗିକରି ରହିଥିବା ଏହି ବିଦେଶୀ ମଦ ଦୋକାନ ସବୁ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଆସୁଛି। ଛାତ୍ରଛାତ୍ରୀମାନଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବାବେଳେ ମହିଳାମାନେ ସୁରକ୍ଷିତ ଯାତାୟାତ କରିବାରେ ସମସ୍ୟା ଭୋଗ କରୁଛନ୍ତି। କଲ୍ୟାଣମଣ୍ଡପରେ ବିବାହ, ବ୍ରତଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଲୋକଙ୍କ ଭିଡ ଲାଗି ରହୁଥିବାରୁ ବିଦେଶୀ ମଦ ଦୋକାନ ପାଇଁ ଅସାମାଜିକଙ୍କ ଦୌରାତ୍ମ୍ୟ ନାନା ସମସ୍ୟା ସୃଷ୍ଟି କରୁଛି। ଏହାସହିତ ମଦ ଦୋକାନ ସଂଲଗ୍ନ ଅନେକ ଦୋକାନ ଗଢି ଉଠିବା ଫଳରେ ମଦ୍ୟପଙ୍କ ଦୌରାତ୍ମ୍ୟ ଦିନକୁ ଦିନ ଅସହ୍ୟ ହେବାରେ ଲାଗିଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଗୁରୁତର ସହିତ ବିଚାର କରି ଏହାକୁ ସହରର ଖୋଲାମେଲା ସ୍ଥାନକୁ ସ୍ଥାନାନ୍ତର କରାଇବାର ବ୍ୟବସ୍ଥା ଗ୍ରହଣ କରାଇବାକୁ ସ୍ଥାନୀୟ ଅଧିବାସୀ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ଏସପି, କେନ୍ଦୁଝରଏବଂ ଜିଲ୍ଲା ଅବକାରୀ ଅଧିକାରୀଙ୍କଠାରେ ଦାବି ଜଣାଇଛନ୍ତି।



## ସାକ୍ଷାତକାର

# ‘ନିଜକୁ ବଡ଼ ପରଦାରେ ଦେଖିବା ମୋର ଲକ୍ଷ୍ୟ’

**ପାୟେଲିଆ ରାଉତରାୟ, ଅଭିନେତ୍ରୀ**

ମଞ୍ଚରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ହୃଦୟ ସେ ଜିଣୁଥିଲେ । ପରବର୍ତ୍ତୀ ସମୟରେ ସେ ରଙ୍ଗିନ ଦୁନିଆକୁ ଟାଣି ହୋଇ ଆସିଲେ । ଭୁବନେଶ୍ୱରର ପାୟେଲିଆ ରାଉତରାୟ ହାଇଦ୍ରାବାଦ୍‌ର ଏକ ଆଇଟି କମ୍ପାନୀରେ କାର୍ଯ୍ୟରତ । ହେଲେ ନିଶା ତାଙ୍କର ଅଭିନୟ କରିବା । ସେ ଏକାଧିକ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛନ୍ତି । ତାଙ୍କ ଅଭିନୀତ ‘ତୋର ଲକ୍ଷେ ଟଙ୍କିଆ ହସ’ ଗୀତଟି ହିଟ୍ ହୋଇଥିଲା । ନିକଟରେ ଓଡ଼ିଆ ସିନେମା ‘କାଙ୍ଗୁଲା’ର ‘ଅନୁଗୁଳର ଟୁକୁଲି...’ ଆଇଟମ୍ ଗୀତରେ ଦର୍ଶକଙ୍କୁ ମତୁଆଲା କରିଥିଲେ ପାୟେଲିଆ । ତେବେ ଆଇଟି କର୍ମଚାରୀ ସହିତ ଏ ରଙ୍ଗିନ ଦୁନିଆରେ ଅଭିନୟର ଯାତ୍ରା କିପରି ଥିଲା, ଜାଣିବା ତାଙ୍କ ମୁହଁରୁ ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ମ୍ୟୁଜିକ୍ ଭିଡିଓ ହଠାତ୍ ଏ ଦିଗ ପ୍ରତି କାହିଁକି ଆଗ୍ରହ ପ୍ରକାଶ କଲେ ?**

● ଏକ ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ । ବାପା ଭାରତୀୟ ସେନାରେ କାର୍ଯ୍ୟରତ ଥିଲେ । ମୁଁ ଛୋଟ ବେଳୁ ପାଠପଢ଼ା ସହିତ ଓଡ଼ିଶୀ ନୃତ୍ୟ ଶିଖୁଥିଲି । ମଞ୍ଚରେ ନୃତ୍ୟ ପରିବେଷଣ କରୁଥିଲି । ସମୟକ୍ରମେ ଘରେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବାକୁ କହିଲେ । ତେଣୁ କିଛି ଦିନ ପାଇଁ ମୁଁ ନାଚଗୀତରୁ ଦୂରେଇ ଯାଇଥିଲି । ପରବର୍ତ୍ତୀ ସମୟରେ ହିନ୍ଦୀ କଣ୍ଟେଣ୍ଟରେ ଟିକ୍‌ଟକ୍ ଭିଡ଼ିଓ ତିଆରି କରିବା ଆରମ୍ଭ କଲି । ମୋର ପ୍ରଶଂସକ ୪.୩ ମିଲିୟନ୍ ଥିଲେ । ସୌଭାଗ୍ୟବଶତଃ ଲକ୍‌ଡାଉନ୍ ସମୟରେ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ମୋତେ ସୁଯୋଗ ମିଳିଲା । ‘ଓଃ କି ଦୁଃଖ’, ‘ତୋର ଲକ୍ଷେ ଟଙ୍କିଆ ହସ’ ସହିତ ପ୍ରାୟ ୧୫ଟି ମ୍ୟୁଜିକ୍ ଭିଡ଼ିଓରେ ମୁଁ କାମ କରିଛି । ତନ୍ମଧ୍ୟରୁ ଅନେକ ଗୀତ ହିଟ୍ ମଧ୍ୟ ହୋଇଛି ।

**‘କାଙ୍ଗୁଲା’ ସିନେମାରେ ଆଇଟମ୍ ଗୀତ ‘ଅନୁଗୁଳର ଟୁକୁଲି...’ର ସୁଯୋଗ କେମିତି ପାଇଲେ?**

● ଅଶ୍ୱିନୀ ଭାଇ ଫୋନ୍ କରି ମୋତେ ଏହି ଗୀତ ବିଷୟରେ କହିଥିଲେ । ଗୀତର ଟାଇଟଲ୍ ସମସ୍ତଙ୍କ ହୃଦୟକୁ ଛୁଇଁବ ବୋଲି ଅନୁଭବ କରିଥିଲି । କୋରିଓଗ୍ରାଫର୍ ଫିରୋଜ ସାର୍‌ଙ୍କ ମାର୍ଗଦର୍ଶନରେ ଗୀତ ପାଇଁ ବହୁତ ଭଲ ଭାବେ ଅଭ୍ୟାସ କରିଥିଲି । ଏହି ଗୀତ ସୁଟିଂ ସମୟରେ ଅନୁଗୁଳରେ ପ୍ରବଳ ଶୀତ ହେଉଥାଏ । ତେଣୁ ସଟ୍ ଦେବା ସମୟରେ ପ୍ରବଳ ଥଣ୍ଡା ଲାଗୁଥାଏ । ସୁଟିଂର ଶେଷ ଦିନରେ ସମ୍ବିତ ଭାଇ ଯୋଗ ଦେଇଥିଲେ । ତାଙ୍କୁ ବି ଜ୍ୱର ହୋଇଯାଇଥିଲା । ଏହି ଗୀତ ସୁଟିଂ କରିବା ଆଦୌ ସହଜ ନଥିଲା । ଏହା ମୋ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ ।

**ଗୀତ ହିଟ୍ ହେବା ପରେ କେତେ ଖୁସି ଥିଲେ?**

● ହଲ୍‌ରେ ଦର୍ଶକ ‘କାଙ୍ଗୁଲା’ ଫିଲ୍ମରେ ‘ଅନୁଗୁଳର ଟୁକୁଲି...’ ଗୀତଟି କେବେ ଆସିବ ବୋଲି ଅପେକ୍ଷା କରି ରହୁଥିଲେ । ଗୀତର ତାଳେ ତାଳେ ଦର୍ଶକ ନାଚୁଥିବାର ଦୃଶ୍ୟ ମୋତେ ବହୁତ ଖୁସି ଦେଇଥିଲା । ମୋର ସୌଭାଗ୍ୟ ଯେ, ଏହି ଗୀତ ପାଇଁ ମୋତେ ଏବେ ଲୋକେ ‘ଅନୁଗୁଳର ଟୁକୁଲି’ ନାଁରେ ଲୋକେ ଜାଣୁଛନ୍ତି ।

**ପ୍ରଥମ ପାରିଶ୍ରମିକ କ’ଣ କରିଥିଲେ?**

● ବ୍ରହ୍ମପୁରର ‘ଶ୍ରୀ ଅର୍ଣ୍ଣାମେଣ୍ଟ ଜୁଏଲାରୀ’ର ବ୍ରାଣ୍ଡ ଆମ୍ବାସାଡାର ଥିଲି । ସେଥିରୁ ମୋତେ ପ୍ରଥମ ଥର ପାଇଁ ୧୨ ହଜାର ଟଙ୍କା ମିଳିଥିଲା । ସେ ସବୁ ମୁଁ ଘରେ ଦେଇଥିଲି । ଟ୍ରେନ୍‌ରେ ହାଇଦ୍ରାବାଦ୍ ଯିବା ସମୟରେ ରାସ୍ତାରେ ମୋର ବଡ଼ ବଡ଼ ପୋଷ୍ଟର ଦେଖି ମୁଁ ବହୁତ ଖୁସି ହୋଇଯାଇଥିଲି ।

**ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି?**

● ପ୍ରତ୍ୟେକ କଳାକାରଙ୍କ ପରି ମୁଁ ମଧ୍ୟ ଗୋଟିଏ ପାହାଚରୁ ଆଉ ଗୋଟିଏ ପାହାଚକୁ ଅତିକ୍ରମ କରିବାକୁ ଇଚ୍ଛା ରଖିଛି । ବଡ଼ ପରଦାରେ ନିଜକୁ ଦେଖିବାକୁ ଲକ୍ଷ୍ୟ ରଖି କଠିନ ପରିଶ୍ରମ କରୁଛି । ଦର୍ପଣ ସାମ୍ନାରେ ମୁଁ ଅଭ୍ୟାସ କରୁଛି । ଭବିଷ୍ୟତରେ ବି ଭଲ କାମ ମିଳିଲେ ତାହାକୁ ନିଖୁଣ ଭାବେ ଫୁଟାଇ ପାରିବି ବୋଲି ଆଶା ରଖିଛି । ତା’ ସହିତ ମ୍ୟୁଜିକ୍ ଭିଡିଓ ଓ ଚାକିରି ଜାରି ରହିବ ।

**ଚାକିରି ଆଉ ଅଭିନୟ ଦୁଇଟି ଭିତରେ କେମିତି ସମୟ ପରିଚାଳନା କରନ୍ତି?**

● ଅଭିୟନ ଓ ନୃତ୍ୟ ଦୁଇଟି ମୋ ଜୀବନ । ଚାକିରି କଲେ ବି କାର୍ଯ୍ୟ ବ୍ୟସ୍ତତା ଭିତରେ ଅଭିନୟ କରିବାକୁ ସମୟ ବାହାର କରେ । ଅଫିସ୍ ତରଫରୁ ମଧ୍ୟ ମୋତେ ସହଯୋଗ ମିଳେ ।

**ପାୟେଲିଆ ଫିଟ୍ ରହିବାକୁ କ’ଣ କରନ୍ତି?**

● ମୁଁ ପ୍ରତିଦିନ ଜିମ୍ ଯାଏ । ସନ୍ତୁଳିତ ଖାଦ୍ୟପେୟ ସହିତ ଶରୀର ପାଇଁ ଆବଶ୍ୟକ ମୁତାବକ ପାଣି ପିଏ । ■





# ସାରାରାତି ନଦୀ କୂଳରେ ସୁନୀଲ

ଅଭିନୟ ଓ କମେଡି ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିଛନ୍ତି ଲୋକପ୍ରିୟ ହାସ୍ୟାଭିନେତା ସୁନୀଲ ଗ୍ରୋଭର । ସବୁ ଚରିତ୍ରରେ ସେ ଖୁବ୍ ନିଖୁଣ ଅଭିନୟ କରିଥାନ୍ତି । ତେବେ ଏବେ ସେ ଅଭିନୟ ପାଇଁ ନୁହଁନ୍ତି, ବରଂ ନିଜ ଜୀବନଶୈଳୀକୁ ନେଇ ଚର୍ଚ୍ଚାରେ ଅଛନ୍ତି । ସୁନୀଲ ନିଜର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଭିଡିଓଟିକୁ ଅତ୍ୟନ୍ତ ସନ୍ତୋଷଜନକ ବୋଲି କୁହାଯାଉଛି । ଭିଡିଓରେ ଦେଖିବାକୁ ମିଳିଛି କୌଣସି ଷ୍ଟାର୍‌ଡମ୍ ବିନା ସୁନୀଲ ଏକ ନଦୀ କୂଳରେ ରାତିରେ ଚଟାଣରେ ଶୋଇ ଅତିବାହିତ କରିଛନ୍ତି । ତାଙ୍କର ଏହି ସରଳ ଜୀବନ ହିଁ ଦର୍ଶକଙ୍କ ମନ ଜିଣିଛି । ସେହିପରି ସୁନୀଲଙ୍କ ଆଖପାଖରେ ଅନ୍ୟ ଶ୍ରଦ୍ଧାଳୁମାନେ ଶୋଇଥିବା ନଜର ଆସିଛନ୍ତି । ଅନ୍ୟପଟେ ଏହା କେଉଁ ସ୍ଥାନ, ତାହାର ଖୁଲାସା ସୁନୀଲ କରି ନାହାନ୍ତି । ■




# ସାକ୍ଷାତକାର ଦେବେନି ରଣବୀର

‘ଡନ୍-୩’ ଫିଲ୍ମକୁ ନେଇ ଚାଲିଥିବା ବିବାଦ ଏବଂ ସୋସିଆଲ୍ ମିଡିଆ ଟ୍ରୋଲିଂ ମଧ୍ୟରେ ମୁଖ୍ୟ ଅଭିନେତା ରଣବୀର ସିଂହ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଫିଲ୍ମକୁ ନେଇ ବଢୁଥିବା ବିବାଦରୁ ରକ୍ଷା ପାଇବା ଲାଗି ସେ ୧୮ ମାସ ଅର୍ଥାତ ଦେଢ଼ ବର୍ଷ ପର୍ଯ୍ୟନ୍ତ ଗଣମାଧ୍ୟମକୁ କୌଣସି ପ୍ରକାର ସାକ୍ଷାତକାର ଦେବେ ନାହିଁ । କୌଣସି ବିବାଦ ଉପରେ ସେ ଦୃଷ୍ଟି ନ ଦେଇ ନିଜର ଚରିତ୍ର ଓ ଫିଲ୍ମ ସୁଟିଂ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହିଁଛନ୍ତି । ସେହିପରି ଏବେ ସେ କୌଣସି ପ୍ରକାର ନୂଆ ସାକ୍ଷାତକାର ଦେବା ଲାଗି ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି । ଏହାବାଦ୍ କଥାବାର୍ତ୍ତାର ସମସ୍ତ ପ୍ରସ୍ତାବକୁ ବି ରଣବୀର ଏଡ଼ାଇ ଦେଇଛନ୍ତି । ତେଣୁ ଆଗାମୀ ଦିନରେ ମିଡିଆ ସହିତ ସାମ୍ନାସାମ୍ନି ହେବାର ତାଙ୍କର କୌଣସି ଆଶଙ୍କା ନାହିଁ । ଅନ୍ୟପଟେ ଯଦି ଏହି କଥା ସତ ହୁଏ, ତେବେ ଫିଲ୍ମ ନିର୍ମାତା ଜୟ ମେହଟାଙ୍କ ଆଗାମୀ ବଡ଼ ଫିଲ୍ମ ‘ପ୍ରଳୟ’ ରିଲିଜ ପର୍ଯ୍ୟନ୍ତ ମିଡିଆଠାରୁ ରଣବୀର ପୂରା ଦୂରତ୍ୱ ରକ୍ଷା କରିପାରନ୍ତି । ■

# ସଲମାନଙ୍କ ନୂଆ ଲୁକ୍

ବଲିଉଡ୍ ଅଭିନେତା ଅମିର ଖାନ୍‌ଙ୍କ ଅଭିନୀତ ସିନେମା ‘ଲଗାନ୍’ ୨୫ ବର୍ଷ ପୂରଣ କରିଛି । ଫିଲ୍ମଟିକୁ ପୁଣି ଥରେ ରିଲିଜ୍ କରାଯାଇଛି । ତେବେ ଏହି କାର୍ଯ୍ୟକ୍ରମରେ ଅମିରଙ୍କ ଭଲ ବନ୍ଧୁ ସଲମାନ ଖାନ ବି ସାମିଲ ହୋଇଥିଲେ । ଏଥିରେ ସଲମାନଙ୍କ ନୂଆ ଲୁକ୍‌କୁ ଦେଖି ନିଜେ ଅମିର ଓ କରୀନାଙ୍କ ବ୍ୟତୀତ ଅନ୍ୟମାନେ ବି ଆଶ୍ଚର୍ଯ୍ୟ ହୋଇଛନ୍ତି । ସଲମାନ ଛୋଟ କେଶ, ଲେଦର ବ୍ଲାକ୍ ଜ୍ୟାକେଟ୍ ଏବଂ ଟ୍ରିମ୍ ଦାଢ଼ିରେ ନଜର ଆସିଛନ୍ତି । ଅବଶ୍ୟ ଏହି ନୂଆ ଲୁକ୍‌ରେ ସଲମାନ ଖୁବ୍ ଫିଟ୍ ଓ ହ୍ୟାଣ୍ଡସମ୍ ଲାଗୁଛନ୍ତି । ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମର ଫଟୋ ତଥା ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଏହାସହ ତାଙ୍କ ଲୁକ୍‌କୁ ନେଇ ଖୁବ୍ ଚର୍ଚ୍ଚା ହେଉଛି । ■



# ରଶ୍ମିକା ବଦଳାଇଲେ ନାଁ


ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବେ ‘କକ୍‌ଟେଲ୍-୨’ର ପ୍ରମୋସନ୍‌ରେ ବ୍ୟସ୍ତ ଅଛନ୍ତି । ଏହି ଫିଲ୍ମରେ ସେ ପ୍ରଥମଥର ପାଇଁ ଅଭିନେତା ଶାହିଦ କପୁର ଏବଂ କୃତି ସେନନଙ୍କ ସହିତ ସ୍କ୍ରିନ ସେୟାର୍ କରିଛନ୍ତି । ଏହାରି ଭିତରେ ରଶ୍ମିକା ନିଜ ନାମ ବଦଳାଇଛନ୍ତି । ନିଜ ନାଁକୁ ନେଇ ସେ ସାମାଜିକ ଗଣମାଧ୍ୟମରେ ଏକ ବିଶେଷ ପୋଷ୍ଟ ସେୟାର୍ କରିଛନ୍ତି । ରଶ୍ମିକା ତେଲେଙ୍ଗାନା ଛାତ୍ରବୃତ୍ତି କାର୍ଯ୍ୟକ୍ରମରେ ବିଜୟ ଦେବରକୋଣ୍ଡାଙ୍କୁ ଦିଆଯାଇଥିବା ଏକ ବାର୍ତ୍ତାରେ ନିଜକୁ ରଶ୍ମିକା ମନ୍ଦାନା ଦେବରକୋଣ୍ଡା ବୋଲି ସମ୍ବୋଧନ କରିଛନ୍ତି । ଗାଁରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ‘ଆଜି ମୁଁ ଏହି କାର୍ଯ୍ୟକ୍ରମରେ ଖୁବ୍ କମ୍ କହିବି । ହେଲେ ଆମେ ‘ଦେବରକୋଣ୍ଡା ଫାଉଣ୍ଡେସନ’ ମାଧ୍ୟମରେ ଏକ ଭଲ ଆରମ୍ଭ କରିଛୁ । ଏହାର ଆରମ୍ଭ ଆମେ ଅଚମପେଟ ଏବଂ ଥୁମ୍ମନପେଟରୁ କରୁଛି, ଯାହାକି ମୋ ଶ୍ୱଶୁରଙ୍କ ଗାଁ । ଆଜି ମୁଁ ଆପଣମାନଙ୍କ ସାମ୍ନାରେ ରଶ୍ମିକା ମନ୍ଦାନା ଦେବରକୋଣ୍ଡା ଭାବେ ଛିଡ଼ା ହେଇଛି ଏବଂ ଏହାକୁ ନେଇ ମୁଁ ବହୁତ ଖୁସି ଅଛି ।’ ଅନ୍ୟପଟେ ରଶ୍ମିକା ଓ ବିଜୟ ଦେବରକୋଣ୍ଡା ଏକାଠି ‘ରାଣାବାଲୀ’ ସିନେମାରେ ନଜର ଆସିବେ । କୁହାଯାଉଛି ସେପ୍ଟେମ୍ବର ୧୧ରେ ଏହି ସିନେମା ତମୁକ୍ତିଲାଭ କରିବ । ■



## ପରଦା ପଛର କାହାଣୀ

# ସୁଟିଂ ପାଇଁ ତିନି ଦିନ ଅନିଦ୍ରା

ପରଦାରେ ଅଭିନୟକୁ ଜୀବନ୍ତ କରିବା ପାଇଁ କଳାକାରମାନଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼ିଥାଏ । ବଡି ଟ୍ରାନ୍ସଫର୍‌ମେସନ୍‌ଠୁ ଆରମ୍ଭ କରି ରାତି ଅନିଦ୍ରା ରହିବା, ମାନସିକ ପ୍ରସ୍ତୁତି କରିବା ଆଦି ସବୁ କିଛି କରିବାକୁ ପଡ଼ିଥାଏ । ସେମିତି ଏକ କାହାଣୀ ରାଜେଶ ଖାନ୍ନାଙ୍କ ଫିଲ୍ମ ‘ଆଖିର ଖତ’କୁ ନେଇ ରହିଛି । ଚେତନ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ସୁଟିଂ ପାଇଁ ରାଜେଶ ଖାନ୍ନାଙ୍କୁ ତିନିଦିନ ଅନିଦ୍ରା ରହିବାକୁ ପଡ଼ିଥିଲା । ଖୋଦ୍ ନିର୍ଦ୍ଦେଶକ ତାଙ୍କୁ ଅନିଦ୍ରା ରହିବା ପାଇଁ କହିଥିଲେ । ଫିଲ୍ମରେ ରାଜେଶଙ୍କର ଏକ ଚିନ୍ତିତ ବ୍ୟକ୍ତିର ଦୃଶ୍ୟ ସୁଟିଂ ଥିଲା । ତେଣୁ ରାଜେଶଙ୍କ ଚେହେରାରେ ସତସତିକା କ୍ଲାନ୍ତ ଏବଂ ଥକ୍କାପଣ ଆଣିବା ପାଇଁ ନିର୍ଦ୍ଦେଶକ ତାଙ୍କୁ ରାତିଅଧରେ ଫୋନ୍ କରି ଜାଗ୍ରତ କରିଥିଲେ । ଶେଷରେ ନିର୍ଦ୍ଦେଶକଙ୍କ ଏହି କୌଶଳ ମଧ୍ୟ କାର୍ଯ୍ୟ କରିଥିଲା । ରାଜେଶ ଖାନ୍ନା ସେଟ୍‌କୁ ଆସିବା ପରେ ଖୁବ୍ କ୍ଲାନ୍ତ ଦେଖାଯାଉଥିଲେ । ଯାହା ଫଳରେ ସୁଟିଂ ସଫଳ ହୋଇପାରିଥିଲା । ଏହି ଫିଲ୍ମରେ ରାଜେଶ ଖାନ୍ନା ଏବଂ ମାଷ୍ଟର ବଣ୍ଟି ବହଲଙ୍କୁ ପରିଚିତ କରାଯାଇଥିଲା । ୨୦ ବର୍ଷ ପରେ ଦୁହେଁ, ଫିଲ୍ମ ‘ଅମୃତ’ରେ ଜେଜେ-ନାତି ଚରିତ୍ରରେ ନଜର ଆସିଥିଲେ । ଏହି ଫିଲ୍ମରେ ଗୋବିନ୍ଦ ନାମକ ଯୁବକଙ୍କର କାହାଣୀ ଦର୍ଶାଯାଇଛି । ଯାହାଙ୍କୁ ଲଜୌଙ୍କ ସହ ପ୍ରେମ ହୋଇଛି । ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ପରବର୍ତ୍ତୀ ସମୟରେ ଗୋବିନ୍ଦ ଚାକିରି ଅନ୍ୱେଷଣରେ ସହର ପଳେଇ ଆସନ୍ତି । ତେବେ ଲଜୌଙ୍କୁ ସାଥିରେ ନେବା ପାଇଁ କଥା ଦିଅନ୍ତି । ହେଲେ ପରିସ୍ଥିତି ସବୁକିଛି ବଦଳେଇ ଦିଏ ।



ପୁଅଟିଏ ଜନ୍ମ ଦେବା ପରେ ଲଜୌଙ୍କ ମୃତ୍ୟୁ ହୁଏ । ତେବେ ସେ ମରିବା ପୂର୍ବରୁ ପୁଅର ଧ୍ୟାନ ରଖିବାକୁ ନେଇ ଗୋବିନ୍ଦଙ୍କୁ ଏକ ଶେଷ ଚିଠି ଲେଖନ୍ତି । ଏହାପରେ ପିଲାଟି ମୁମ୍ବାଇରେ ରାସ୍ତାରେ କିପରି ହଜିଯାଏ ତାହା ଦର୍ଶାଯାଇଛି । ସେଠାରେ ତାଙ୍କ ପିତା ତାଙ୍କୁ କିପରି ଖୋଜୁଛନ୍ତି, ତାହା ପ୍ରଦର୍ଶିତ ହୋଇଛି । ଏହି ଫିଲ୍ମକୁ ସୁଟ୍ କରିବା ଖୁବ୍ କଠିନ ଥିଲା । ■






■ ୭୧ ସେକେଣ୍ଡରେ ଗୋଲ୍ ଦେଲେ ସାଇବାରି

# ମରୋକ୍କୋ ଆଶା ଉଜ୍ଜୀବିତ

ଫର୍କବର୍ଗ,୨୦।୬(ଏଜେନ୍ସି): ମାତ୍ର ୭୧ ସେକେଣ୍ଡରେ ଗୋଲ ଦେଇ ମରକ୍କୋର ଇସ୍ମାଏଲ ସାଇବାରୀ ଫିଫା ବିଶ୍ୱକପ୍‌ରେ ଦ୍ରୁତତମ ଗୋଲ ଦେବାର ରେକର୍ଡ କରିଛନ୍ତି। ଏହି ରେକର୍ଡ ପୂର୍ବରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଗୋଲ ଦେଇଥିବା ଚେକିଆର ମିକାଲ ସାଦିଲେକଙ୍କ ନାମରେ ଥିଲା। ସେ ୫ମିନିଟ୍ ୮ ସେକେଣ୍ଡରେ ଏହି ଗୋଲ ଦେଇଥିଲେ। ସାଇବାରିଙ୍କ ଦ୍ରୁତତମ ଗୋଲ ବଳରେ ମରୋକ୍କୋ ୧-୦ ଗୋଲରେ ସ୍କଟଲାଣ୍ଡକୁ ପରାସ୍ତ କରି ନକ୍‌ଆଉଟକୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରଖିଛି। ଦଳ ୨ଟି ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ବ୍ରାଜିଲ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଦଳ ଶେଷ ଲିଗ୍ ମ୍ୟାଚ୍‌ରେ ଦୁର୍ବଳ ହାଇତିକୁ ଭେଟିବ। ଏହି ମ୍ୟାଚ୍ ଡ୍ର ରଖିଲେ ମଧ୍ୟ ମରୋକ୍କୋ ନକ୍‌ଆଉଟକୁ ଉନ୍ନୀତ ହେବ। ଅନ୍ୟପକ୍ଷରେ ଏହି ମ୍ୟାଚ୍‌ରେ ଗୋଲ ଦେଇ ସାଇବାରି କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଗୋଲ ଦେବାରେ ମରୋକ୍କୋର ପ୍ରଥମ ଖେଳାଳି ହୋଇଛନ୍ତି। ସେ ମଧ୍ୟ ଫିଫା ବିଶ୍ୱକପ୍‌ର କ୍ରମାଗତ ସଂସ୍କରଣର ପ୍ରଥମ ମ୍ୟାଚ୍‌ରେ ଗୋଲ ଦେଇ ମହମ୍ମଦ ସାଲାଙ୍କ ସହ ସମକକ୍ଷ ହୋଇଛନ୍ତି। ମରୋକ୍କୋର ଲଢୁଆ ଖେଳ ଆଫ୍ରିକୀୟ ରାଷ୍ଟ୍ରକୁ ବେଶଉ ଉତ୍ସାହିତ କରିଛି।

■ ମୁହଁ ଲୁଚାଇ କଥା ହେବାରୁ ଆଲମିରନ୍‌ଙ୍କୁ ରେଡ୍‌କାର୍ଡ

# ତୁର୍କୀକୁ ହରାଇଲା ପାରାଗୁଏ



ସାଣ୍ଟା କ୍ଲାରା,୨୦।୬(ଏଜେନ୍ସି): ମୁହଁ ଲୁଚାଇ ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କ ସହ କଥା ହୋଇ ପାରାଗୁଏର ମିଗୁଏଲ ଆଲମିରନଙ୍କୁ ମିଳିଛି ରେଡକାର୍ଡ। ପ୍ରଥମାର୍ଦ୍ଧ ଖେଳର ଷ୍ଟପେଜ୍ ଟାଇମ୍‌ରେ ପାରାଗୁଏର ଆଲମିରନ ପ୍ରତିପକ୍ଷ ତୁର୍କୀର ଜଣେ ଖେଳାଳି ମର୍ଟ ମୁଲରଙ୍କ ସହ କଥା ହେଉଥିଲେ। ଏହି ଘଟଣାକୁ ତୁର୍କୀର ଜଣେ ଖେଳାଳି ନିକଟରେ ଥିବା ଫିଫା ଅଫିସିଆଲଙ୍କୁ ଜଣାଇଥିଲେ। ଏହି ଅଫିସିଆଲ ଜଣଙ୍କ ଭିଡିଓ ଆସିଷ୍ଟାଣ୍ଟ ରେଫରୀଙ୍କୁ ନିଷ୍ପତ୍ତି ନେବାକୁ କହିଥିଲେ। ଭିଏଆର୍ ଏହାକୁ ଦେଖିବା ପରେ ଆଲମିରନ ମୁହଁକୁ ହାତରେ ଲୁଚାଇ କଥା ହେଉଥିବାରୁ ଚଳିତ ବିଶ୍ୱକପ୍‌ରେ ଲାଗୁ ହୋଇଥିବା ନୂଆ ନିୟମ ଅନୁଯାୟୀ ରେଡ୍‌କାର୍ଡ ଦେଇଥିଲେ। ଫଳରେ ପାରାଗୁଏ ଦ୍ୱିତୀୟାର୍ଦ୍ଧରେ ୧୦ଜଣ ଖେଳାଳିଙ୍କୁ ନେଇ ଖେଳିଥିଲା। ଖେଳର ଦ୍ୱିତୀୟ ମିନିଟ୍‌ରେ ମାଟିଆସ୍ ଗାଲର୍‌ଜାଙ୍କ ଗୋଲ ବଳରେ ପାରାଗୁଏ ଏହି ମ୍ୟାଚ୍‌କୁ ଜିତିଥିଲା। ଅନ୍ୟ ପକ୍ଷରେ କ୍ରମାଗତ ପରାଜୟ ସହ ତୁର୍କୀ ମଧ୍ୟ ବିଶ୍ୱକପ୍‌ରୁ ବାଦ୍ ପଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି ଗ୍ରୁପ୍‌ରେ ଉଭୟ ଅଷ୍ଟ୍ରେଲିଆ ଓ ପାରାଗୁଏ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଆମେରିକା ୨ଟି ମ୍ୟାଚ୍ ଜିତିଛି। ତୁର୍କୀ ୨ଟି ଯାକ ମ୍ୟାଚ୍‌ରେ ପରାଜିତ ହୋଇଛି।

ଅଷ୍ଟ୍ରେଲିଆ ୦-୨ ଗୋଲ୍‌ରେ ପରାସ୍ତ

# ୯୬ ବର୍ଷ ପରେ ଆମେରିକାର କ୍ରମାଗତ ବିଜୟ

ସିଆଟଲ,୨୦।୬(ଏଜେନ୍ସି)

ସ୍ଥାନୀୟ ସିଆଟଲ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ଫିଫା ବିଶ୍ୱକପ୍ ଗ୍ରୁପ୍-ଡି'ର ଏକ ଗୁରୁତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚ୍‌ରେ ଆମେରିକା ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୨-୦ ଗୋଲରେ ପରାସ୍ତ କରିଛି। ଏହି ବିଜୟ ଫଳରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରି ମେକ୍ସିକୋ ପରେ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟ ବା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛି। ଏହା ସହ ଦୀର୍ଘ ୯୬ ବର୍ଷ ପରେ ଆମେରିକା ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ କ୍ରମାଗତ ବିଜୟ ହାସଲ କରିଛି। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ଲିଗ୍ ମ୍ୟାଚ୍‌ରେ ଆମେରିକା ୪-୧ ଗୋଲରେ ପରାଗୁଏକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆର କାମେରନ୍ ବୁର୍ଜେସ (ଓନ୍ ଗୋଲ) ଆତ୍ମଘାତୀ ଗୋଲ ଓ ଆମେରିକା ପକ୍ଷରୁ ଆଲେକ୍ସ ଫ୍ରି ମ୍ୟାନ୍ ଗୋଟିଏ ଗୋଲ ସ୍କୋର କରିଥିଲେ। ୧୯୩୦ରେ ଅନୁଷ୍ଠିତ ପ୍ରଥମ ବିଶ୍ୱକପ୍‌ରେ ଆମେରିକା ପ୍ରଥମେ ବେଲଜିୟମକୁ ୩-୦ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ପାରାଗୁଏକୁ ୩-୦ ଗୋଲରେ ପରାସ୍ତ କରି କ୍ରମାଗତ ବିଜୟ ହାସଲ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଆମେରିକା ତୃତୀୟସ୍ଥାନ ଅଧିକାର କରି ବିଶ୍ୱକପ୍ ଇତିହାସରେ ଶ୍ରେଷ୍ଠ ସଫଳତା ହାସଲ କରିଥିଲା। ଗ୍ରୁପ୍‌ର ତୃତୀୟ ତଥା ଶେଷ ରାଉଣ୍ଡ ମୁକାବିଲାରେ ତୁର୍କୀ ସହ ଆମେରିକା ଓ ପାରାଗୁଏ ସହ ଅଷ୍ଟ୍ରେଲିଆର ମୁକାବିଲା ହେବ। ଏହି ମୁକାବିଲା ପରେ ଗ୍ରୁପ୍‌ରୁ କେଉଁ ଦୁଇ କିମ୍ବା ୩ ଦଳ ନକ୍‌ଆଉଟ୍‌କୁ ଉନ୍ନୀତ ହେବେ ତାହା ସ୍ପଷ୍ଟ ହେବ।



ସିଆଟଲ ଷ୍ଟାଡିୟମ୍‌ରେ ଭରପୂର ଦର୍ଶକଙ୍କ ଉପସ୍ଥିତିରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବିପଜ୍ଜନକ ଅଷ୍ଟ୍ରେଲିଆକୁ ମୁକାବିଲା କରିବା କଷ୍ଟକର ହୋଇଥିଲା। ମାଂସପେସୀ ଟାଣି ହୋଇଯାଇଥିବାରୁ ଆମେରିକା ଅଧିନାୟକ କ୍ରିଷ୍ଟିଆନ ପୁଲିସିକ୍ ଏହି ମ୍ୟାଚ୍ ଖେଳି ନ ଥିଲେ। କିନ୍ତୁ ଆଲଜେରିଆ ମାତା/ପିତାଙ୍କଠାରୁ ଜନ୍ମିତ ଓ ଇଂଲଣ୍ଡରେ ଖେଳଜୀବନ ଆରମ୍ଭ କରିଥିବା ବାଲୋଗାନ୍‌ଙ୍କ ଚମତ୍କାର ଆକ୍ରମଣ ଫଳରେ ଅଷ୍ଟ୍ରେଲିଆର ଡିଫେନ୍ସ ହଡବଡେଇ ଯାଇଥିଲା। ଆମେରିକା ମଧ୍ୟ ସଂଗଠିତ ଭାବେ ଆକ୍ରମଣ ରଚନା କରିଥିଲା। ଖେଳର ୧୧ତମ ମିନିଟ୍‌ରେ ୱେଷ୍ଟନ ମ୍ୟାକ୍‌କେନୀଙ୍କଠାରୁ ପାସ୍ ପାଇ ଫ୍ଲୋରିଆନ୍ ବାଲୋଗୁନ୍ ଏକାକୀ ୩ଜଣ ଖେଳାଳିଙ୍କୁ ଅତିକ୍ରମ କରି ବକ୍ସକୁ ସଟ୍ ମାରିଥିଲେ। ଅଷ୍ଟ୍ରେଲିଆର ଡିଫେଣ୍ଡର କାମେରନ ବର୍ଜେସ ବଲକୁ ନିୟନ୍ତ୍ରଣ କରି ନ ପାରି ବଲକୁ ନିଜ ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଦଳକୁ ଏହି ଆଡଭାଣ୍ଟେଜ୍ ମିଳିଲା ପରେ ଅଧିକ ଉତ୍ସାହିତ ହୋଇ ଖେଳିଥିଲା ଘରୋଇ ଦଳ। ଖେଳର ୪୩ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ଗୋଲ ପୋଷ୍ଟ ଆଗରେ ମେଳି ହୋଇଯାଇଥିଲା। ବଲକୁ ବାହାର କରିବାକୁ ଯାଇ ଅଷ୍ଟ୍ରେଲିଆ ଡିଫେଣ୍ଡର ସର୍ଗିନୋ ଡେଷ୍ଟ ବଲ୍‌କୁ ଜୋରରେ ସଟ୍ ମାରିଥିଲେ। ବଲ୍‌ଟି ବାହାରକୁ ଯିବା ପରିବର୍ତ୍ତେ ପୋଷ୍ଟ ନିକଟରେ ପଡିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଆମେରିକାର ଆଲେକ୍ସ ଫ୍ରିମ୍ୟାନ୍ ତୁରନ୍ତ ବଲ୍‌କୁ ପୋଷ୍ଟ ମଧ୍ୟକୁ ପଠାଇ ଦଳଲାଗି ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଏହା ପରେ ଉଭୟ ଦଳ ଗୋଲ କରିବାକୁ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ ସେଥିରେ କେହି ସଫଳ ହୋଇପାରି ନ ଥିଲେ।

**ହୋମ୍ ଅଫିସ୍ ପ୍ଲେୟର**: ଚଳିତ ଫିଫା ବିଶ୍ୱକପ୍‌ରେ ଆଘାତ ଯୋଗୁଁ ପ୍ରଥମ ୨ଟି ମ୍ୟାଚ୍ ଖେଳିପାରି ନ ଥିବା ନେମାରଙ୍କୁ 'ହୋମ୍ ଅଫିସ ପ୍ଲେୟର' କହି ପରିହାସ କରିଛନ୍ତି ବ୍ରାଜିଲ ରାଷ୍ଟ୍ରପତି ଲୁଲା। ନେମାର କିନ୍ତୁ ସ୍କଟ୍‌ଲାଣ୍ଡ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍ ଖେଳିବେ ବୋଲି କୋଚ୍ କାର୍ଲୋ ଆନ୍‌ସେଲୋଟି ସ୍ପଷ୍ଟ କରିଛନ୍ତି।



| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୨୧, ରବିବାର ରାତି |
| ସ୍ପେନ୍-ସାଉଦି ଆରବ |
| ଆଟଲାଣ୍ଟା, ରାତି ୯.୩୦ |
| ବେଲ୍‌ଜିୟମ-ଇରାନ |
| ଲସ୍‌ଏଞ୍ଜେଲସ, ରାତି ୧୨.୩୦ |
| ଜୁନ୍-୨୨ ସୋମବାର ସକାଳ |
| ଉରୁଗୁଏ-କେପ୍ ଭର୍ଡ |
| ମିଆମି, ରାତି ୩.୩୦ |
| ନ୍ୟୁଜିଲାଣ୍ଡ-ଇଜିପ୍ଟ |
| ଭାଙ୍କୋଭର, ସକାଳ ୬.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

# ବ୍ରାଜିଲ ୩-୦ରେ ଜିତିଲା, ହାଇତି ବିଦା

ଫିଲାଡେଲଫିଆ,୨୦।୬(ଏଜେନ୍ସି): ଦୁଇ ଫରୱାର୍ଡ ଖେଳାଳି ମାଥିୟସ କୁନାଙ୍କ ଡବଲ ଗୋଲ ଓ ଭିନିସିଅସ ଜୁନିଅରଙ୍କ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଗୋଲ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ଗ୍ରୁପ୍-ସି' ମୁକାବିଲାରେ ବ୍ରାଜିଲ ୩-୦ ଗୋଲରେ ହାଇତିକୁ ପରାସ୍ତ କରିଛି। ଏହା ଫଳରେ ଗ୍ରୁପ୍-ସି'ରେ ବ୍ରାଜିଲ ପ୍ରଥମସ୍ଥାନ ଅଧିକାର କରିଛି। ବ୍ରାଜିଲ ତାହାର ପ୍ରଥମ ମୁକାବିଲାରେ ମରୋକ୍କୋ ସହ ମ୍ୟାଚ୍ ୧-୧ ଗୋଲରେ ଡ୍ର ରଖିଥିଲା। ଏହି ମ୍ୟାଚ୍‌ରେ ଭିନିସିଅସ ଜୁନିଅର ଗୋଲ ଦେଇ ବ୍ରାଜିଲ୍‌କୁ ନିଶ୍ଚିତ ପରାଜୟରୁ ରକ୍ଷା କରିଥିଲେ। ଏଠାରେ ଦୁର୍ବଳ ହାଇତି ବିପକ୍ଷରେ ବ୍ରାଜିଲ ଅଧାଡଜନେ ଗୋଲରେ ଜିତିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦଳ ପ୍ରଥମାର୍ଦ୍ଧରେ ୩-୦ ଗୋଲରେ ଜିତିବା ପରେ ଦ୍ୱିତୀୟାର୍ଦ୍ଧରେ ମନ୍ଥର ଖେଳିଥିଲା। ଫଳରେ ଆଉ ଗୋଲ ସ୍କୋର ହୋଇ ନ ଥିଲା। ହାଇତି ମଧ୍ୟ ଭଲ ଖେଳିଥିଲା। ଏହି ଗ୍ରୁପ୍‌ର ଅନ୍ୟଏକ ମ୍ୟାଚ୍‌ରେ ମରୋକ୍କୋ ୧-୦ ଗୋଲରେ ସ୍କଟଲାଣ୍ଡକୁ ପରାସ୍ତ କରିବା ଫଳରେ କ୍ରମାଗତ ପରାଜୟ ସହ ହାଇତି ପ୍ରତିଯୋଗିତାରୁ ବିଦା ହୋଇଛି। ବ୍ରାଜିଲ ଓ ମରୋକ୍କୋ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରଥମ ଦୁଇଟି ସ୍ଥାନରେ ଏବଂ ସ୍କଟଲାଣ୍ଡ ଗୋଟିଏ ବିଜୟ ସହ ୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।



ଫିଲାଡେଲଫିଆ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ଟି ବ୍ରାଜିଲ ନିୟନ୍ତ୍ରଣରେ ରହିଥିଲା। ଖେଳର ୨୩ତମ ଓ ୩୬ତମ ମିନିଟ୍‌ରେ କୁନା ୨ଟି ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଉଭୟ ଗୋଲ ଦେବାରେ ବ୍ରାଜିଲକୁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ି ନ ଥିଲା। ପ୍ରଥମାର୍ଦ୍ଧ ଷ୍ଟପେଜ୍ ଟାଇମ୍‌ରେ ଭିନିସିଅସ୍ ଜୁନିଅର ଆଉ ଏକ ଗୋଲ ଦେବା ଫଳରେ ମ୍ୟାଚଟି ଏକତରଫା ଭାବେ ବ୍ରାଜିଲ ନିକଟକୁ ଚାଲିଯାଇଥିଲା।

■ ଟେଷ୍ଟରେ ୧୪ ହଜାର ରନ

## ସଚିନଙ୍କ ପରେ ରୁଟ୍ ଦ୍ୱିତୀୟ ବ୍ୟାଟର୍

ଲଣ୍ଡନ, ୨୦।୬ (ଏଜେନ୍ସି): ବିଶ୍ୱର ଦ୍ୱିତୀୟ କ୍ରିକେଟର୍ ଭାବେ ଇଂଲଣ୍ଡର ଜୋ ରୁଟ୍ ଟେଷ୍ଟ କ୍ରିକେଟ୍‌ରେ ୧୪ ହଜାର ରନ ସଂଗ୍ରହ କରିଛନ୍ତି। ସ୍ଥାନୀୟ ଦି ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଚତୁର୍ଥ ଦିବସରେ ଶନିବାର ରୁଟ୍ ଏହି ସଫଳତା ହାସଲ କରିଥିଲେ। ଦ୍ୱିତୀୟ ଇନିଂସରେ ୨ ରନ କରିବା ପରେ ରୁଟ୍‌ଙ୍କ ଟେଷ୍ଟ ରନ ସଂଖ୍ୟା ୧୪ ହଜାର ମାଇଲଖୁଣ୍ଟ ଛୁଇଁଥିଲା। ୧୬୫ତମ ଟେଷ୍ଟ ମ୍ୟାଚରୁ ରୁଟ୍ ଏହି ସଫଳତା ପାଇଛନ୍ତି। ପୂର୍ବରୁ ବିଶ୍ୱର ପ୍ରଥମ ବ୍ୟାଟର୍ ଭାବେ ବ୍ୟାଟିଂ ମହାରାଥୀ ସଚିନ ତେନ୍ଦୁଲକର ୧୪ ହଜାର ଟେଷ୍ଟ ରନ ସଂଗ୍ରହ କରିଥିଲେ। ସଚିନ ୧୫,୯୨୧ ରନ ସହ ଟେଷ୍ଟରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର ରହିଛନ୍ତି।

ନେସନ୍ସ କପ୍ ମହିଳା ହକି

## ଚିଲିକୁ ହରାଇ ଫାଇନାଲରେ ଭାରତ

ଅକ୍‌ଲାଣ୍ଡ, ୨୦।୬ (ଏଜେନ୍ସି): ନ୍ୟୁଜିଲାଣ୍ଡରେ ଚାଲିଥିବା ଏଫଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ଅନୁଷ୍ଠିତ ଏକପାଖିଆ ସେମିଫାଇନାଲ ମୁକାବିଲାରେ ଭାରତ ୬-୦ ଗୋଲରେ ଚିଲି ମହିଳା ଦଳକୁ ହରାଇଥିଲା। ବିଜୟୀ ଭାରତୀୟ ଦଳ ପକ୍ଷରୁ ନବନୀତ କୌର ଓ ଦୀପିକା ସେରାୱତ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ତେବେ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଅଧିନାୟିକା ସାଲିମା ଟେଟେଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ରବିବାର ଗ୍ରାଣ୍ଡଫାଇନାଲରେ ଟାଇଟଲ୍ ପାଇଁ ଭାରତ ସହ ଆୟୋଜକ ନ୍ୟୁଜିଲାଣ୍ଡର ଲଢ଼େଇ ହେବ। ଅନ୍ୟ ଏକ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୧ (୧-୧) ଗୋଲରେ ଆମେରିକାକୁ ପରାସ୍ତ କରି ଫାଇନାଲକୁ ଉଠିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳ ଆଗାମୀ ଏଫଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ଟୁର୍ଣ୍ଣାମେଣ୍ଟକୁ ଯୋଗ୍ୟତା ଅର୍ଜନ କରିବ।

## ଏସିଆନ୍ ରିଲେରେ ଭାରତକୁ ୨ ପଦକ

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ଚାଇନାରେ ଚାଲିଥିବା ଏସିଆନ ରିଲେ ଚାମ୍ପିଅନସିପ୍‌ର ପ୍ରଥମ ଦିବସରେ ଭାରତକୁ ଦୁଇଟି ପଦକ ମିଳିଛି। ୪ ଗୁଣା ୪୦୦ ମିଟର ମିକ୍ସଡ୍ ଟିମ୍ ଇଭେଣ୍ଟରେ ଭାରତ ରୌପ୍ୟ ପଦକ ବିଜୟୀ ହୋଇଛି। ଏମଆର ପୁଭାମ୍ମା, ନୀରୁ ପାଠକ, ତ୍ରୀଥେଶ ସେଟ୍ଟୀ ଓ ଭରତ ଶ୍ରୀଧରଙ୍କୁ ନେଇ ଗଠିତ ଭାରତୀୟ ଦଳ ୩ ମିନିଟ୍ ୧୭.୦୬ ସେକେଣ୍ଡରେ ରେସ୍ ଫିନିଶ କରି ଦ୍ୱିତୀୟ ସ୍ଥାନରେ ରହିଥିଲା। ୪ ଗୁଣା ୧୦୦ ମିଟର ମିକ୍ସଡ ଟିମ ଇଭେଣ୍ଟରେ ଭାରତୀୟ ଦଳ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ କୁଜୁର, ପ୍ରଣବ ଗୌରବ, ତମନ୍ନା ଓ ସ୍ନେହ ଶନୁଭାଲ୍ଲି ଏହି ଦଳର ସଦସ୍ୟ ରହିଥିଲେ।

■ ଆଇସିସି ମହିଳା ଟି-୨୦ ବିଶ୍ୱକପ୍

## ଅଷ୍ଟ୍ରେଲିଆର ହ୍ୟାଟ୍ରିକ୍ ଜିତ୍

ସାଉଥାମ୍ପଟନ, ୨୦।୬ (ଏଜେନ୍ସି): ଇଂଲଣ୍ଡରେ ଚାଲିଥିବା ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଛଅଥରର ବିଜେତା ଅଷ୍ଟ୍ରେଲିଆ ହ୍ୟାଟ୍ରିକ ବିଜୟ ହାସଲ କରିଛି। ଶନିବାର ଏଠାରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ମୁକାବିଲାରେ ଅଷ୍ଟ୍ରେଲିଆ ୯୮ ରନର ବୃହତ୍ ବ୍ୟବଧାନରେ ନେଦରଲାଣ୍ଡସକୁ ହରାଇଦେଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଓପନର୍ ବେଥ୍ ମୁନୀ (୭୪ ରନ) ଓ ଆସଲେ ଗାର୍ଡନର (୫୮)ଙ୍କ ଅର୍ଦ୍ଧଶତକ ବଳରେ ୬ ୱିକେଟରେ ୨୧୯ ରନ କରିଥିଲା। ଜବାବରେ ନେଦରଲାଣ୍ଡସ ଧୀମା ବ୍ୟାଟିଂ କରି ୨୦ ଓଭର ଖେଳିଥିଲେ ମଧ୍ୟ ୩ ୱିକେଟ୍ ହରାଇ ମାତ୍ର ୧୨୧ ରନ କରିବାକୁ ସମର୍ଥ ହୋଇଥିଲା। ଅଧିନାୟିକା ବାବେଟ୍ଟେ ଡି ଲିଡ୍ ୫୭ ବଲରେ ୫୬ ରନର ଅପରାଜିତ ପାଳି ଖେଳିଥିଲେ। ଫଳରେ ହ୍ୟାଟ୍ରିକ ବିଜୟ ସହ ଅଷ୍ଟ୍ରେଲିଆ ୬ ପଏଣ୍ଟ ପାଇ ଗ୍ରୁପ୍-ଏ ଶୀର୍ଷକୁ ଉଠିଛି।

### ଆଜି ଦ.ଆଫ୍ରିକାକୁ ଭେଟିବ ଭାରତ

ଭାରତୀୟ ମହିଳା ଦଳ ଏହାର ୩ୟ ମ୍ୟାଚରେ ରବିବାର ଦକ୍ଷିଣ ଆଫ୍ରିକାକୁ ଭେଟିବ। ହରମନପ୍ରୀତ୍ କୌରଙ୍କ ଦଳ ପୂର୍ବରୁ ପ୍ରଥମ ମ୍ୟାଚରେ ୬୪ ରନରେ ପାକିସ୍ତାନକୁ ଓ ପରେ ୯୫ ରନରେ ନେଦରଲ୍ୟାଣ୍ଡସକୁ ହରାଇଥିଲା। ତେଣୁ ରବିବାର ମ୍ୟାଚରେ ବିଜୟୀ ହୋଇ ଭାରତ ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟବରଣ କରିଛି। ତେଣୁ ଏକାଧିକ ଅଲ୍‌ରାଉଣ୍ଡରଙ୍କୁ ନେଇ ଖଚିତ ଦକ୍ଷିଣ ଆଫ୍ରିକା ଏଠାରେ ବିଜୟୀ ହୋଇ ପଏଣ୍ଟ ଟେବୁଲରେ ସ୍ଥିତି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି।

ମ୍ୟାଚ୍ ଆରମ୍ଭ: ରାତି ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ

ତୃତୀୟ ଦିନିକିଆ: ପ୍ରସିଦ୍ଧ, ଯଶସ୍ୱୀଙ୍କ କମାଲ; ଆଫଗାନିସ୍ତାନର ହ୍ୟାଟ୍ରିକ୍ ହାର୍

# ଗିଲ୍‌ଙ୍କ ନେତୃତ୍ୱରେ ଭାରତର ପ୍ରଥମ ସିରିଜ୍ କବ୍‌ଜା

ଚେନ୍ନଇ, ୨୦।୬ (ଏଜେନ୍ସି)

ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କ ପାଞ୍ଚ ୱିକେଟ୍ ସଫଳତା ଓ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ବଳରେ ଶନିବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆରେ ଭାରତ ୯ ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଆଫଗାନିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୧୯ ରନର ଛୋଟିଆ ଲକ୍ଷ୍ୟକୁ ଭାରତ ଗୋଟିଏ ୱିକେଟ୍ ହରାଇ ୨୮.୪ ଓଭରରେ ହାସଲ କରିନେଇଥିଲା। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୭ ୱିକେଟ୍ ଓ ୧୭୦ ରନରେ ଜିତିଥିବା ଘରୋଇ ଦଳ ଏଥିସହ ସିରିଜକୁ କ୍ଲିନସୁଇପ୍ କରିନେଇଛି। ଶୁବମନ ଗିଲ୍ ଦିନିକିଆ ଦଳର ନେତୃତ୍ୱ ନେବାପରେ ଭାରତର ଏହା ପ୍ରଥମ ସିରିଜ ବିଜୟ ହୋଇଛି। ଭାରତ ଏବେ ଆୟର୍ଲାଣ୍ଡ ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ଜୁନ୍ ୨୬ ଓ ୨୮ରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ସେଠାରୁ ଇଂଲଣ୍ଡ ଗସ୍ତ କରି ଭାରତ ଜୁଲାଇ ୧ରୁ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳିବ।




### ଷଷ୍ଠ ଇନିଂସରୁ ଦ୍ୱିତୀୟ ଶତକ

ସ୍ଥାନୀୟ ଏମ୍ ଚିଦାମ୍ବରମ ଷ୍ଟାଡିୟମରେ ୨୧୯ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଭାରତ ପାଇଁ ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ଓ ଭେଟେରାନ ରୋହିତ୍ ଶର୍ମା ଦମ୍‌ଦାର ଆରମ୍ଭ କରିଥିଲେ। ଓପନିଂ ୱିକେଟ୍ ଭାଗୀଦାରିରେ ଏହି ଯୋଡ଼ି ୧୩୭ ବଲରୁ ୧୭୦ ରନ ଉଠାଇ ବିଜୟପଥ ପରିଷ୍କାର କରିଦେଇଥିଲେ। ତେବେ ୬୯ ବଲରେ ୭୯ ରନ (୯ ଚୌକା ଓ ୩ ଛକା) କରିଥିବାବେଳେ ରୋହିତ୍ ଆଉଟ୍ ହୋଇଥିଲେ। ଏହାପରେ ଜୟସ୍ୱାଲଙ୍କ ସହ ଶ୍ରେୟସ ଆୟର ଯୋଗଦେଇ ଦଳକୁ ୧୨୮ ବଲ୍ ବଳକା ଥାଇ ବିଜୟ ଭେଟି ଦେଇଥିଲେ। ଜୟସ୍ୱାଲ ୧୪ ଚୌକା ଓ ୩ ଛକା ବଳରେ ୮୬ ବଲରୁ ୧୧୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଷଷ୍ଠ ଇନିଂସରୁ ଜୟସ୍ୱାଲଙ୍କ ଏହା ଦ୍ୱିତୀୟ ଦିନିକିଆ ଶତକ ଥିଲା। ସେହିଭଳି ଆୟର ୧୯ ବଲରେ ୨୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ।

ପୂର୍ବରୁ ଟସ୍ ଜିତି ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପ୍ରସିଦ୍ଧ କ୍ରିଷ୍ଣାଙ୍କ ସୁଇଂ ଓ ବାଉନ୍ସକୁ ବୁଝି ନ ପାରି ୪୪.୨ ଓଭରରେ ୨୧୮ ରନରେ ସୀମିତ ରହିଥିଲା। ଅଧିନାୟକ ହସମତୁଲ୍ଲା ଶାହିଦୀ (୧୩୧ ବଲରେ ୧୦୨ ରନ)ଙ୍କ ଶତକ ଓ ଆଜମତୁଲ୍ଲା ଓମାରଜାଇ (୫୦ରନ)ଙ୍କ ଅର୍ଦ୍ଧଶତକକୁ ଛାଡ଼ିଦେଲେ ଅନ୍ୟକୌଣସି ଆଫଗାନ ବ୍ୟାଟର ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। କ୍ୟାରିୟରର ପ୍ରଥମଥର ଲାଗି ପାଞ୍ଚ ୱିକେଟ୍ ସଫଳତା ପାଇଥିବା ପ୍ରସିଦ୍ଧ (୮.୨-୨-୨୩-୫) ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

■ ତ୍ରିରାଷ୍ଟ୍ରୀୟ 'ଏ' ଦିନିକିଆ ସିରିଜ୍

## ଭାରତ-ଶ୍ରୀଲଙ୍କା ଫାଇନାଲ ଆଜି

ଦାମ୍ବୁଲା,୨୦।୬(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ 'ଏ' କ୍ରିକେଟ ସିରିଜ୍‌ର ଫାଇନାଲ ମୁକାବିଲା ଆସନ୍ତାକାଲି ଏଠାରେ ଅନୁଷ୍ଠିତ ହେବ। ଉଭୟ ଦଳ ଶେଷ ଲିଗ୍ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୧୦୦ରୁ ଊର୍ଦ୍ଧ୍ୱ ରନ୍ ବ୍ୟବଧାନରେ ପରାସ୍ତ କରି ଦମ୍‌ର ସହ ଫାଇନାଲ ମୁକାବିଲାକୁ ଆସିଛନ୍ତି। ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ୨ଟି ଲିଗ୍ ମ୍ୟାଚ୍‌ରୁ ଭାରତ ପ୍ରଥମଟିରେ ଏବଂ ଦ୍ୱିତୀୟ ମ୍ୟାଚ୍‌କୁ ଶ୍ରୀଲଙ୍କା ସୁପର ଓଭରରେ ଜିତିଥିଲା। କିନ୍ତୁ ଏହି ମ୍ୟାଚ୍‌ରେ ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କୁ ସ୍ଲେଜିଂ କରିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏପରିକି ସ୍ଲେଜିଂ କରିଥିବା ଶ୍ରୀଲଙ୍କା ଖେଳାଳି ବିଶେନଙ୍କ ବଡ଼ି ଟଚ୍ କରିଥିବାରୁ ସୂର୍ଯ୍ୟବଂଶୀଙ୍କୁ ଦଣ୍ଡିତ ହେବାକୁ ପଡ଼ିଥିଲା। ଏହି ମ୍ୟାଚ୍‌କୁ ଉଭୟ ଦଳର ଅଧିନାୟକ ହାଲକା ଭାବେ ନେଇଥିଲେ ମଧ୍ୟ ଖେଳାଳିମାନେ ଖୁବ୍ ଗୁରୁତ୍ୱ ଦେଉଛନ୍ତି। ବିଶେଷ କରି ସୂର୍ଯ୍ୟବଂଶୀଙ୍କ ଲାଗି ଭାରତ ଏହି ମ୍ୟାଚ୍ ଜିତୁ ବୋଲି ସମର୍ଥକ ମାନେ ଟିମ୍‌କୁ ଖୋଲା ଆହ୍ୱାନ ଦେଇଛନ୍ତି। ଫଳରେ ଏହି ମ୍ୟାଚ୍‌ର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି।

ଖେଳ ଆରମ୍ଭ : ପୂର୍ବାହ୍ଣ ୧୦ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS